ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman



ବାଲେଶ୍ୱର ■ ରବିବାର ୧୨ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 JULY 2020

Vol.No. 30 ■ No. 173 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


# କୋଭିଡ-୧୯ ମହାମାରୀ ପ୍ରସ୍ତୁତି ଉପରେ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ନୂଆଦିଲ୍ଲୀ,୧୧।୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଆଜି ଦେଶରେ କୋଭିଡ-୧୯ ସ୍ଥିତିର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷାବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷ ବର୍ଦ୍ଧନ, ସଦସ୍ୟ, ନୀତି ଆୟୋଗ, କ୍ୟାବିନେଟ ସଚିବ ଏବଂ ଭାରତ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଦେଶର ବିଭିନ୍ନ ଭାଗର ପରିସ୍ଥିତି ଏବଂ ରାଜ୍ୟଗୁଡିକର ପ୍ରସ୍ତୁତିକୁ ପ୍ରଧାନମନ୍ତ୍ରୀ ଅନୁଧ୍ୟାନ କରିଥିଲେ । ସର୍ବସାଧାରଣ ସ୍ଥାନରେ ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ସାମାଜିକ ଶୃଙ୍ଖଳାକୁ ଦୃଢ ଭାବେ ପାଳନ କରିବାକୁ ସୁନିଶ୍ଚିତ କରିବା ଲାଗ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କୋଭିଡ ଉପରେ ବ୍ୟାପକ ସଚେତନତା ଏବଂ ସଂକ୍ରମଣର ବୃଦ୍ଧିକୁ ରୋକିବା ଉପରେ ନିରନ୍ତର ଗୁରୁତ୍ୱ ଦିଆଯିବା ଉଚିତବୋଲିସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଏ ବାବଦରେ କୌଣସି ପ୍ରକାରରଢିଲାପଣକୁ ପରିତ୍ୟାଗ କରିବା ଆବଶ୍ୟକ । ଦିଲ୍ଲୀମହାମାରୀ ପରିସ୍ଥିତିରେ ସୁଧାର ଆଣିବାରେ କେନ୍ଦ୍ର, ରାଜ୍ୟ ତଥା ସ୍ଥାନୀୟ କର୍ତୃପକ୍ଷଙ୍କ ମିଳିତ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ସେ ଆହୁରି ମଧ ନିର୍ଦ୍ଦେଶ ଦେଇକହିଥିଲେ ଯେ, ସମଗ୍ର ଏନସିଆର ଅଂଚଳରେ କୋଭିଡ-୧୯ ମହାମାରୀକୁ ପ୍ରତିହତ କରିବା ଦିଗରେ ଅନ୍ୟ ରାଜ୍ୟ ସରକାରଙ୍କ ସହଯୋଗରେ ସମାନ ଆଭିମୁଖ୍ୟ ଗ୍ରହଣ କରାଯିବା ଉଚିତ । ଏହି ଅବସରରେ ଅହମ୍ମଦାବାଦରେ 'ଧନ୍ୱନ୍ତରୀ ରଥ' ମାଧ୍ୟମରେ ନିରୀକ୍ଷଣ ଏବଂ ଗୃହ ଭିତ୍ତିକ ଯତ୍ନର ସଫଳତାବିଷୟରେଚର୍ଚ୍ଚା କରାଯାଇଥିଲା ଏବଂ ଏହାକୁ ଅନ୍ୟ ସ୍ଥାନରେ ଅନୁକରଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଏହା ମଧ ନିର୍ଦ୍ଦେଶ ଦେଇଥିଲେ ଯେ ଉଚ୍ଚ ସଂକ୍ରମଣ ହାର ଥିବା ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ସ୍ତରର ନିରୀକ୍ଷଣ ଏବଂ ମାର୍ଗଦର୍ଶନ ସହାୟତାଉପଲବ୍ଧ କରାଇବା ଉଚିତ ।

# ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ



ଭୁବନେଶ୍ୱର,୧୧।୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏନେଇ ପାଣିପାଗ ବିଭାଗ ୧୪ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ବିଶେଷ କରି ଦେବଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଏହା ବ୍ୟତୀତ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୁରଭଂଜ, କଟକ, କନ୍ଧମାଳ , ଯାଜପୁର, ଭଦ୍ରକ , ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାର କିଛିସ୍ଥାନରେ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହ ବଜ୍ରପାତ ସମୟରେ ଘରୁ ନବାହାରିବାକୁ ପରାମର୍ଶ ଦିଆଯାଇଛି ।

## ଗତ ୨୪ ଘଂଟାରେ ଦେଶରେ ୨୭୧୧୪ଟି କରୋନାର ନୂଆ ମାମଲା: ୫୧୯ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୧।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୨୭୧୧୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୮୨୦୯୧୬ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୫୧୯ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ୨୮୩୪୦୭ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୨୨୧୨୩ ମୃତ୍ୟୁବରଣ କରିଛନ୍ତି । ଦେଶରେ ମୋଟ ୫୧୫୩୮୫ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ଆଉ ୫୭୦ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୧୨୫୨୬କୁ ବୃଦ୍ଧି

ଭୁବନେଶ୍ୱର,୧୧।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୫୭୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୨୫୨୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୫୭୦ ଜଣଙ୍କ ମଧ୍ୟରୁ ୩୮୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୮୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ପାଂଚ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୬୧ହେଲା



ଭୁବନେଶ୍ୱର,୧୧।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ପାଂଚ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ୨ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ କଟକ, ପୁରୀ ଜିଲ୍ଲାର ଜଣେ ଜଣେ ଓ ଭୁବନେଶ୍ୱରରୁ ଜଣେ ରହିଛନ୍ତି । ମୃତ୍ୟୁବରଣ କରିଥିବା ଚାରି ଜଣ ପୁରୁଷ ଓ ଜଣେ ମହିଳା ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

▶▶ପୃଷ୍ଠା ୭

## ମହାନଦୀ ଜଳ ବିବାଦ : ଟ୍ରିବ୍ୟୁନାଲରେ ପକ୍ଷ ରଖିଲେ ୪ ରାଜ୍ୟ



### ଅଗଷ୍ଟ ୮ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୧୧।୭ (ନି.ପ୍ର): ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ଶୁଣାଣି ବେଳେ ଶନିବାର ଦିନ ଇସ୍ୟୁ ସେଟେଲମେଂଟ ହୋଇଛି । ଓଡ଼ିଶା ଓ ଛତିଶଗଡ଼ ମଧରେ ଦାଖଲ କରାଯାଇଥିବା ପ୍ରସଙ୍ଗରେ ସହମତି ହୋଇଛି । ଯଦି କୌଣସି ପକ୍ଷର ଆପତି ଥାଏ, ତେବେ ସେ ଟ୍ରିବ୍ୟୁନାଲକୁ ଅବଗତ କରିପାରିବେ । ଉଭୟ ପକ୍ଷ ମଧରେ ୩୫-୪୦ଟି ପ୍ରସଙ୍ଗ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି । ଓଡ଼ିଶା ଓ ଛତିଶଗଡ଼କୁ ପରସ୍ପରର ଡକ୍ୟୁମେଂଟ ଯାଂଚ ଲାଗି ନିର୍ଦ୍ଦେଶ ଦିଆଯାଇଛି । ମାମଲାର ପରବର୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୮ ତାରିଖରେ ହେବ ବୋଲି ସୂଚନା ମିଳିଛି । ଶନିବାର ଦିନ ମାମଲାର ଶୁଣାଣି ବେଳେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ନିଜ ନିଜ ପକ୍ଷ ରଖିଥିଲେ । ଏହା ଆଗରୁ ଆପୋଷ ଆଲୋଚନା ଜରିଆରେ ଇସ୍ୟୁ ସେଟେଲମେଂଟ କରିବାକୁ ପରାମର୍ଶ ଦେଇଥିଲେ ଟ୍ରିବ୍ୟୁନାଲ । ଦରକାର ପଡ଼ିଲେ ଯୁଗ୍ମ ବୈଠକ କରି ସମାଧାନର ରାସ୍ତା ବାହାର କରିବାକୁ କହିଥିଲେ । ଏପରିକି କେନ୍ଦ୍ରୀୟ ଏଜେନ୍ସିର ସହାୟତା ବି ନେବାକୁ କହିଥିଲେ । ମାତ୍ର ଏହା ହୋଇପାରିନଥିଲା । ଏହା ପୂର୍ବରୁ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ ଯେ ଛତିଶଗଡରେ ସରକାର ପରିବର୍ତନ ହୋଇଥିଲେ ହେଁ ମହାନଦୀ

▶▶ପୃଷ୍ଠା ୭

# ବିଜେପିର ପ୍ରଥମ ଭର୍ଚୁଆଲ ବୈଠକରେ ଆଗାମୀ ୬ ମାସ ପାଇଁ ରାଜନୈତିକ ଖସଡ଼ା ପ୍ରସ୍ତୁତ

## ସଂଗଠନ, ସେବା, ସଂଘର୍ଷ ଓ ସମ୍ବାଦକୁ ଆଧାର କରି ଆଗକୁ ବଢ଼ିବା ପାଇଁ ରଣନୀତି ପ୍ରସ୍ତୁତ ହେଉ : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୧।୭ (ନି.ପ୍ର): ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ବିଜେପି ପଦାଧିକାରୀଙ୍କ ପ୍ରଥମ ଭର୍ଚୁଆଲ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଥିବା ବେଳେ ବୈଠକରେ ଆଗାମୀ ୬ ମାସ ପାଇଁ ରାଜନୈତିକ ଖସଡ଼ା ପ୍ରସ୍ତୁତ କରାଯାଇଛି । ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଦଳ ସଂଗଠନ, ସେବା, ସଂଘର୍ଷ ଓ ସମ୍ବାଦକୁ ଆଧାର କରି ଆଗକୁ ବଢ଼ିବା ପାଇଁ ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ରାଜନୀତିରେ ସେବାକୁ ହିଁ ମହତ୍ୱ ଦିଆଯାଇଛି । ଦଳ ନିର୍ବାଚନ ଜିତିବା ପାଇଁ ନୁହେଁ, ଦଳର ସଂଗଠନ କେବଳ କ୍ଷମତା ଦଖଲ କରିବା ପାଇଁ ନୁହେଁ ବରଂ ସମାଜକୁ ଭଲ ପାଇ ସେବା କରିବା, ସେବା ହିଁ ସଗଠନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶରେ ବିଗତ ସାଢେ ୩ ମାସ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ କ୍ରିୟାନ୍ୱୟନ କାରଣରୁ ଭାରତ ସରକାର ଦେଶର ନାଗରିକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିପାରିଛନ୍ତି । ଏହାସହ ବିଭିନ୍ନ ଭର୍ଚୁଆଲ ଜନସମ୍ବାଦ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ବାର୍ତାକୁ ଲୋକମାନଙ୍କ ପାଖରେ ପହଂଚାଯାଇ ପାରିଛି ଶ୍ରୀ ପ୍ରଧାନ କହିଛନ୍ତି । କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ଅଧିକ ଲାଭ ଓଡିଶା ପାଇଛି । ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଗାମୀ ୫ ମାସ ଯାଏଁ ବୃଦ୍ଧି କରାଯାଇଛି । ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାକୁ ମଧ୍ୟ ଆହୁରି ତିନିମାସ ବୃଦ୍ଧି କରାଯାଇଛି । ନିକଟରେ ଆତ୍ମନିର୍ଭର ପ୍ୟାକେଜରେ କୃଷି କ୍ଷେତ୍ର କିମ୍ବା ଏମଏସଏମଇ ହେଉ ଏହି ଯୋଜନାର ଅଧିକ ଲାଭ ଓଡିଶା ପାଇଛି । ଏହି କଥାକୁ ଲୋକମାନଙ୍କ ପାଖରେ ପହଁଚାଇବାର ଦାୟିତ୍ୱ ଦଳକୁ ନେବାର ଆବଶ୍ୟକତା ରହିଛି ।

▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ କରୋନା ଆକ୍ରାନ୍ତ ବିଧାୟକ, କରୋନା ଯୋଦ୍ଧା ଓ ରୋଗୀଙ୍କ ସହ ହେଲେ କଥାବାର୍ତ୍ତା



ଭୁବନେଶ୍ୱର,୧୧।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ କରୋନା ଆକ୍ରାନ୍ତ ହୋଇଥିବା ଦୁଇ ଜଣ ବିଧାୟକ ସୁକାନ୍ତ ନାୟକ, ପ୍ରଶାନ୍ତ ବେହେରାଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତା ହୋଇ ସେମାନଙ୍କର ଶୀଘ୍ର ଆରୋଗ୍ୟର କାମନା କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ କୋଭିଡ କାମରେ ଲାଗିଥିବା କରୋନା ଯୋଦ୍ଧା ଓ କରୋନା ରୋଗୀଙ୍କ ସହ କଥାବାର୍ତା କରିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ କରୋନା ଆକ୍ରାନ୍ତ ବିଧାୟକମାନଙ୍କ ସହ ଟେଲିଫୋନରେ କଥାବାର୍ତା ହେବା ସହ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ ଓ ତାଙ୍କର ଆଶୁ ଆରୋଗ୍ୟକାମନା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କରୋନା ଆକ୍ରାନ୍ତ ହୋଇ ବିଭିନ୍ନ କୋଭିଡ କେୟାର କେନ୍ଦ୍ର ମାନଙ୍କର ଚିକିତ୍ସିତ ହେଉଥିବା କରୋନା ଯୋଦ୍ଧା ମାନଙ୍କୁ ସହ କଥାବାର୍ତା କରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ସେ ସେମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିବା ସହ ସେମାନଙ୍କୁ ସବୁ ପ୍ରକାର ସହଯୋଗ ପ୍ରଦାନ କରା ଯିବ ବୋଲି କହିଥିଲେ । କରୋନା ଯୋଦ୍ଧା ମାନଙ୍କ ଦ୍ୱାରା କରା ଯାଉଥିବା କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଭିନ୍ନ କୋବିଡ କେୟାର କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କ ସହ ଆଲୋଚନା କରି ସେଠାକାର ସ୍ଥିତି ଓ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ।

## କଟକ ଏସସିବିରେ ପ୍ଲାଜମା ଥେରାପି ଆରମ୍ଭ

ଭୁବନେଶ୍ୱର,୧୧।୭ (ନି.ପ୍ର): କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ରେ ପ୍ଲାଜ୍ମା ଥେରାପି ଆରମ୍ଭ ହୋଇଛି । ଏହା ଜଟିଳ ରୋଗୀମାନଙ୍କୁ ଆରୋଗ୍ୟ ହେବାରେ ଅଧିକ ସହାୟକ ହେବ । ଜରୁରୀକାଳୀନ ଚିକିତ୍ସା ବିଭାଗ ଓ ବହିର୍ବିଭାଗରେ ରୋଗୀମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ଚିକିତ୍ସା କରାଯିବା ପାଇଁ ହସ୍ପିଟାଲ୍ କର୍ତୃପକ୍ଷ ମାର୍ଗଦର୍ଶିକା ଜାରି କରିଛନ୍ତି । ଗ୍ରୁପ୍ -'ଡି' କର୍ମଚାରୀମାନେ ସବୁ ରୋଗୀଙ୍କର ଥର୍ମାଲ ସ୍କ୍ରିନିଂ କରିବେ ।

# ଭୁବନେଶ୍ୱରରେ ସେରୋଲୋଜିକାଲ ସର୍ଭେଲାନ୍ସ ଆରମ୍ଭ



ଭୁବନେଶ୍ୱର,୧୧।୭ (ନି.ପ୍ର): ଆରଏମଆରସି ଓ ବିଏମସିର ମିଳିତ ସହଯୋଗରେ ରାଜଧାନୀରେ ସେରୋଲୋଜିକାଲ ସର୍ଭେଲାନ୍ସ ଆରମ୍ଭ ହୋଇଛି । ୫ଟି କ୍ଲଷ୍ଟରରେ ଏହି ସର୍ଭେ କାର୍ଯ୍ୟ କରାଯାଉଛି ବୋଲି ଆରଏମଆରସି ନିର୍ଦ୍ଦେଶିକା ଡା ସଂଘମିତ୍ରା ପତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଏହିସର୍ଭେ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ହେବ । ରୋଗ ପ୍ରତିରୋଧକ କମ୍ ଥିବା ବ୍ୟକ୍ତି, ସ୍ୱାସ୍ଥ୍ୟକର୍ମୀ, ସୁରକ୍ଷାକର୍ମୀ, ସାମ୍ବାଦିକ, ମ୍ୟୁନିସିପାଲ୍ କର୍ମଚାରୀ, ଡ୍ରାଇଭର, କଏଦୀ, ଦେକାନୀ, ବିମାନବନ୍ଦର କର୍ମଚାରୀ, ବସ୍ତି ଅଂଚଳ ଓ କଂଟେନମେଂଟ ଅଂଚଳରେ ରହୁଥିବା ଲୋକମାନଙ୍କଠାରୁ ପ୍ରାଥମିକତା ଭିତିରେ ନମୁନା ସଂଗ୍ରହ ହେଉଛି । ଏଥିପାଇଁ ୨୫ଟି ୱାର୍ଡକୁ ଚିହ୍ନଟ କରାଯାଇଛି । ଦୁଇଟି ପର୍ଯ୍ୟାୟରେ ସର୍ଭେଲାନ୍ସ ହେବ । ପ୍ରଥମ ପର୍ଯ୍ୟାୟରେ ୨୫ଶହରୁ ଅଧିକ ଲୋକଙ୍କଠାରୁ ନମୁନା ସଂଗ୍ରହ ହେବ । ଏହି ପ୍ରକ୍ରିୟା ୧୦ରୁ ୧୨ ଦିନ ମଧରେ ଶେଷ ହେବ । ଏହାର ୨୮ ଦିନ ପରେ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେଲାନ୍ସ କରାଯିବ । ଅନ୍ୟପକ୍ଷରେ ଆସନ୍ତା ୧୫ ତାରିଖରୁ ପୁରୀରେ ଆଂଟିବଡି ଟେଷ୍ଟ ବା ସେରୋଲୋଜିକାଲ୍ ଟେଷ୍ଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

▶▶ପୃଷ୍ଠା ୭

# ସଂଗୀତା ମୋଟର୍ସ କର୍ମଚାରୀ ମୃତ୍ୟୁ ଘଟଣା : କଂଗ୍ରେସର ଧାରଣା ପରେ ୩ ଦିନ ସମୟ ନେଲା ପୁଲିସ :

## ନିଶା କାରବାର, ଅପରାଧିକ କାର୍ଯ୍ୟ ବନ୍ଦ କରିବାରେ ପୁଲିସ ବିଫଳ - କଂଗ୍ରେସ

ଭଦ୍ରକ, ୧୧/୭ (ହି.ସ.) - ସଂଗୀତା ମୋଟର୍ସର କର୍ମଚାରୀଙ୍କ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ସୋ'ରୁମ୍ ମାଲିକ ଚନ୍ଦନ ଶାହାଙ୍କୁ ଗିରଫ କରିବା ସହିତ ଭଦ୍ରକ ଜିଲ୍ଲାରେ ଚାଲିଥିବା ଅବାଧ ନିଶା କାରବାର ବନ୍ଦ କରିବା ଦାବି ନେଇ ଆଜି ଭଦ୍ରକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କୁ ନେତୃତ୍ୱରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ଗଣଧାରଣା ଦିଆ ଯାଇଥିଲା। ଭଦ୍ରକ ଗବସାହି ଅ ଳର ଚି ରଂଜନ ଜେନା ନାମକ ଯୁବକ ସଂଗୀତା ମୋଟର୍ସରେ କାର୍ଯ୍ୟ କରୁଥିବା ବେଳେ ସୋ'ରୁମ୍‌ର ମାଲିକ ଚନ୍ଦନ ଶାହାଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କଲେ। ଆତ୍ମହତ୍ୟା ପୂର୍ବରୁ ସେ ତାଙ୍କ ବୟାନ ଲେଖି ତାଙ୍କ ମୃତ୍ୟୁ ପାଇଁ ଚନ୍ଦନ ଶାହା ହିଁ ଦାୟୀ, ତାଙ୍କ ନିର୍ଯାତନା ସହି ନ ପାରି ସେ ଆତ୍ମହତ୍ୟା କରୁଛନ୍ତି ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ମଧ୍ୟ ପୁଲିସ ଚନ୍ଦନ ଶାହାଙ୍କୁ ଗିରଫ କରୁନାହିଁ। ଏଥି ସହିତ ଭଦ୍ରକରେ ନିଶା କାରବାରର ସମ୍ରାଟ ସାଜି ଜିଲ୍ଲାକୁ ନିଶା କବଳିତ କରିଥିବା ଶ୍ୟାମସୁନ୍ଦର ଗୁପ୍ତା ଜିଲ୍ଲା ତମାମ ନିଶାର ସାମ୍ରାଜ୍ୟ ସୃଷ୍ଟି କରି ଖୋଲାଖୋଲି ଦେଶୀ ମଦ କାରବାର କରୁଥିଲା ବେଳେ ପୁଲିସ ମାସିକିଆ ବଟି ନେଇ ଚୂପ୍ ରହିଛି। ସହରର ଯୁବ ସମାଜ୍ ଡ୍ରଗ୍ସ କବଳରେ କବଳିତ ହୋଇଥିଲେ ମଧ ଡ୍ରଗ୍ସ କାରବାର ବନ୍ଦ କରିବାରେ ପୁଲିସ ବିଫଳ। ପୁଲିସ ହେଲମେଟ୍ ଯା , ମାସ୍କ ଯା କରି ସାଧାରଣ ଲୋକଙ୍କୁ ହଇରାଣ କରିବା, ମାଡ ମାରିବା ଭଳି କାର୍ଯ୍ୟକୁ ପୁଲିସ ଦକ୍ଷତାର ସହିତ କରୁଥିବା ବେଳେ ନିଶା କାରବାର ବନ୍ଦ କରିବା କ୍ଷେତ୍ରରେ ପୁଲିସର ଦକ୍ଷତା ପୁରାପୁରି ଶୂନ୍ ବୋଲି ଶ୍ରୀ ମହାନ୍ତି ଆରୋପ କରିଛନ୍ତି। ତୁରନ୍ତ ଚନ୍ଦନ ଶାହାଙ୍କୁ ଗିରଫ କରିବା ସହିତ ବିହାରୀ ଅପରାଧି ଲିଙ୍କ୍ ମୁଖ୍ୟ ଶ୍ୟାମସୁନ୍ଦର ଗୁପ୍ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ତାଙ୍କ ସମ୍ପତିର ସ୍ୱତନ୍ତ୍ର ଟାସ୍କ ଫୋର୍ସ ମାଧ୍ୟମରେ ତଦନ୍ତ କରିବାକୁ ଶ୍ରୀ ମହାନ୍ତି ଦାବି କରି ଧାରଣାରେ ବସିଥିଲେ। ତେବେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା ଆଗାମୀ ୩ ଦିନ ମଧ୍ୟରେ ଚି ରଂଜନଙ୍କ ମୃତ୍ୟୁର ଅଭିଯୁକ୍ତ ଚନ୍ଦନ ଶାହାଙ୍କୁ ଗିରଫ କରାଯିବ ବୋଲି ପ୍ରତିଶୃତି ଦେବା ଏବଂ ଜିଲ୍ଲାରେ ଚାଲିଥିବା ନିଶା କାରବାର ବନ୍ଦ କରିବା କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୁଲିସ ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି। ଆଜି ଏହି ଧାରଣାରେ ଟାଉନ କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାଁ, ଭଣ୍ଡାରିପୋଖରୀ ନେତା ସୁବ୍ରତ ଦାସ, ପୂର୍ବତନ କାଉନସିଲର ଦିଲିପ ନାୟକ, ପୀତବାସ ଧଳ, ସେକ୍ ସମ୍‌ଦାନୀ, ଗୁଲାମ୍ ମଇରୁଦ୍ଦିନ, ଅସ୍‌ରଫ୍ ଅଲ୍ଲୀ ଖାଁ, ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଦାସ, ବିଜୟ ବାରିକ, ଇଲିୟାସ ଅଲ୍ଲୀ ଖାଁ, ରିଆଜ ଖାଁ, ପି ର ରିଆଜ୍, ସେକ୍ ଜିକ୍କୁ, ସେକ୍ ଲାଲୁ, ରଂଜନ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ମୟୂରଭଞ୍ଜ ସ୍ଥିତି ବିଗିଡ଼ିବା ଆରମ୍ଭ କରିଛି : ପଜିଟିଭ ସଂଖ୍ୟା ୩୧୭

ବାରିପଦା, ୧୧/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କରୋନା ସ୍ଥିତି କ୍ରମଶଃ ବିଗିଡ଼ିବା ଆରମ୍ଭ କରିଛି। ଜିଲ୍ଲାରେ ସର୍ବପ୍ରଥମ କରୋନା ପଜିଟିଭ ମେ ୭ କପ୍ତିପଦା ବ୍ଲକ କ୍ୱାରେନଟିନ ସେଂଟରରୁ ଚିହ୍ନଟ ହୋଇଥିଲା ଏବଂ ଉକ୍ତ ଦିନରେ ମୋଟ ୪ ଜଣ ସୁରଟ ଫେରନ୍ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ମେ ୭ରୁ ଜୁଲାଇ ୧୦ ଅର୍ଥାତ୍ ୬୪ ଦିନ ବ୍ୟବଧାନରେ ଜିଲ୍ଲାରେ ଦୈନିକ ୪.୯୫ରୁ ଅଧିକ ହାରରେ ମୋଟ ୩୧୭ ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ଜିଲ୍ଲାର ବିଭିନ୍ନ କ୍ୱରେନଟିନ କେନ୍ଦ୍ରରୁ ୨୦୫ ଜଣ, ହୋମ କ୍ୱରେନଟିନରୁ ୧୨ ଜଣ, ଲୋକାଲ କଂଟାକ୍ଟରୁ ୭୫ ଜଣଙ୍କ ସହିତ ୨୫ ଜଣ କୋଭିଡ଼-୧୯ ଯୁଦ୍ଧା ରହିଛନ୍ତି। ସେହିପରି ଜିଲ୍ଲାରେ ଜୁନ ୬ରେ ବହଳଦା ବ୍ଲକ ଅଂଚଳରୁ ଜଣେ ମହିଳା ପ୍ରଥମେ ଲୋକାଲ କଂଟାକ୍ଟରୁ ଚିହ୍ନଟ ହୋଇଥିବା ସମୟରେ ଜୁଲାଇ ୧୦ ଅର୍ଥାତ୍ ୩୫ ଦିନ ବ୍ୟବଧାନରେ ଦୈନିକ ୨.୧୪ ହିସାବରେ ଜିଲ୍ଲାରେ ୭୫ ଜଣ ଲୋକାଲ କଂଟାକ୍ଟରୁ ପଜିଟିଭ ଆସିଛନ୍ତି। ପୁଣି ଜୁନ ୧୪ରେ ପ୍ରଥମେ ବାରିପଦା ପୌରପରିଷଦରୁ ୩ ଜଣ କୋଭିଡ଼ ଯୁଦ୍ଧାଙ୍କ ରିପୋର୍ଟ ପଜିଟିଭ ଆସିଥିଲା ଏବଂ ୨୭ ଦିନ ବ୍ୟବଧାନରେ ଜିଲ୍ଲାରେ ୨୫ରୁ ଅଧିକ କୋଭିଡ଼-୧୯ ଯୁଦ୍ଧା କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବାର ଜଣାପଡ଼ିଛି। ଜିଲ୍ଲାରେ ଲୋକାଲ କଂଟାକ୍ଟ ଏବଂ କୋଭିଡ଼-୧୯ ଯୁଦ୍ଧା କରୋନା ଆକ୍ରାନ୍ତ ହେବା ଘଟଣା ଜିଲ୍ଲାର ସ୍ଥିତି ବିଗିଡ଼ିବା ଆରମ୍ଭ କରିଦେଇଥିବା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଉଛି। ଏହି ସମୟରେ ଉଭୟ ପ୍ରଶାସନ ଓ ଜିଲ୍ଲାବାସୀ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ଦେଖା ଦେଇଛି। କିନ୍ତୁ, ଜିଲ୍ଲାର ବିଭିନ୍ନ ବ୍ଲକ ସହିତ ସଦର ମହକୁମା ବାରିପଦା ସହରର ସ୍ଥିତାବସ୍ଥାକୁ ଅନୁଧ୍ୟାନ କଲେ କରୋନା ମୁକାବିଲା ନିମନ୍ତେ ଜାରି ହୋଇଥିବା ମାର୍ଗଦର୍ଶୀକାକୁ ଜନସାଧାରଣ, ସରକାରୀ କର୍ମଚାରୀ ଓ ବିଭିନ୍ନ ରାଜନୈତିକ ଦଳ ଅନୁପାଳନ କରିବାକୁ ପ୍ରସ୍ତୁତ ନଥିବାର ପରିଲକ୍ଷିତ ହୋଇଛି। ଏହି ସମୟରେ ଆଜି ମୟୂରଭଞ୍ଜ ଜିଲ୍ଲାରେ କୁଳିଅଣା-୧, ବହଳଦା-୧, ଜାମଦା-୧, ଯଶୀପୁର-୧, କୁସୁମୀ-୧, ଉଦଳା-୧, ଶୁକ୍ରୁଳି-୨, ରାଇରଙ୍ଗପୁର ବ୍ଲକରୁ ୪ ଏହିପରି ମୋଟ ୧୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରୁ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସମୟରେ କର୍ଣ୍ଣାଟକ-୧, ମହାରାଷ୍ଟ୍ର-୨ ଏବଂ ଛତିଶଗଡ଼ ରାଜ୍ୟ ଫେରନ୍ତା ଜଣେ ରହିଛନ୍ତି। ସେହିପରି ପ୍ରଥମ ଥର ରାଇରଙ୍ଗପୁର ବ୍ଲକରୁ-୪, କୁଳିଅଣା ବ୍ଲକରୁ-୧ ଓ ଶୁକ୍ରୁଳି ବ୍ଲକରୁ ୧ ଲୋକାଲ କଣ୍ଟାକ୍ଟରୁ ଏବଂ ଉଦଳା ଓ ଜାମଦା ବ୍ଲକ ଅଞ୍ଚଳରୁ ୨ ଜଣ କରୋନା ଯୁଦ୍ଧା କୋଭିଡ଼-୧୯ ଭୂତାଣୁ ସଂକ୍ରମିତ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତମାନଙ୍କୁ କୋଭିଡ଼ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି ଏବଂ ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରି ଯାଂଚ କରାଯାଉଛି ବୋଲି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଆଜି ଜିଲ୍ଲାରେ ୭ ଜଣ ସୁସ୍ଥ ହୋଇ ଫେରିଆସିଥିବା ବେଳେ ଜିଲ୍ଲାରେ ମୋଟ ସୁସ୍ଥ ସଂଖ୍ୟା ୨୨୦, ସକ୍ରିୟ ସଂଖ୍ୟା ୯୫ରେ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମୃତ୍ୟୁ ସଂଖ୍ୟା ୨ ଥିବାର ଜଣାପଡ଼ିଛି।

# ଅବହେଳିତ ଉପକାଗଙ୍ଗା ପର୍ଯ୍ୟଟନ ସ୍ଥଳୀ, ସରକାର ଦୃଷ୍ଟି ଦେବାକୁ ଦାବୀ

ନୂଆପଡା, ୧୧/୭ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ନାଗପଡା ପଂଚାୟତର ଝରଣାମାଲ ଗ୍ରାମ ଠାରୁ ୨ କିଲୋମିଟର ଦୂରତାରେ ଥିବା ଉପକା ଗଙ୍ଗା ପର୍ଯ୍ୟଟନସ୍ଥଳୀ ଅବହେଳିତ ଅବସ୍ଥାରେ ପଡିରହିଛି। ଏହି ପର୍ଯ୍ୟଟନସ୍ଥଳୀ ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡି ରହିଥିବା ବେଳେ ଏହି ପର୍ଯ୍ୟଟମନସ୍ଥଳୀର ବିକାଶ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି। ସୂଚନାମତେ ଏହି ପର୍ଯ୍ୟଟନସ୍ଥଳୀ ଉପକାଗଙ୍ଗା ଏହା ଏକ ଧାର୍ମିକ ପୀଠ ଅଟେ। ନୂଆପଡା ଜିଲ୍ଲା ୱେବସାଇଟରେ ମଧ୍ୟ ଏହାକୁ ପର୍ଯ୍ୟଟନସ୍ଥଳୀ ଭାବରେ ତାଲିକାଭୁକ୍ତ କରାଯାଇ ଏହାର ଫଟୋଚିତ୍ର ମଧ୍ୟ ସ୍ଥାନୀତ କରାଯାଇଛି। ଏହି ପର୍ଯ୍ୟଟନସ୍ଥଳୀରେ ବୋଡେନ ବ୍ଲକର ପାତଳଗଙ୍ଗା ପରି ମାଟିତଳୁ ସବୁ ବେଳେ ପାଣି ବାହାରୁଥିବା ଦେଖିବାକୁ ମିଳେ। ଏହାସହ ଏଠାରେ ଏକ ଭଗବାନ ଶିବଙ୍କ ମନ୍ଦିର, ଜଗନ୍ନାଥ ମନ୍ଦିର ରହିଅଛି। ପୁଣି ଏକ ନଦୀ କପାଟଧର ପ୍ରବାହିତ ହେଉଅଛି। ଅନେକ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା ସହ ଉପକାଗଙ୍ଗାରେ ସ୍ନାନ କରିଥାନ୍ତି। ଏହି ସ୍ଥାନ ପାହାଡ ଜଙ୍ଗଲ ଭିତରେ ଅବସ୍ଥିତ ଥିବାରୁ ଏହାର ଦୃଶ୍ୟ ଅତି ମନୋରମ ଅଟେ। କିନ୍ତୁ ଏହି ସ୍ଥାନର ରକ୍ଷଣ ବେକ୍ଷଣ ଅଭାବ କାରଣରୁ ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଏଠାରେ ପୌରାଣୀକ ସମ୍ପର୍କ ରହିଥିବାରୁ ହିନ୍ଦୁ ସମ୍ପ୍ରଦାୟର ଲୋକେ ବିଶ୍ୱାସ କରି ଏଠାକୁ ଆସିଥାନ୍ତି। ଏହି ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

### ରେଳ ଲାଇନ ପାଇଁ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ମିଳୁନି ପିଇବା ପାଣି

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): ହରିଦାସପୁର- ପାରାଦ୍ୱୀପ ରେଳପଥ ରେ ଅସନ୍ତା ଅଗଷ୍ଟ ୧୫ ସୁଦ୍ଧା ରେଳ ଚଳାଚଳ କରିବ ବୋଲି ସୂଚନା ମିଳୁଛି। ଏଥିପାଇଁ ବାକିଥିବା କାମ ପୂର୍ଣ୍ଣ କରିବା ପାଇଁ ଶ୍ରମିକ ମାନେ ଦୃତଗତି ରେ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି। ବିଦ୍ୟୁତିକରଣ, ଲାଇନ ମରାମତି, ସିଗନାଲ, ନିର୍ମାଣ, ସୌନ୍ଦର୍ଯ୍ୟକରଣ ଅଦି ୮ଟି ବିଭାଗରେ ଶତାଧିକ ଶ୍ରମିକ ସକାଳ ୯ରୁ ସଂନ୍ଧ୍ୟା ୬ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କ ପାଇଁ ପିଇବା ପାଇଁ ପାଣିର ବ୍ୟବସ୍ଥା ସଂସ୍ଥା ପକ୍ଷରୁ କରାଯାଇ ନାହିଁ। ଗୋପଛକ ଷ୍ଟେସନ ନିକଟରେ ପାନୀୟ ଜଳ ପାଇଁ ବୋରିଙ୍ଗ କରାଯାଇ ଥିଲେ ମଧ ଏହାକୁ ଢାଙ୍କୁଣୀ ଦିଆଯାଇ ରଖାଯାଇ ଥିବାରୁ ଶ୍ରମିକ ମାନେ ପାଣି ପିଇବା ପାଇଁ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି। ରେଲୱେ କତୃପକ୍ଷ ଓ କାମ ନେଇଥିବା ଠିକା ସଂସ୍ଥା ମାନେ ତୁରନ୍ତ ଶ୍ରମିକ ମାନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ବ୍ରହ୍ମପୁର ସହରର ୩୫ ସାହି ବସ୍ତିରେ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ, ୧୧/୭ (ନି.ପ୍ର): ବ୍ରହ୍ମପୁର ସହରର ୩୫ଟି ସାହି ବସ୍ତିରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାରେ ଗତକାଲି ୨୬୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ବ୍ରହ୍ମପୁର ସହରରୁ ୬୮ ଜଣ ପଜିଟିଭ୍ ରହିଛନ୍ତି। ଏମାନଙ୍କ ମଧ୍ୟରେ ୮ ଜଣ କୋଭିଡ୍ ଯୋଦ୍ଧା ରହିଥିବା ବେଳେ ଜଣେ ବାହାରୁ ଫେରିଛନ୍ତି। ଏବଂ ୫୯ ଜଣ ପଜିଟିଭ୍ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସ୍ଥାନୀୟ ପଜିଟିଭଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ଏହା ସାଧାରଣରେ ଚିନ୍ତାର କାରଣ ହୋଇଛି। ଜନସାଧାରଣ ଏଥିରେ ଭୟଭିତ ହୋଇପଡିଛନ୍ତି। ସହରରେ ନୂତନ ୬୮ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୪୨୬ ରେ ପହଂଚିଛି। କରୋନା ଯୋଦ୍ଧାଙ୍କ ସହିତ ସ୍ଥାନୀୟ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ସହରରେ ପ୍ରବାସୀଙ୍କ ସଂଖ୍ୟା ବହୁତ କମ୍ ରହିଛି। କିନ୍ତୁ ସଂକ୍ରମିତଙ୍କ ସଂଖ୍ୟା ଦୃତ ଗତିରେ ବଢି ଚାଲିଛି। ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଟ୍ୱିଟ୍ କରାଯାଇଥିବା ମ୍ୟାପ୍ ଅନୁସାରେ ସହରର ୩୫ଟି ସାହି ବସ୍ତିରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସହରର ସମସ୍ତ ଅଂଚଳରେ ଏବେ କରୋନା ମାଡି ଚାଲିଛି। ସତର୍କତା ଅବଲମ୍ବନ କରାଯାଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଏମସିର ମ୍ୟାପ୍ ଅନୁସାରେ ଆସିକା ରୋଡ, ବିଲ ସାହି, ରାଧାକୃଷ୍ଣ ସାହି, ଆସିକା ରୋଡର ମୁଖ୍ୟ ରାସ୍ତା, ଆଙ୍କୁଲି ରେଡ୍ଡୀ ସାହି, ବାଡୁଆରି ସାହି, ବଡ଼ଖେମୁଣ୍ଡି ସାହି, ବ୍ରଜନଗର ତୃତୀୟ ଲେନ୍, ବିଜିପୁର, ବିଦ୍ୟୁତପୁରୀ କଲୋନୀ, ବଡ଼ବଜାର ନୃସିଂହ ସାହି, ସିଟି ହସ୍ପିଟାଲ କ୍ୟାମ୍ପସ୍, ବ୍ୟାଙ୍କ କଲୋନୀ ଚତୁର୍ଥ ଲେନ୍, ଡ଼ିଆଇଜି ଅଫିସ୍ କଲୋନୀ ତୃତୀୟ ଲେନ୍, ଗଜପତି ନଗର ସପ୍ତମ ଲେନ୍, ଗୋଲାପଲ୍ଲୀ ସାହି ପ୍ରଥମ ଲେନ୍, ଜେନା ସାହି, କୌତୁକୀ ନଗର ଦ୍ୱିତୀୟ ଲେନ୍, କପିଳେଶ୍ୱର ପେଟା, କୁଠାରୀ ମନ୍ଦିର ଚତୁର୍ଥ ଲେନ୍, ନିଗମ ନଗର ଚତୁର୍ଥ ଲେନ୍, ପ୍ରେମ ନଗର ପଚଂମ ଲେନ୍, ପାଣିଗ୍ରାହୀ ପେଂଠ ସାହି, ରାମହରି ନଗର ଦ୍ୱିତୀୟ ଲେନ୍, ରାମନଗର ଦ୍ୱିତୀୟ ଲେନ୍, ସୂର୍ଯ୍ୟ ନଗର, ସାଇଂଟିଫିକ୍ ନଗର ପ୍ରଥମ ଲେନ୍, ସୁରଜ ବିହାର ଦ୍ୱିତୀୟ ଲେନ୍, ସୋମନାଥ ନଗର ଦ୍ୱିତୀୟ ଲେନ୍, ଶିବରାମ ନଗର ପ୍ରଥମ ଲେନ୍, ଶାସ୍ତ୍ରୀ ନଗର ପ୍ରଥମ ଲେନ୍, ସିଦ୍ଧାର୍ଥ ନଗର ପ୍ରଥମ ଲେନ୍, ଫାଷ୍ଟ ଗେଟ୍ ଓ ତୁଳସୀ ନଗର ନବମ ଲେନ୍ ରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

### ଭୁବନ ରୁ ୧୪୬ ଜଣ ଙ୍କ ସ୍ୱାବ ନମୁନା ସଂଗ୍ରହ

ଭୁବନ, ୧୧/୭ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତର ଅସୁରବନ୍ଧ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳରେ ଆଜି ସମୁଦାୟ ୧୪୬ ଜଣ ବ୍ୟକ୍ତି ଙ୍କର ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ଗତ ୩ ତାରିଖ ଦିନ ଭୁବନର ଏକ ହୋଟେଲରେ ଜନୈକ ବ୍ଲକ କର୍ମଚାରୀଙ୍କ ପୁଅ ବାହାଘର ଭୋଜିରେ ଯୋଗଦେଇଥିବା ଜଣେ ବ୍ୟକ୍ତିଙ୍କର ଗତ ୭ ତାରିଖ ଦିନ କରୋନା ପଜିଟିଭ ରିପୋର୍ଟ ଆସିଥିଲା। ଏହା ପରେ ସମଗ୍ର ଭୁବନରେ ଆତଙ୍କ ସୃଷ୍ଟି ହୋଇଥିଲା। ସଂପୃକ୍ତ ବିବାହ ଭୋଜିରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହିତ ବ୍ଲକ କର୍ମଚାରୀ ଓ ପଜିଟିଭ ରିପୋର୍ଟ ବାହାରିଥିବା ବ୍ୟକ୍ତିଙ୍କ ସଂପର୍ଶରେ ଆସିଥିବା ସମୁଦାୟ ୧୨୫ ଜଣ ବ୍ୟକ୍ତିଙ୍କ ସମେତ ଟିଏମସି ର ୨୧ ଜଣ ମୋଟ ୧୪୬ ଜଣ ଙ୍କର ଆଜି ସ୍ୱାବ ମନୁନା ସଂଗ୍ରହ କରାଯାଇଥିଲା। ଭିବିଡିଟିଏସ ଅମିତ କୁମାର ସାମଲ, ପିଏଚଇଓ ମାନସ ରଂଜନ ମିଶ୍ର,କୋଭିଡ-୧୯ କର୍ମଚାରୀ ଶିଶିର କୁମାର ସାହୁ, କଳାବତୀ ଦାସ,ଲୀଳାବତୀ ବେହେରା, ଶୁଭ୍ରାଞ୍ଜଳି ମହାପାତ୍ର ପ୍ରମୁଖ ସ୍ୱାବ ସଂଗ୍ରହ କରିଥିଲେ।

### ଭୁବନର ମୁଖ୍ୟରାସ୍ତା ବଡଦାଣ୍ଡ ଛକରେ ସ୍ଲାବ ପଡିଲା

ଭୁବନ, ୧୧/୭ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ବଡଦାଣ୍ଡ ଛକରେ ଦୀର୍ଘ ଦିନ ହେଲା ସ୍ଲାବ ଭାଙ୍ଗି ପଡି ମ୍ୟାନହୋଲ ସୃଷ୍ଟି ହୋଇଥିବା ସଂପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନଏସି ପ୍ରଶାସନ ତତ୍ପରତା ପ୍ରକାଶ କରି ସ୍ଲାବ ପକାଇଛି। ଭୁବନ ବସଷ୍ଟାଣ୍ଡ ଠାରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତାଟି ସହରର ମୁଖ୍ୟରାସ୍ତା ଅଟେ। ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ଯିବା ଆସିବା କରନ୍ତି। ମୁଖ୍ୟରାସ୍ତାରେ ସ୍ଲାବ ଭାଙ୍ଗି ଯାଇଥିବା ବେଳେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିଲା। ସ୍ଲାବ ବଦଳରେ କଲଭର୍ଟ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରୁଥିବା ସଂପର୍କରେ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଙ୍କୁ ସୂଚନା ଦେବାରୁ ଏହି ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୬ ଇଂଚିର ପାଇପ ପକାଯାଇଥିବାରୁ କଲଭର୍ଟ କରିବାରେ ଅସୁବିଧା ହେଉଛି ତଥାପି ସେ ଯନ୍ତ୍ରୀଙ୍କୁ ପଠାଇ ବିକଳ୍ପ ବ୍ୟବସ୍ଥାରେ କେମିତି ହୋଇପାରିବ ସେ ସଂପର୍କରେ ଚିନ୍ତା କରୁଛନ୍ତି ବୋଲି କହିଥିଲେ ମ୍ୟାନ ହୋଲ ପାଲଟିଥିବା ବଡଦାଣ୍ଡ ଛକରେ ସ୍ଲାବ ପଡିବା ପରେ ଅଂଚଳବାସୀ ଗଣମାଧ୍ୟମ ପ୍ରତିନିଧି ଓ ନିର୍ବାହୀ ଅଧିକାରୀ ଙ୍କୁ ସାଧୁବାଦ ଜଣାଇଛନ୍ତି।

## ■ କରୋନା ଆଇନକୁ ଫୁଁ ■

# ଧର୍ମଶାଳା ବ୍ଲକ କଦମପାଳ ସାପ୍ତାହିକ ହାଟରେ ଲାଗୁଛି ଭିଡ, ସାମଜିକ ଦୂରତାକୁ ବେଖାତିର

ଧର୍ମଶାଳା, ୧୧/୭ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଆଜି ଯାଜପୁର ଜିଲାରେ ୮୬ ଜଣ କରୋନା ଆକାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକୁ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଦିନକୁ ଦିନ ନୂଆ ନୂଆ ନିୟମ କରୁଛନ୍ତି। ହେଲେ ଆମାନିଆମାନେ ଏହି କରୋନା ନିୟମକୁ ମାନୁ ନଥିବା ଦେଖିବାକୁ ମିଳିଛି। ସେହିପରି ଏହି ଅଂଚଳରେ ଜିଲାପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ସେପରି କିଛି ପଦକ୍ଷେପ ନେଉ ନଥିବା ଗ୍ରାମବସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ହୋଇଛି ଧର୍ମଶାଳା ବ୍ଲକ କଦମପାଳ ପଂଚାୟତରେ। କଦମପାଳ ସାପ୍ତାହିକ ହାଟ ସପ୍ତାହରେ ଶୁକ୍ରବାର ଓ ସୋମବାର ବସିଥାଏ। ଆଜି ସାପ୍ତାହିକ ହାଟରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକମାନେ ଏହି କରୋନା ଆଇନକୁ ଭୁଲି ବିନା ମାସ୍କ ପିନ୍ଧି ନ ଥିବା ବେଳେ କେହି ସମାଜିକ ଦୂରତାକୁ ମାନୁ ଥିବା ଦେଖିବାକୁ ମିଳିଛି। ଏହି କଦମପାଳ ପଂଚାୟତରେ ଦୁଇ ଦୁଇଟି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୋଷ୍ଠୀ ସଂକ୍ରମଣର ଆଶଙ୍କା ରହିଥିବା ନେଇ ଲୋକେ ଛାନିଆ ହୋଇପଡିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ବାଲିଚନ୍ଦ୍ରପୁର ଥାନା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଅଂଚଳପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କନ୍ଧମାଳ ଜିଲାରେ ଦୁଇଦିନରେ ୩ ଜଣ କରୋନା ପଜିଟିଭ ଚିହ୍ନଟଓ ୭ ଜଣ ସଂକ୍ରମିତ ସୁସ୍ଥ

## ଜିଲ୍ଲାରେ ମୋଟ ୮ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି

କନ୍ଧମାଳ, ୧୧/୭ (ନି.ପ୍ର): ଚକାପାଦ ବ୍ଲକ ଶଙ୍କରାଖୋଲ କୋଭିଡ୍ କେୟାର ସେଣ୍ଟରରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ଜଣେ ସୈନ୍ୟବାହିନୀର ଜବାନ। କିଛି ଦିନ ତଳେ ପଞ୍ଜାବରରୁ ଫେରି ଥିବା ବେଳେ ଗଞ୍ଜାମର ଭଞ୍ଜନଗର କ୍ୱାରେଣ୍ଟାଇନରେ ରହିବା ପରେ ତାଙ୍କ ଅବଧି ଶେଷ କରି ଶଙ୍କାରଖୋଲ ଶଶୁର ଘରକୁ ଆସିଥିଲେ। ତେବେ ତାଙ୍କ ଠାରେ କରୋନା ଲକ୍ଷଣ ପ୍ରକାଶ ପାଇବାରୁ ତାଙ୍କୁ କୋଭିଡ୍ କେୟାର ସେଂଟରକୁ ଅଣାଯାଇ ରଖିବା ସହ ତାଙ୍କର ସ୍ୱାବ ଟେଷ୍ଟ କରାଯାଇଥିଲା। ବୁଧବାର ତାଙ୍କର ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଫୁଲବାଣୀ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏଥି ସହ ତାଙ୍କ ଶ୍ୱଶୁର ଘର ଲୋକଙ୍କୁ ହୋମ କ୍ୱାରେଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଉକ୍ତ ବ୍ୟକ୍ତି କିଛି ଦିନ ଧରି ତାଙ୍କ ଶ୍ୱଶୁରଙ୍କ ଘରେ ରହିଥିବାରୁ ଏବଂ ତାଙ୍କ ଶଳା ବଜାରରେ ବୁଲାବୁଲି କରିଥିବାରୁ ସେହି ଅଂଚଳବାସୀ ଏବେ ଆଶଙ୍କାରେ ରହିଛନ୍ତି। ପ୍ରଶାସନ ତୁରନ୍ତ ଉକ୍ତ ଅଂଚଳକୁ କଣ୍ଟେନମେଣ୍ଟ କରିବା ସହ ଅଂଚଳବାସୀଙ୍କ ସ୍ୱାବ୍ ପରୀକ୍ଷା କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି ଆଜି ପୁଣି ଜିଲାରେ ଦୁଇଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ୧୫ ବର୍ଷ ବୟଷର ଓ ଆଉଜଣେ ୨୮ ବର୍ଷ ବୟଷର ବୋଲି ଜଣାପଡିଛି ସେମାନେ ଉଭୟେ ଗଞ୍ଜାମ ଜିଲାରୁ ସଂକ୍ରମିତ ହୋଇଥିବା ନେଇ ଜିଲା ପ୍ରଶାସନ ତରଫରୁ ସୁଚନା ମିଳିଛି। ତେବେ ଆଜି ଜିଲାର ଆଉ ଜଣେ କରୋନା ପଜିଟିଭ ଆରୋଗ୍ୟ ହୋଇ ଘରକୁ ଫେରିଥିବା ଜଣାପଡିଛି। ତେବେ ଜିଲାରେ ମୋଟ ୧୯୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୮୫ ଜଣ ଆରୋଗ୍ୟ ହୋଇଥିବା ଜଣପଡିଛି। ଆଉ ୮ ଜଣ ରୋଗୀ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଥିବା ସୁଚନା ମିଳିଛି।

# ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ସମସ୍ୟା ଘେରରେ

ନୂଆପଡା, ୧୧/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ସମସ୍ୟା ଘେରରେ ରହିଥିବା ଅଭିଯୋଗ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ସହ ଅନ୍ୟାନ୍ୟ ପଦବୀ ପୂରଣ ହୋଇପାରୁନଥିବା ବେଳେ ଆଲୁଅ, ପାନୀୟଜଳ, ରାସ୍ତା ଭଳି ସମସ୍ୟା ଦେଖାଦେଇଛି। ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଥିଲେ ମଧ୍ୟ ପ୍ରଶାସନିକ କିମ୍ବା ରାଜନୈତିକ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାଫଳରେ ଏହି ଡାକ୍ତରଖାନାର ସମସ୍ୟାର ସମାଧାନ ହେବା ବଦଳରେ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହି ଡାକ୍ତରଖାନାରେ ୧୯ ଜଣ ଡାକ୍ତର ରହିବା କଥା। କିନ୍ତୁ ବର୍ତ୍ତମାନ ମେଡିକାଲ ଇନଚାର୍ଜକୁ ମିଶାଇ ୫ ଜଣ ଡାକ୍ତର ଅଛନ୍ତି। ଫଳରେ ଏଠାକୁ ଆସୁଥିବା ରୋଗୀ ମାନେ ଅନେକ ହଇରାଣ ହରତକରେ ପଡୁଛନ୍ତି। ଏହି ଡାକ୍ତରଖାନା ଉପରେ ଖଡିଆଳ, ବୋଡେନ, ସିନାପାଲି ବ୍ଲକ ସହ ପଡୋଶି ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା ଏବଂ ଛତିଶଗଡ ରାଜ୍ୟର ଦେଓଭୋଗ ଅ ଳର ରୋଗୀ ମାନେ ନିର୍ଭର କରିଥାନ୍ତି। ଯାହାଫଳରେ ପ୍ରତିଦିନ ୩୦୦ ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥାନ୍ତି। ହେଲେ ଡାକ୍ତର ସମସ୍ୟା ରୋଗୀ ମାନଙ୍କୁ ଅନେକ ସମୟରେ ସମସ୍ୟାରେ ପକାଇଥାଏ। ସେହିପରି ଡାକ୍ତରଖାନା ଓ ବାହାରେ ବର୍ତ୍ତମାନ ଆଲୋକ ବ୍ୟବସ୍ଥା ଠିକ ଭାବରେ କରାଯାଇନଥିବାରୁ ସମସ୍ୟା ଦେଖାଦେଇଛି। ଖଡିଆଳ ସହର ଠାରୁ ହାରାହାରୀ ୩ କିଲୋମିଟର ଦୂରରେ ଥିବା ଏହି ଡାକ୍ତରଖାନାକୁ ରାତ୍ର ସମୟରେ ଯିବାକୁ ହେଲେ, ଅନ୍ଧାରରେ ଯିବାକୁ ପଡିଥାଏ। ଏହି ଡାକ୍ତରଖାନାକୁ ଯିବା ରାସ୍ତାରେ ଆଲୋକ ବ୍ୟବସ୍ଥା ପାଇଁ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ଡାକ୍ତରଖାନାରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ପାନୀୟ ଜଳ ପାଇଁ ଅନେକ ହଇରାଣ ହରତକରେ ପଡୁଥିବା ଦେଖିବାକୁ ମିଳିଛି। ଠିକ ସେହିପରି ପରିମଳ ବ୍ୟବସ୍ଥାର ମଧ୍ୟ ସୁଧାର ଅଣାଯାଉନାହିଁ। ଡାକ୍ତରଖାନାକୁ ଠିକ ଭାବରେ ନିୟୋଜିତ କର୍ମଚାରୀ ମାନେ ସଫାସୁତୁରା କରୁନଥିବା ବେଳେ ବ୍ୟବହୃତ ଶୌଚାଳୟ ମାନଙ୍କର ମଧ୍ୟ ଠିକ ଭାବରେ ସଫେଇ କରାଯାଉନଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# ଚୋରା ବାଲି ଚାଲାଣ କରୁଥିବା ହାଇୱା ଗାଡି ଜବତ, ୫୧ ହଜାର ଟଙ୍କା ଫାଇନ

ଭୁବନ, ୧୧/୭ (ନି.ପ୍ର): ଆଜି ସଂଧ୍ୟା ୭ ଘଟିକା ସମୟରେ ଭୁବନ ତହସିଲ ତରଫରୁ ଏକ ବେଆଇନ ବାଲି ଚାଲାଣ କରୁଥିବା ହାଇୱା ଗାଡିକୁ ଜବତ କରାଯାଇ ୫୧ ହଜାର ଟଙ୍କା ଫାଇନ କରାଯାଇଥିବା ଜଣାପଡିଛି। ଗତ ସପ୍ତାହରେ ଭୁବନ ତହସିଲଦାର ବଦଳି ହୋଇ ଅନ୍ୟତ୍ର ଯାଇଥିବା ବେଳେ କାମାକ୍ଷାନଗର ତହସିଲଦାରଙ୍କୁ ଭୁବନ ଦାୟିତ୍ୱ ଦିଆଯାଇଛି। ଏହି ସୁଯୋଗ ସାଙ୍ଗକୁ ଶନିବାର, ରବିବାର ସଟଡାଉନ ରହୁଥିବାରୁ ମାଫିଆ ମାନେ ସକ୍ରିୟ ହୋଇ ଚୋରା ବାଲି,ମାଙ୍କଡାପଥର ଓ ମୋରମ ଚାଲାଣ କରୁଥିବା ସଂପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲାପାଳ ଏହି ଚୋରା କାରବାରର ପରିସମାପ୍ତି ଘଟାଇବା ଉଦ୍ଦେଶ୍ୟରେ ସ୍କ୍ୱାର୍ଡ ମଧ ଗଠନ କରିଥିଲେ। ଆଜି ସଂଧ୍ୟାରେ ବେଆଇନ ବାଲି ଚାଲାଣ କରାଯାଉଥିବା ସଂପର୍କରେ ଖବର ପାଇ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ଙ୍କ ତତ୍ତ୍ୱାବଧାନରେ ଭୁବନ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପରିଡା , କ୍ଷେତ୍ରିୟ ପରିଦର୍ଶକ ସୁଜିତ ଭୋଇ ଥାନା ଛକ ନିକଟରେ ଓଡି୦୪ ପି-୨୬୪୯ ନମ୍ବର ବିଶିଷ୍ଟ ହାଇୱା ଗାଡିକୁ ଧରି ୫୧ ହଜାର ଟଙ୍କା ଫାଇନ କରିଥିଲେ।

### କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୨୫ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର, ୧୧/୭ (ନି.ପ୍ର): କଟକ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୨୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଗ୍ରାମ ସ୍ତରରେ କରୋନା ସଂକ୍ରମଣ ରୋକିବା ଅଭିଯାନ ପାଇଁ ପରିଚାଳନା ପ୍ରଶିକ୍ଷଣ

କନ୍ଧମାଳ, ୧୧/୭ (ନି.ପ୍ର): ଗ୍ରାମ ସ୍ତରରେ କରୋନା ପରିଚାଳନା ପାଇଁ ଏବେ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷିରେ ଫୁଲବାଣୀ ପଂଚାୟତ ସମିତି ସଭାଗୃହ ଠାରେ ଗ୍ରାମିଣ ଓ ଗୋଷ୍ଠି ସ୍ତରରେ କରୋନା ପରିଚାଳନା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବ୍ଲକ ଅଧକ୍ଷା ମଞ୍ଜୁଲତା କହଁର ଓ ବି.ଡ଼ି.ଓ ସୁବ୍ରତ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶେଷ କରି ଗୋଷ୍ଠି ସ୍ତରରେ ନିୟନ୍ତ୍ରଣ , ଚିହ୍ନଟ, ସଚେତନତା ଓ ଦକ୍ଷତା ଉପରେ ଫୁଲବାଣୀ ବ୍ଲକ ଅନ୍ତର୍ଗତ ସମସ୍ତ ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ନୋଡ଼ାଲ୍ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିଭଳି ଗୋଷ୍ଠି ସ୍ତରରେ କୋଭିଡ୍ କେୟାର ହୋମ୍, ଗାଁ କଲ୍ୟାଣ ସମିତିର କାର୍ଯ୍ୟ କର୍ତ୍ତା, ୱାର୍ଡ଼ ମେମ୍ବର , ସ୍ୱାସ୍ଥ୍ୟକର୍ମୀ , ଅଙ୍ଗନୱାଡ଼ି କର୍ମୀ, ଆଶା ଓ ଓ ସ୍ୱୟଂ ସହାୟକ କର୍ମକର୍ତ୍ତା, କୋଭିଡ଼୍ କେୟାର ହୋମ୍ ର କାର୍ଯ୍ୟକର୍ତ୍ତା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମାନସିକ ଚାପ, ଅନ୍ଧବିଶ୍ୱାସ, ସାମାଜିକ ବାଛନ୍ଦ , ଭୟ ଦୂର କରିବା ଉପରେ ଉପରେ ଗୁରୁତ୍ୱ ଦିଆଯାଇ ତାଲିମ୍ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଦିଗାଲ, କାର୍ଯ୍ୟକ୍ରମ ଅଧିକାରୀ ସୋମନାଥ ବେହେରା ଏବଂ ଗୁମାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ସୁବ୍ରତ କୁମାର ଶତପଥୀ ଓ ସରୋଜ କୁମାର ସାହୁ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ।

# ବୃକ୍କ ଶୋଥର ଉପଚାର



**ବୃକ୍କରେ ଥିବା ଏକ କୋଟିରୁ ଉର୍ଦ୍ଧ୍ୱ ବୃକ୍କ ବା ନେଫ୍ରୋନ୍‌ର କାର୍ଯ୍ୟ ବିଷାକ୍ତ ଅଦରକାରୀ ପଦାର୍ଥକୁ ଛାଣି ପରିସ୍ରା ଦେଇ ବାହାର କରିବା ସହ ଶରୀରର ଦରକାରୀ ବସ୍ତୁକୁ ଶୋଷିତ କରିବା, ରକ୍ତର ଜଳୀୟାଂଶ ଓ ସାନ୍ଦ୍ରତାକୁ ରକ୍ଷା କରିବା, କ୍ଷାରାମ୍ଳ ଓ ଇଲେକ୍ଟ୍ରୋଲାଇଟ୍‌ର ସମନ୍ୱୟ ରକ୍ଷାକରିବା, ଗ୍ଲୁକୋଜ ଏବଂ ଏମିନୋ ଏସିଡ୍ ଇତ୍ୟାଦି ଦରକାରୀ ଦ୍ରବଣୀୟକୁ ଶୋଷିତ କରି ଅଦରକାରୀ ହାଇଡ୍ରୋଜେନ୍, ଆମୋନିୟମ୍, ପଟାସିୟମ, ୟୁରିଆ ଓ କ୍ରିଏଟିନିନ୍‌କୁ ବାହାରକୁ ବାହାର କରିଦେବା ଏବଂ ହରମୋନ ଦ୍ୱାରା ରକ୍ତର ପ୍ରୋଟିନ ଅଂଶକୁ ଠିକ୍ ରଖିଥାଏ ।"**

ବୃକ୍କ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ରକ୍ତରୁ ବିଷାକ୍ତ ଦୂଷିତ ପଦାର୍ଥ, ଅଦରକାରୀ ଜଳୀୟାଂଶ, ଧାତବ ଲବଣ ଛାଣି ମୂତ୍ର ସହ ମୂତ୍ରଦ୍ୱାର ଦେଇ ବାହାରିଯାଏ । ତତ୍ ସଙ୍ଗେ ସଙ୍ଗେ ରକ୍ତର ସାନ୍ଦ୍ରତା, ରକ୍ତଚାପ ଯୌଗିକକୁ ଠିକ୍ ରଖିବା ସହ ରକ୍ତକଣିକା ନିର୍ମାଣ, ଭିଟାମିନ୍ 'ସି'କୁ କାର୍ଯ୍ୟରେ ଲଗାଇବାରେ ମୁଖ୍ୟ ଭୂମିକା ଗ୍ରହଣକରେ ।

ଏହି ଅଙ୍ଗ ଦ୍ୱୟ ଆମ ଶରୀରର ଉଦରଗୁହା ମଧ୍ୟରେ ଓ ଉଦର୍ଯ୍ୟାବରଣ କଳାର ପଶ୍ଚାତ୍ ଭାଗରେ ଡାହାଣପଟ ଯକୃତ ତଳ ପାର୍ଶ୍ୱରେ ଓ ବାମର ଟିକିଏ ଉପରକୁ ବକ୍ଷକଶେରୁକା(T-12) ଓ କଟି କଶେରୁକା (L3) ମଧ୍ୟରେ ଥିବାର ଶିମ୍ବମଞ୍ଜି ସଦୃଶ ରେଟ୍ରୋପେରିଟୋନିଆଲ ଗହ୍ୱରରେ ବୟସ୍କମାନଙ୍କ ୧୧ସେ.ମି ବା ୪.୩ ଇଞ୍ଚ ଲମ୍ବର ଅଙ୍ଗ ଦ୍ୱୟ ଅବସ୍ଥିତ ।

ଏହା ବୃକ୍କୀୟ ଧମନୀରୁ ରକ୍ତ ଗ୍ରହଣକରି ବୃକକୀୟ ଶିରା ମାଧ୍ୟମରେ ରକ୍ତ ନିଷ୍କାସିତ ହୋଇ ମହାଧମନୀରେ ପଡ଼ିଥାଏ । ଏହି ବୃକ୍କ ଦ୍ୱୟର ଉପରିସ୍ଥ ଭାଗରେ ଉପବୃକ୍କ ଅନ୍ତସ୍ରାବୀ ଗ୍ରନ୍ଥି ରହିଥାଏ । ଏହି ବୃକ୍କ ସହ ବୃକକୀୟ ନଳୀ, ମୂତ୍ରାଶୟ ଓ ମୂତ୍ରଦ୍ୱାର ସହ ସଂଯୁକ୍ତ ହୋଇ ମୂତ୍ର ମହିଃ ନିଷ୍କାସନ ହୋଇଥାଏ । ବୃକ୍କରେ ଥିବା ଏକ କୋଟିରୁ ଉର୍ଦ୍ଧ୍ୱ ବୃକ୍କ କୋଷ ବା ନେଫ୍ରୋନ୍‌ର କାର୍ଯ୍ୟ ବିଷାକ୍ତ ଅଦରକାରୀ ପଦାର୍ଥକୁ ଛାଣି ପରିସ୍ରା ଦେଇ ବାହାର କରିବା ସହ ଶରୀରର ଦରକାରୀ ବସ୍ତୁକୁ ଶୋଷିତ କରିବା, ରକ୍ତର ଜଳୀୟାଂଶ ସାନ୍ଦ୍ରତାକୁ ରକ୍ଷା କରିବା, କ୍ଷାରାମ୍ଳ ଓ ଇଲେକ୍ଟ୍ରୋଲାଇଟ୍‌ର ସମନ୍ୱୟ ରକ୍ଷାକରିବା, ଗ୍ଲୁକୋଜ ଏବଂ ଏମିନୋ ଏସିଡ୍ ଇତ୍ୟାଦି ଦରକାରୀ ଦ୍ରବଣୀୟକୁ ଶୋଷିତ କରି ଅଦରକାରୀ ହାଇଡ୍ରୋଜେନ, ଆମୋନିୟମ, ପଟାସିୟମ, ୟୁରିଆ ଓ କ୍ରିଏଟିନିକୁ ବାହାରକୁ ବାହାର କରିଦେବା ଏବଂ ହରମୋନ ଦ୍ୱାରା ରକ୍ତର ପ୍ରୋଟି ଅଂଶକୁ ଠିକ୍ ରଖିଥାଏ ।



***ଶୋଥର ମୁଖ୍ୟ କାରଣ-***

ଚାଷରେ ବିଷାକ୍ତ କୀଟନାଶକ ସିଞ୍ଚନ ଓ ରାସାୟନିକ ସାରର ବହୁଳ ବ୍ୟବହାର, ପାଣିରେ ଟିଡିଏସ୍ ମାତ୍ରା ଅଧିକ ଥିଲେ, ଉଚ୍ଚ ରକ୍ତଚାପ, ଅନିୟନ୍ତ୍ରିତ ମଧୁମେହ, ମଦ୍ୟପାନ, ଅଧିକ ଯନ୍ତ୍ରଣା ନିବାରକ ଔଷଧ ସେବନ, ରାତି ଅନିଦ୍ରା, ଅଧିକ ପ୍ରୋଟିନ ଓ ଭିଟାମିନ୍ ଖାଦ୍ୟ ଖାଇଲେ, ସ୍ପିରିଟ ମିଶ୍ରିତ ଔଷଧ ପିଲାଟିବେଲୁ ବ୍ୟବହାରକଲେ, ମାନସିକ ଚିନ୍ତା, ଅବସାଦ, ମୂତ୍ର ବେଗାବରୋଧ, ଅତ୍ୟଧିକ ମାତ୍ରାରେ ଲୁଣ, ମିଠା ସେବନ, କମ୍ ପାଣି ପିଇଲେ, ପାଣିରେ ଅର୍ସେନିକ ମାତ୍ରା ରହିଲେ, ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍, ଥଣ୍ଡାପାନୀୟ, ରାସାୟନିକ ରଙ୍ଗ ବୋଳା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ସେବନ ଯୋଗୁ ହୋଇଥାଏ ।

***ଲକ୍ଷଣ-ଫେଣଯୁକ୍ତ-***

ପରିସ୍ରା, ଥକ୍କା ଲାଗିବା, ଦୁର୍ବଳତା, ନିଦ୍ରାହୀନତା, ପୃଥୁଳତା, ଘୁଙ୍ଗୁଡ଼ି ମାରି ନିଃଶ୍ୱାସ ଅଟକିଲା ପରି ବୋଧ, ଅଳ୍ପ ଚାଲିଲେ ବା କାର୍ଯ୍ୟ କଲେ ଶ୍ୱାସ ବଢେଇବା, ତ୍ୱଚା ଶୁଷ୍କତା ମୂତ୍ରକୃଚ୍ଛ, ରକ୍ତ ମୂତ୍ର, ଆଖିପତା ଫୁଲିବା ଓ ଚତୁଃପାର୍ଶ୍ୱରେ କଳାଦାଗ ଆସବା, କହୁଣି, ପାଦ ଫୁଲା ସହ ହୃଦରୋଗ, ଯକୃତରୋଗ ଓ ପୁରାତନ ଗୋଡ଼ ଶିରା ଯନ୍ତ୍ରଣା, ଭୋକ ନ ଲାଗିବା, ବମନ ଭାବ, ଅରୁଚି, କ୍ୟାଲସିୟମ ଓ ଫସ୍‌ଫରସ୍ ଅଭାବରୁ ମାଂସପେଶୀ ଟାଣିହେବା ଇତ୍ୟାଦି ଲକ୍ଷଣ ଦେଖିବାକୁ ମିଳେ ।

**ଚିକିତ୍ସା-**

ରୋଗୀ ପ୍ରଥମେ ପ୍ରୋଟିନ ଜାତୀୟ ଖାଦ୍ୟ, ଫଳ, ଲୁଣ, ତେଲ, ମିଠା ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ । ଦୈନିକ ଦୁଇଲିଟର ବା ଛଅରୁ ଆଠଗ୍ଲାସ ପାଣି ପିଇ ସେଇ ଅନୁଯାୟୀ କେତେ ପରିସ୍ରା ହେଉଛି ତାର ବିବରଣୀ ସାରଣୀ ଲେଖିବେ । ଡାକ୍ତରଙ୍କ ପରାମର୍ଶାନୁଯାୟୀ କିଡ୍‌ନୀ ପ୍ରୋଫାଇଲ, ଲିପିଡ୍ ପ୍ରୋଫାଇଲ, ମୂତ୍ର ପରୀକ୍ଷା, କଲଚର, ବୃକ୍କ ଅଲଟ୍ରାସାଉଣ୍ଡ ଇତ୍ୟାଦି ପରୀକ୍ଷା କରାଇ ଔଷଧ ସେବନ କଲେ ରୋଗୀ ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରିବେ । ବୃକ୍କ କୋଷକୁ ସୁସ୍ଥ ସବଳ କରେ 'ଶ୍ୱେତ ପୁନର୍ନବା' । ଏହା ବାଡିଅଁଳା ସ୍ୱରସ ସହ ଦୈନିକ ସକାଳେ ଖାଇବା ପୂର୍ବରୁ ଖାଇଲେ ମୃତବତ୍ କୋଷକୁ ଜୀବନ ପ୍ରଦାନ କରେ ।

# ସୁନିଦ୍ରାର ସହଜ ଉପାୟ

ଦିନତମାମ ପରିଶ୍ରମ ପରେ ଆମେ ରାତିରେ ଭଲରେ ଶୋଇବା ନିହାତି ଜରୁରୀ । ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ପରଦିନର କାମ ସହଜରେ ସମାପନ କରିହୁଏ । ତେବେ ଭଲ ନିଦ ଆସିବା ବା ସୁନିଦ୍ରା ହେବା ଏତେ ସହଜ କଥା ନୁହେଁ । ଏଥିପାଇଁ ବେଡ୍‌ରୁମ୍‌ର ପରିବେଶ ଶାନ୍ତ ରହିବା ସହ ମନ ଟେନ୍‌ସନ୍ ଫ୍ରି ରହିବା ଆବଶ୍ୟକ । ଅନ୍ୟପକ୍ଷରେ ରାତିରେ ହାଲୁକା ଖାଦ୍ୟ ଖାଇଲେ ଭଲ ନିଦ ହୋଇଥାଏ । ଏହି ତାଲିକାରେ ଏବେ ଆଉ ଏକ କଥାକୁ ସାମିଲ କରାଯାଇଛି । ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ଖାଦ୍ୟବିଜ୍ଞାନୀ ଏପରି ଏକ ଉପାୟ ଲୋକଲୋଚନକୁ ଆଣିଛନ୍ତି, ଯାହାକୁ ଅନୁସରଣ



କରି ଭଲ ନିଦ ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ତାହା ହେଲା ଜୁସ୍ । ଅର୍ଥାତ୍ ଜୁସ୍ ପିଇଲେ ସୁନିଦ୍ରା ହୋଇଥାଏ । ବିଶେଷ ଭାବରେ ଚେରି ଜୁସ୍ ଦିନକୁ ଦୁଇ ଥର (ସକାଳ, ସନ୍ଧ୍ୟା) ପିଇବା ଦ୍ୱାରା ଭଲ ନିଦ ହୋଇଥାଏ ବୋଲି ସେମାନେ ପ୍ରକାଶ କରିଛନ୍ତି ।

# ଭିଟାମିନ୍ 'ଡି' ଓ ଡାଇବେଟିସ୍



ଆମେ ସୁସ୍ଥ ରହିବା ପଛରେ ଭିଟାମିନ୍‌ଯୁକ୍ତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶରୀରରେ ଭିଟାମିନ୍‌ର ଅଭାବ ପରିଲକ୍ଷିତ ହେଲେ କେତେକ ରୋଗ ସୃଷ୍ଟି ହୋଇଥାଏ । ଆମ ଶରୀରରେ ଭିଟାମିନ୍- 'ଡି' ସନ୍ତୁଳିତ ରହିବା ନିହାତି ଜରୁରୀ । ନହେଲେ ଓଷ୍ଟିଓପୋରିସିସ, ପ୍ରୋଷ୍ଟେଟ୍ କ୍ୟାନ୍‌ସର, ବ୍ରେଷ୍ଟ କ୍ୟାନ୍‌ସର ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଖାସ୍ କଥା ହେଲା ଏହି ଭିଟାମିନ୍ ଅଭାବ ଡାଇବେଟିସକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ । ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ 'ଭିଟାମିନ୍ 'ଡି' ଓ ଡାଇବେଟିସ୍' ଶୀର୍ଷକ ବିଷୟକୁ ନେଇ କରିଥିବା ଗବେଷଣାରୁ ଏକଥା ଜଣାପଡ଼ିଛି । କେବଳ ସେତିକି ନୁହେଁ, ଏହାର ଅଭାବରେ ଓଜନ ବଢ଼ିବାର ଆଶଙ୍କା ମଧ୍ୟ ରହିଛି । ଭିଟାମିନ୍ 'ଡି' ବ୍ୟତୀତ ଭିଟାମିନ୍- 'ଏ' ଅଭାବରେ ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇଥାଏ । ବିଶେଷଭାବରେ ଛୋଟପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଇଥାଏ । ଏକ ଆକଳନରୁ ଜଣାପଡ଼ିଛି ଯେ ଭିଟାମିନ୍- 'ଏ' ଅଭାବରୁ ପ୍ରାୟ ୩୩ ପ୍ରତିଶତ ପିଲା ଦୃଷ୍ଟିଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ।

# ଡବଲ୍ ମଙ୍କ ସୁଜ୍



ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ପ୍ରସାଧନ ସାମଗ୍ରୀର ସୂଚୀ ଖୁବ୍ କମ୍ । ପୁରୁଷମାନେ ଷ୍ଟାଇଲିସ୍ ଦେଖାଯିବା ପାଇଁ ପୋଷାକ ସାଙ୍ଗକୁ ବେଲ୍ଟ ଓ ଜୋତା ଉପରେ ବିଶେଷ ଧ୍ୟାନ ଦିଅନ୍ତି । ପୁରୁଷମାନେ ଯଦି ବେଲ୍ଟ ଓ ଜୋତା ସମାନ ରଙ୍ଗର ପିନ୍ଧନ୍ତି ତେବେ ସେମାନେ ଅଧିକ ଷ୍ଟାଇଲିସ୍ ଲାଗନ୍ତି । ପୁରୁଷମାନେ ବିଭିନ୍ନ ଡିଜାଇନ୍‌ର ଜୋତାପିନ୍ଧନ୍ତି କିନ୍ତୁ ସେ ସବୁ ଭିତରୁ ଡବଲ୍ ମଙ୍ଗ ସୁଜର ଚାହିଦା ଅଧିକ । ଏହି ଡବଲ୍ ମଙ୍କ ସୁଜ୍‌ର ବିଶେଷତ୍ୱ ହେଉଛି, ଏହାକୁ ଆପଣ ଯେକୌଣସି ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ । ଫର୍ମାଲ ଡ୍ରେସ୍ ହେଉ ଅବା- ଇଣ୍ଡୋ- ୱେଷ୍ଟର୍ଣ୍ଣ ଏହି ଡବଲ ମଙ୍କ ଜୋତାକୁ ପିନ୍ଧି ଆପଣ ଆହୁରି ଅଧିକ ଷ୍ଟାଇଲିସ୍ ଦେଖାଯିବେ । କାରଣ ଆପଣଙ୍କ ଷ୍ଟାଇଲରୁ ହିଁ ଆପଣଙ୍କ ପର୍‌ସନାଲିଟି ଜଣାପଡ଼େ । ଏହି ଜୋତାରେ ଥାଏ ଦୁଇଟି ବେଲ୍ଟ ପରି ଫିତା ଯାହା ଫଳରେ ଜୋତା ଲେସ୍ ବାନ୍ଧିବାର ଟାଇମ୍ ଆପଣଙ୍କର ବଞ୍ଚିଯିବ । ତେବେ ଏହି ଜୋତାର ବିଭିନ୍ନ ଭରାଇଟି ଓ ବିଭିନ୍ନ କଲର ମଧ୍ୟ ଏବେ ବଜାରରେ ଉପଲବ୍ଧ ଅଛି । ଏ ଜୋତା ଅଲଗା ଅଲଗା ମ୍ୟାଟେରିଆଲର ମଧ୍ୟ ବାହାରିଲାଣି । ଏବେ ଲେଦର ଓ ସ୍ୱେଟ୍ ଡବଲ୍ ମଙ୍କ ସୁଜ୍‌କୁ ଯୁବ ବର୍ଗ ଅଧିକ ପସନ୍ଦ କରୁଛନ୍ତି । ବ୍ଲାକ୍, ବ୍ରାଉନ, ଟୋନ, ବରଗଂଣ୍ଡୀ ରଙ୍ଗର ଜୋତା ଉପଲବ୍ଧ ଅଛି । ତେବେ ଅଫିସ୍, କଲେଜ୍, ପାର୍ଟି ଫଙ୍କସନ୍‌ରେ ଆପଣ ଏହି ଜୋତା ପିନ୍ଧି ଅନ୍ୟମାନଙ୍କୁ ଆକ୍‌ଟ୍ରାକ୍ଟ କରିପାରିବେ ।

# ଶୈବପୀଠ ଓ ଗୌଡ଼ୀୟ ମଠ

ସହର ତଳକୁ ଲାଗିଥିବା ଗାଁଟିଏ । ଉତ୍ତର ପାଖେ ଗୌଡ଼ୀୟ ମଠ, ଚଳଚ୍ଚିତ୍ର ପ୍ରେକ୍ଷାଳୟ, ବିବାହ ମଣ୍ଡପ, ଦକ୍ଷିଣ ପାଖେ ଶିବ ମନ୍ଦିର, ଆଉ ପୂର୍ବ ଦିଗରେ ରହିଛି ଉଭୟ ପୂର୍ବତଟ ରେଳପଥ ଓ ପାଞ୍ଚ ନଂ ଜାତୀୟ ରାଜପଥ । ମଧ୍ୟଭାଗରେ ରହିଛି ଥାନପତି ଆଦିଦେବତା ରାଧାକାନ୍ତଙ୍କ ହରିହାଟ, ତାରିଣୀ ଓ ହନୁମାନ ମନ୍ଦିର । ଏହା ବ୍ୟତୀତ ଏଠାରେ ରହିଛି ସୁନାମୁହିଁ, ରାଇମଣୀ, ବଣଚଣ୍ଡୀ ଓ କାଳୀପୂଜା ପୀଠ । ରଜ, ରଥଯାତ୍ରା, ଜନ୍ମାଷ୍ଟମୀ, ରାଧାଷ୍ଟମୀ, କାଳୀପୂଜା, ହୋଲି, ହରିହାଟରେ ଅପେରା ପାର୍ଟି, ଶ୍ରୀପଞ୍ଚମୀରେ ବାଦିପାଲା, କାଳିପୂଜାରେ ଦାସକାଠିଆ ପରି ବାରମାସରେ ତେରପର୍ବ ଲାଗିରହିଥାଏ ଏଇ ଗାଁରେ । ଜାଗର ଅମାବାସ୍ୟାରେ ଏଠାରେ ଥିବା ବାଲୁକେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ସ୍ମରଣୀୟ କଥା ହେଉଛି ଏହି ଗାଁରେ ହୋଇଥିବା 'ସନାତନ ଧର୍ମ ସମ୍ମିଳନୀ'କୁ ପୂରିଛି ପଚିଶ ବର୍ଷ ।





## ବାଲୁକେଶ୍ୱର

ବାଲୁକେଶ୍ୱର ଶିବ ମନ୍ଦିରରେ ଘଣ୍ଟ ବାଜିଲେ ସାରା ମୂଲକର ଲୋକେ ତତ୍ପର ହୋଇଉଠନ୍ତି । ସକାଳ ଧୂପରୁ ସଞ୍ଜ ପହୁଡ଼ ଯାଏ ଶିବ ମନ୍ଦିରରେ ଲାଗିଥାଏ ଶ୍ରଦ୍ଧାଳୁଙ୍କ ଭିଡ଼ । ଏଠାକାର ସବୁଠୁ ବଡ଼ ପର୍ବ ହେଉଛି ଜାଗର ଅମାବାସ୍ୟା । ତିନି ବର୍ଷ ତଳେ ଆବାହକ ବଳିଆ ନନାଙ୍କ ନେତୃତ୍ୱରେ ମୁଖ୍ୟ ପୂରୋଧା ମୁରଲୀଧର ଦାଶ ଏବଂ ଯଜ୍ଞାଚାର୍ଯ୍ୟ ଧରଣୀଧର ପଣ୍ଡା, ଜଗନ୍ନାଥ ପଣ୍ଡା, ବିବେକାନନ୍ଦ ପଣ୍ଡା, ନୀଳମାଧବ ପଣ୍ଡା ପ୍ରମୁଖ ମହାଶିବରାତ୍ରୀ ଅବସରରେ ଆୟୋଜନ କରିଥିଲେ 'ବିଶ୍ୱଶାନ୍ତି ମହାଯଜ୍ଞ' ।

## କପାଳୀ ନଦୀ

ବର୍ଷାଦିନେ ଗାଁ ଦୋହରା ପାଣିରେ ଏହା ପୂର୍ଣ୍ଣଗର୍ଭା ହୁଏ । କିଛି ବାଟ ଆସିବା ପରେ ଏଇ ନଦୀଟିରୁ ଦୁଇଟି ଶାଖା ବାହାରିଛି । ନଦୀଟି ଏତେ ଅଙ୍କାବଙ୍କା ଯେ ଏପାରି ସେପାରିରେ ଥିବା ଗାଁକୁ ଯୋଡ଼ି ହେବାକୁ ଅତିକମ୍‌ରେ ଏ ଅଞ୍ଚଳରେ ଦଶଟି ସେତୁ ନିର୍ମାଣ ହେଇଛି ।

## ସନାତନ ଧର୍ମ ସମ୍ମିଳନୀ

୧୯୯୪ରେ ଏଇ ଗାଁରେ ଆୟୋଜିତ ହୋଇଥିଲା 'ସନାତନ ଧର୍ମ ସମ୍ମିଳନୀ' । ଆୟୋଜିତ ଶ୍ରୀ ଅଭିରାମ ପରମହଂସଦେବ ସତ୍‌ସଙ୍ଗ ପକ୍ଷରୁ ଗୌଡ଼ୀୟ, ଶ୍ରୀରାମକୃଷ୍ଣ, ଦିବ୍ୟଜୀବନ ସଂଘ, ନିଗମାନନ୍ଦ ପରମହଂସ, ଭାଗବତ ଆଶ୍ରମ, ବାୟାବାବା ଓ ଅରିଲୋ ଆଶ୍ରମ, ବୃନ୍ଦାବନ ଧାମ; ଏମିତି ଷୋହଳଟି ଆଶ୍ରମରୁ ସନ୍ନ୍ୟାସୀମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଏହି ସମ୍ମିଳନୀରେ ଓଡ଼ିଶା ଓ ରାଜ୍ୟ ବାହାରୁ ଲକ୍ଷାଧିକ ଶିଷ୍ୟ ଯୋଗ ଦେଇଥିଲେ ।

### *ବାଦିପାଲା*

ଗାଁ ମଝିରେ ଅଛନ୍ତି ରାଇମଣୀ ଠାକୁରାଣୀ । ପ୍ରତ୍ୟହ ସକାଳେ ସଞ୍ଜେ ପୂଜା ପାଉଥିବା ଏଇ ଠାକୁରାଣୀଙ୍କର ବଡ଼ ପର୍ବ ହେଉଛି ଶ୍ରୀପଞ୍ଚମୀ । ଶ୍ରୀପଞ୍ଚମୀ ଅବସରରେ ଠାକୁରାଣୀଙ୍କ ପୀଠ ସମ୍ମୁଖରେ ଥିବା ପାଲାମଞ୍ଚରେ ବାଦିପାଲା ଅନୁଷ୍ଠିତ ହୋଇଥାଏ ।

### *କାଳୀପୂଜା*

ସନାତନ ଧର୍ମ ସମ୍ମିଳନୀ ପରେ ଏହି ଗାଁରେ ଚକ୍ରଧର ପଣ୍ଡା ନାମକ ଜଣେ ଯୁବକ ଆରମ୍ଭ କରିଥିଲେ ମା' କାଳୀଙ୍କ ଷୋଡ଼ଶ ଉପଚାର ପୂଜା । ବହୁ ଶ୍ରଦ୍ଧାଳୁ କାଳୀପୂଜା ସହ ଏଠାରେ ସାତ ଦିନଧରି ବସୁଥିବା ପୂଜାମେଳାରେ ଏକାଠି ହୋଇଥାନ୍ତି ।

### *ଗୌଡ଼ୀୟ ମଠ*

ରାମକୃଷ୍ଣପୁରରୁ ମାତ୍ର ପାଞ୍ଚ କି.ମି ଦୂରରେ ଅବସ୍ଥିତ ରାହାନ୍ଦିଆ ଗ୍ରାମରେ ଶ୍ରୀଚୈତନ୍ୟଙ୍କ ବିଶ୍ରାମ କ୍ଷେତ୍ର ଗୌଡ଼ୀୟ ମଠ । ଜନ୍ମାଷ୍ଟମୀ ଓ ରଥଯାତ୍ରା ସମୟରେ ଏହି ମନ୍ଦିରରେ ପାଳିତ ପର୍ବରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

# ହୃଦୟ ପାଇଁ ଖୁବ୍ ଉପକାରୀ ଟମାଟୋ

ଘରେ ଗୁରୁଜନମାନେ ପରାମର୍ଶ ଦେଇଥାନ୍ତି ଯେ ଟମାଟୋ ଖାଇଲେ ରକ୍ତ ହେବ ଏବଂ ଗାଲ ଲାଲ ଦେଖାଯିବ । ଟମାଟୋ ବାଦରେ ଏହି ପାରମ୍ପରିକ ଜ୍ଞାନକୁ ଏବେ ବୈଜ୍ଞାନିକ ସ୍ୱୀକୃତି ମିଳିବାରେ ଲାଗିଛି । ଏବେ ଏହି ଉପକାରୀ ପରିବାର ଗୋଟିଏ ପରେ ଗୋଟିଏ ଔଷଧୀୟ ଗୁଣ ଲୋକଲୋଚନକୁ ଆସୁଛି । ଜଣେ ଭାରତୀୟ ବଂଶୋଦ୍ଭବ ଗବେଷକ ଏକ ନୂତନ ଗବେଷଣାର ଫଳାଫଳରେ ଜଣାଇଛନ୍ତି ଯେ ଟାମାଟୋର ମଞ୍ଜିରୁ ତିଆରି ରସ ଶରୀରର ରକ୍ତବାହୀ ଶିରା ଏବଂ ଧମନୀରେ ରକ୍ତ ପ୍ରବାହ ବାଧାମୁକ୍ତ ରଖିଥାଏ । ଫଳରେ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଆଦିର ଆଶଙ୍କା ଅନେକାଂଶରେ କମିଯାଏ ।

ରକ୍ତବାହିନୀରେ ଅନେକ ସମୟରେ ଜମାଟ ବାନ୍ଧିଯାଇଥିବା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରିଥାଏ । ଫଳରେ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ପରି ସାଂଘାତିକ ରୋଗ ସବୁ ଦେଖାଦେଇଥାନ୍ତି । ଗବେଷକ ମାନଙ୍କ କହିବାନୁସାରେ ପରିସ୍ଥିତିରେ ଏସ୍ପିରିନ୍ ଅପେକ୍ଷା ଟାମାଟୋ ମଞ୍ଜି ରସ୍ ଖୁବ୍ ଉପଯୋଗୀ ହୋଇଥାଏ । ଏସ୍ପିରିନ୍ ସେବନ ଦ୍ୱାରା ଆଭ୍ୟନ୍ତରୀଣ ରକ୍ତସ୍ରାବର ଆଶଙ୍କା ବଢ଼ିଯାଇପାରେ । ଏ କ୍ଷେତ୍ରରେ ଟମାଟୋର ବ୍ୟବହାର ମାତ୍ର ୧୮ ଘ[ାରେ କାର୍ଯ୍ୟ ଆରମ୍ଭ କରିଦେବା ବେଳେ ଏସ୍ପିରିନ୍‌କୁ ୧୦ ଦିନ ଲାଗିଥାଏ । ଟମାଟୋ ଏବଂ ଏସ୍ପିରିନ୍ ଦୁଇଟିଯାକ ପ୍ଲେଟଲେଟ୍‌ସକୁ ନିୟନ୍ତ୍ରିତ କରନ୍ତି । ଧୂମପାନ, ରକ୍ତରେ କୋଲେଷ୍ଟେରଲ୍‌ର ଆଧିକ୍ୟତା ଏବଂ ଟେନ୍‌ସନ୍ ଯୋଗୁଁ ପ୍ଲେଟ ଲେଟ୍‌ସ୍‌ର ଆକାର ବଦଳିଯାଏ ଓ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ବଢ଼ିଯାଏ ।



# କିଡ୍‌ନୀର ସୁରକ୍ଷା

ଆପଣ ଚାହାଁନ୍ତି କି ଆପଣଙ୍କ କିଡନୀ ସୁସ୍ଥ ରହୁ ଏବଂ ଆପଣଙ୍କୁ ଏହା ସହ ଜଡିତ କୌଣସି ବି ସମସ୍ୟାର ସମ୍ମୁଖୀନ ନ ହେବାକୁ ପଡୁ ତେବେ ଏନେଇ ଆପଣଙ୍କ କିଛି କଥା ଉପରେ ଧ୍ୟାନ ଦେବାକୁ ପଡ଼ିବ । -ମୁଖ୍ୟତଃ ନିଶାଦ୍ରବ୍ୟ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ପାଖରେ କିଡନୀ ଜନିତ ସମସ୍ୟା ଅଧିକ ପରିମାଣରେ ଦେଖାଯାଇଥାଏ । ଧୂମପାନ କରୁଥିବା ଲୋକଙ୍କ କିଡନୀ ଜନିତ ସମସ୍ୟା ହେବାର ଆଶଙ୍କା ସାଧାରଣ ଲୋକଙ୍କଠାରୁ ଦ୍ୱିଗୁଣିତ ହୋଇଥାଏ । ତେବେ ଏଥିପାଇଁ ଧୁମ୍ରପାନ ଠାରୁ ସର୍ବଦା ଦୂରରେ ରହିବା କଥା ।

- ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇଲେ ମଧ୍ୟ କିଡନୀ ସୁସ୍ଥ ରହିବ ।
- ବିଶେଷ କରି ବ୍ଲଡ୍ ପ୍ରେସର ଉପରେ ଆପଣ ଧ୍ୟାନ ଦେବା ଉଚିତ । ସାଧାରଣତଃ, ସାମାନ୍ୟ ବ୍ଲଡ୍ ପ୍ରେସର ୧୨୦ରୁ ୮୦ ମଧ୍ୟରେ ରହିଥାଏ । ଯଦି ରକ୍ତଚାପ ୧୪୦ କିମ୍ବା ୯୦ ରୁ ଅଧିକ ହୋଇଯାଏ, ତେବେ ଆପଣଙ୍କ ତୁରନ୍ତ ଡାକ୍ତରଙ୍କ ପାଖକୁ ଯିବା ଉଚିତ୍ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଖଳନାୟକ...

ସମ୍ପ୍ରତି ଅତ୍ୟନ୍ତ ଜଟିଳ ସ୍ଥିତି ମଧ୍ୟରେ ଦେଶ ତଥା ବିଶ୍ୱ ଗତି କରୁଛି । ଶାସନ କଳ ତଥା ଦେଶବାସୀ କିଭଳି ଶ୍ୱାସରୁଦ୍ଧକର ଅବସ୍ଥାରେ ଅଛନ୍ତି ତାହା ସମସ୍ତଙ୍କୁ ଜଣା । କରୋନା ମହାମାରୀ ସଂକ୍ରମଣ ପାଇଁ ଯେମିତି ତମାମ୍ ଶାସନ ଠପ୍ ହୋଇଯାଇଛି । କିଭଳି ଏହି ବିଷମ ଚକ୍ରରୁ ମୁକ୍ତି ମିଳିବ, ସେହି ଚିନ୍ତାରେ ସମସ୍ତେ ଚିନ୍ତିତ । ବିଷାଦ ଓ ଅବସାଦ ସମସ୍ତଙ୍କ ମନକୁ ଆକ୍ରାନ୍ତ କରି ରଖିଛି । ଯେଉଁମାନେ କରୋନାର ଶକ୍ତ ମୁକାବିଲା ପାଇଁ ଅଣ୍ଟା ଭିଡ଼ି ବାହାରିଛନ୍ତି, ସେମାନେ ମଧ୍ୟ ଯୁଦ୍ଧରେ ବଳି ପଡ଼ିଯିବା ବିଶେଷ ଉଦ୍‌ବେଗର କାରଣ ହୋଇଛି । ଯେତେଦିନ ପର୍ଯ୍ୟନ୍ତ ପ୍ରତିଷେଧକ ଟିକା କିମ୍ବା ଔଷଧ ନବାହାରିଛି ଏହିଭଳି ଛଟପଟ ହୋଇ ସମସ୍ତେ କାଳ କାଟି ଚାଲିଥିବେ । ସମସ୍ତେ ନିଜର ତଥା ପରିବାର ଓ ଆତ୍ମୀୟ ପରିଜନଙ୍କ ସୁରକ୍ଷା ଚିନ୍ତାରେ ଥିବାବେଳେ କଥିତ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଭଳି ଉପଚାର ସଂକ୍ରମଣକୁ ଯତ୍ ସାମାନ୍ୟ ବାଧା ଦେବାପାଇଁ ଉଦ୍ୟମ ହେଉଛି । କିନ୍ତୁ ତମାମ୍ ବିଶ୍ୱକୁ କରୋନା ଗ୍ରାସ ଭିତରକୁ ଟାଣରି ନେଇଯାଇଥିବା ଭଳି ହୋଇଛି । ତାହାରି ଭିତରେ ଅମାନିଆମାନେ ସଙ୍ଗରୋଧ କଟକଟାକୁ ଖାତିର କରୁନାହାଁନ୍ତି । କେଉଁଠି ରିଲିଫ୍ ନାମରେ ଗଂଜେଇ ଚାଲାଣ ହେଉଛି, ତ ଆଉ କେଉଁଠି ଅପରାଧୀମାନେ ସଙ୍ଗରୋଧ କେନ୍ଦ୍ରରେ ଅନାଚାର ଘଟାଉଛନ୍ତି । ଚୋରି ଡକାୟତିରେ ମଧ୍ୟ ସାମାଜିକ ତତ୍ତ୍ୱମାନଙ୍କୁ କରୋନା ଅଟକାଇ ପାରୁନାହିଁ । ଅପରାଧୀ ତତ୍ତ୍ୱମାନେ ପୁଲିସକୁ ସୁଦ୍ଧା ଚକ୍‌ମା ଦେଇ ଲୁଟ୍‌ତରାଜ ଚଳାଇବାରେ ବିରାମ ନେଉନାହାନ୍ତି । କିଛିଦିନ ତଳେ ଦୁର୍ଦ୍ଦାନ୍ତ ଅପରାଧଦୀ ବିକାଶ ଦୁବେ ଉତ୍ତର ପ୍ରଦେଶରେ ଗୁଳି ଚଳାଇ ଆଠଜଣ ପୁଲିସ କର୍ମଚାରୀଙ୍କୁ ମାରିଦେଇଥିବା ଘଟଣା ସମସ୍ତଙ୍କୁ ଚମକାଇ ଦେଇଛି । ମୃତ ପୁଲିସ କର୍ମଚାରୀମାନେ କାନପୁରର । ଏହି ଜିଲ୍ଲାର ବିକ୍ରୁ ଗ୍ରାମ ନିକଟରେ ଏନକାଉଣ୍ଟର କରି ଦୁର୍ଦ୍ଦାନ୍ତ ବିକାଶ ପୁଲିସମାନଙ୍କୁ ଜୀବନରେ ମାରିଦେଇ କୁଆଡ଼େ ଫେରାର ହୋଇଯାଇଛି । ଦୁବେକୁ ଧରାଇ ଦେଲେ ପୁଲିସ ଦୁଇରୁ ଅଢ଼େଇ ଲକ୍ଷ ପର୍ଯ୍ୟନ୍ତ ପୁରସ୍କାର ଦେବ ବୋଲି ଘୋଷଣା କରାଯାଇଥିଲା । କିନ୍ତୁ ଅସଲ କଥା ସେଇଠି ନଥିଲା । ଦୁବେ ସହ କୁଆଡ଼େ ଚୌବେପୁର ଷ୍ଟେସନ୍ ହାଉସ୍ ଅଫିସର୍ ବିନୟ ତିୱାରୀଙ୍କ ଗୁପ୍ତ ସମ୍ପର୍କ ରହିଛି । ବିକାଶର ଗତିବିଧି ସମ୍ପର୍କରେ ବିନାୟକଙ୍କୁ ସବୁକିଛି ମାଲୁମ୍ । ଏସ୍‌ଏଚ୍‌ଓରେ ଦୁବେ ସହ ସମ୍ପର୍କ ଥିବା କଥା ନିହତ ପୁଲିସ କର୍ମଚାରୀ ବରିଷ୍ଠ ଅଧିକାରୀଙ୍କୁ ଜଣାଇଥିଲେ । ଯେତେ ପୁରସ୍କାର ଘୋଷଣା କଲେ କ'ଣ ହେବ, ବାସ୍ତବ ପକ୍ଷେ ପୁଲିସ କର୍ମଚାରୀଙ୍କ ଭିତରେ ଥିବା ପଞ୍ଚମ ବାହିନୀ ପୂରା ମାମଲାକୁ ଗଡ଼ବଡ଼ କରିପକାଇବା ଥୟ । ଯଦି ନିୟତ ପୁଲିସମାନଙ୍କ ସତର୍କ ବାଣୀ ବିଷୟରେ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥାନ୍ତେ, ହୁଏତ ଏତେ ଅଧିକ ପୁଲିସ କର୍ମଚାରୀଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା । କଥାରେ ଅଛି- ନିର୍ବାଣ ଦୀପେ କିମୁ ଦୈଳଦାନମ୍, ଚୌର ଗଡ଼େ ବା କିମୁ ସାବଧାନମ୍ । ଚୋର ଗୋଲାପରେ ବୁଦ୍ଧି ଦିଶିବା ଭଳି ନ୍ୟାୟରେ କର୍ତ୍ତୃପକ୍ଷ ଘଟଣା ସରିବାର କିଛିଦିନ ପରେ ଏସ୍‌ଏଚ୍‌ଓଙ୍କୁ ଚାକିରିରୁ ନିଲମ୍ବନ କରି ଦାୟିତ୍ୱ ସାରିଦେଇଛନ୍ତି । ମାମଲା ଏତେ ଦୂର ଗମ୍ଭୀର, ତାହା ପୂରା ୟୁପି ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି । ଢୋଲ ଭିତରେ ମୂଷା ରହି ସାରା ବ୍ୟବସ୍ଥାକୁ ବଦ୍‌ନାମ କରିବାର ଏହାଠାରୁ ବଡ଼ ଉଦାହରଣ ଆଉ କ'ଣ ଥାଇପାରେ ! ଆଉ ଜଣେ ତଥାକଥିତ ଅନୁରକ୍ତ ଯବାନଙ୍କ କଥା ବିଚାରକୁ ନିଆଯାଉ । ସେ ହେଉଛନ୍ତି ଜମ୍ମୁ-କାଶ୍ମୀର ପୁଲିସ୍ ଅଧିକାରୀ ଦେବିନ୍ଦର ସିଂହ । ଭଦ୍ରଲୋକ ହିଜବୁଲ୍ ମୁଜାହିଦ୍ଦିନ୍ ଆତଙ୍କବାଦୀଙ୍କ ସହ କାର୍‌ରେ କିଛି ମାସ ତଳେ ଯାତ୍ରା କରୁଥିବାବେଳେ ଧରାପଡ଼ିଥିଲେ । ଭାରତୀୟ ସୈନ୍ୟବାହିନୀରେ ପ୍ରାକ୍ ଗୁପ୍ତଚର ରୂପେ କାର୍ଯ୍ୟ କରୁଥିବାର ଯଥେଷ୍ଟ ପ୍ରମାଣ ମିଳିବା ପରେ ଢୋଳ ଭିତର ମୂଷା ଦେବିନ୍ଦରଙ୍କୁ କେବଳ ନିଲମ୍ବନ କରାଯାଇନାହିଁ; ଏନ୍‌ଆଇଏ ପକ୍ଷରୁ ତାଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । ପାକିସ୍ତାନୀ ଗୁଇନ୍ଦା ଚକ୍ର ପାଇଁ ଦେବିନ୍ଦର କାର୍ଯ୍ୟ କରୁଥିଲେ । ବହୁ ଗୁପ୍ତ ତଥ୍ୟ ଚାଲାଣ ପାଇଁ ପାଉଥିଲେ ବିପୁଳ ଲାଞ୍ଚ । ଦୁଇଜଣ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ସହ ଗିରଫ ହୋଇ ଏବେ ଦେବିନ୍ଦର ଏବେ ଜେଲଖାନାରେ ହାୱା ଖାଉଛନ୍ତି । ଭାତହାଣ୍ଡିରୁ ଗୋଟିଏ ଚିପିଲା ନ୍ୟାୟରେ ପୁଲିସବାହିନୀ ଭିତରେ ଥିବା ପଞ୍ଚମ ବାହିନୀର କାର୍ଯ୍ୟର ପରଖ ନିଆଯାଇପାରେ । ଦେଶ କରୋନା ବିରୋଧରେ ଲଢ଼େଇରେ ଲାଗିଥିବା ବେଳେ ଏଭଳି କିଛି ଗୋଠଖଣ୍ଡିଆଙ୍କ ପାଇଁ ସାରା ପୁଲିସ ଓ ସୈନ୍ୟବଳ ନାମରେ କଳାଛିଟା ଲାଗୁଛି । ସୁତରାଂ ଭଲକରି ଭ୍ରାତାଙ୍କ ବଦନ ଚିହ୍ନି ରଖାଯିବା ଦରକାର । ସଂଯତ ଓ ଶୃଙ୍ଖଳିତ ଜୀବନ ପଦ୍ଧତି ପାଇଁ ଯେଉଁମାନେ ଉଦାହରଣ ସୃଷ୍ଟି କରିବା କଥା, ସେମାନେ ଯଦି ଏଭଳି ଅପକର୍ମ ଓ ଦେଶଦ୍ରୋହରେ ଲିପ୍ତ ହେବେ, ତେବେ କପାଳରେ କର ମାରିବା ଛଡ଼ା କ'ଣ କରିପାରିବା !




## ସୀମାନ୍ତ ସୈନିକ...

ଶରତ ଚନ୍ଦ୍ର ଜାଲି

ସୀମାନ୍ତ ବକ୍ଷରେ ଦଣ୍ଡାୟମାନ ମୁଁ
ସୀମାନ୍ତ ସୈନିକ ସାଜି
ଦେଶର ଅରାତି ସମୂଳେ ବିନାଶି
ଜୀବନକୁ ଦେବି ବାଜି ।

ବନ୍ଧୁକର ସାଥେ ବନ୍ଧୁତ୍ୱ ବନ୍ଧନେ
ରଖିବି ଏ ଜାତି ଟେକ
ଦେଶପ୍ରେମ ବହ୍ନି ଜଳେ ହୃଦୟରେ
ନୁଆଁଇବି ନାହିଁ ବେକ ।

ଦୁଃଖ ଯାତନରେ ବିପତ୍ତି ଝଡ଼ରେ
କରିବି ମାତୃକା ସେବା
ବୀରତ୍ୱର ଧ୍ୱଜା ଉଡ଼େ ଫରଫର
ମନପ୍ରାଣେ ଶୌର୍ଯ୍ୟ ପ୍ରଭା ।

ଧୈର୍ଯ୍ୟ ପଥେ ଚାଲି ଆଗକୁ ଆଗକୁ
ଆଣିଦେବି ଜୟ ସୂର୍ଯ୍ୟ
ମରଣ ଦୁଆରେ ଚରଣକୁ ଦେଇ
ନିର୍ଭୟେ କରୁଛି କାର୍ଯ୍ୟ ।

ଜାଣିନି ସଂସାର ମୋହ, ମାୟା, ସ୍ନେହ
ଜାଣିନାହିଁ ଯାନିଯାତ
ତୋପ, ବନ୍ଧୁକରେ ବାରୁଦ ଗନ୍ଧରେ
ଶକ୍ତ ମୋର ଦେହ, ହାତ ।

ପ୍ରାଣଠାରୁ ବଳି ମାତୃଭୂମି ପାଦେ
ସମର୍ପିଛି ଜୀବନକୁ
ହାରିବାର ନାହିଁ ଜନମ ଜାତକେ
ପୂର୍ଣ୍ଣକରେ ସପନକୁ ।

ପଛଘୁଞ୍ଚା ନାହିଁ ଦେଖି ଅରିକୁଳ
କରେ ଘମାଘୋଟ ଯୁଦ୍ଧ
ବୀର ବେଶେ ନାନା ଅସ୍ତ୍ରଶସ୍ତ୍ର ସାଜି
ଗର୍ବିତ ମୁଁ ସ୍ୱୟଂସିଦ୍ଧ ।

ଉଜାଗର ରହି ଉଜାଡ଼ି ଦିଏ ମୋ
ତନ୍ଦ୍ରା, କ୍ଷୁଧା, ତୃଷ୍ଣା ସବୁ
ଯବାନ ଯୌବନେ ବଣା ହୁଏନାହିଁ
ଦେଶପ୍ରେମ କରେ କାବୁ ।

ବୈଶାଖ, ବସନ୍ତେ, ବର୍ଷା, ବାରିପାତେ
ସ୍ମିତହାସ୍ୟ, ପ୍ରୀତିମୁଖ
ବନ, ପରବତେ କଣ୍ଟକିତ ପଥେ
ସାଉଁଣେଟ କର୍ତ୍ତବ୍ୟ ସୁଖ ।

ଗୌରବ ସୌରଭ ଛୁଟେ ଚତୁଃର୍ଦ୍ଦିଗ
ସୀମାନ୍ତ ସୈନିକ ବୋଲି
ଛାତି ଯାଏ ତାତି ପୁଣ୍ୟମାଟି ପ୍ରୀତି
ରଂଗ ସର୍ବାଙ୍ଗରେ ବୋଳି ।

+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧

# ବିଜ୍ଞାନର୍ ଉନ୍ମାଦନା, ସାହିତ୍ୟ ଆଜି କାରାଗାରେ, ଦର୍ଶନ ଅନ୍ତର୍ଦ୍ଧାନ !

ପଙ୍କଜ କୁମାର ପାଣିଗ୍ରାହୀ

(ପୂର୍ବ ପ୍ରକାଶିତ ଉତ୍ତାରୁ....)

ଅଧିକନ୍ତୁ କହିବାକୁ ଗଲେ ପୁରୁଣା ସମୟର ସେହିସବୁ କବି, ଲେଖକଙ୍କ ଭାଷା, ସାହିତ୍ୟକୁ ଆଜିକା ଦିନରେ କେହି ସମକକ୍ଷ ହେବାତ ଦୂରର କଥା ସେଗୁଡିକୁ ଭଲଭାବେ ବୁଝିପାରିବେ ନାହିଁ କି ବ୍ୟାଖ୍ୟା କରିପାରିବେ ନାହିଁ । ତଥାପି ନିଜର ଆତ୍ମସମ୍ମାନ ଦାବୀକରି ଆଜିକାଲି ଆଧୁନିକ କବିତା ଠାରୁ ଆରମ୍ଭ କରି ପ୍ରବନ୍ଧ ହେଉ କିମ୍ବା ଅନ୍ୟକୌଣସି ଆଲେଖ୍ୟ ଗୁଡିଏ ପ୍ରତିପାଦନ କରି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ ପୂର୍ବକ ସମାଜର ଶୀର୍ଷରେ ସମ୍ମାନିତ ହେବାପାଇଁ କ୍ଷୁଧାତୁର ମଣିଷଙ୍କ ସଂଖ୍ୟା ସବୁଠାରୁ ଉର୍ଦ୍ଧରେ ! ବର୍ତ୍ତମାନ ପୁସ୍ତକ/ପତ୍ରିକା ମାନଙ୍କରେ ପ୍ରକାଶିତ ବିଭିନ୍ନ ଆଲେଖ୍ୟ ଗୁଡିକ କେବଳ ପୂର୍ବରୁ ଘଟିଥିବା କିମ୍ବା ଚଳିତ ଘଟଣା ଗୁଡିକ ଉପରେ ଅଥବା କୌଣସି ସନ୍ଥ/ ଦାର୍ଶନିକଙ୍କ ମତବାଦ ଉପରେ ଆଧାରିତ ଥିବା ବ୍ୟତୀତ ନିଜ ଅନ୍ତର୍ଜ୍ଞାନରୁ ଉଦ୍ଧୃତ ବାସ୍ତବ ପ୍ରମାଣଗତ କୌଣସି ତଥ୍ୟ ଦେଖିବାକୁ ମିଳୁନାହିଁ କାହାର ଲେଖା ଗୁଡିକରେ । ଆଜିକାଲିର ଯାନ୍ତ୍ରିକ ମାଧ୍ୟମ ଗୁଡିକର ପ୍ରଖରତା ହେତୁ ଏହିସବୁ ଖବର ଉପରେ ଆଧାରିତ ସମସ୍ତ ତଥ୍ୟ ମୁଦ୍ରଣ ମାଧ୍ୟମ ପୂର୍ବରୁ ସମସ୍ତଙ୍କ ପାଖରେ ପହଞ୍ଚିଯାଉଥିବା ହେତୁ ମୁଦ୍ରଣ ମାଧ୍ୟମ ଗୁଡିକ ଉପରେ ପାଠକଙ୍କ ଆଗ୍ରହ ରହୁନଥିବା ଦେବାକୁ ମିଳୁଛି । ନାନାମୁନିଙ୍କ ନାନା ମତ ଭଳି ଅନେକ ଭିତ୍ତିହୀନ ଅବାସ୍ତବ ତଥ୍ୟ ଗୁଡିଏ ନିଜକୁ ଯାହା ଭଲ ଲାଗେ, ତାହାରି ଉପରେ ଆଧାର କରି ଅନେକ ତଥ୍ୟ ପ୍ରକାଶ ପାଇବାଦ୍ୱାରା ପାଠକଙ୍କ ମୁଦ୍ରିତ ଲେଖା ଗୁଡିକ ଉପରେ ପ୍ରାୟତଃ ଭରସା / ଆଗ୍ରହ ହଜିଯାଇଥିବା ଅଗ୍ରାହ୍ୟ କରାଯାଇ ପାରିବନାହିଁ ! କୌଣସି ଲେଖାଟିରେ ନୂତନତ୍ୱନଥାଇ କିମ୍ବା ତଥ୍ୟଭିତ୍ତିକ ତଥା ସାର୍ବଜନୀନ କ୍ଷେତ୍ରରେ ଉପଯୋଗୀତା ନଥାଇ ଗୋଷ୍ଠୀ କିନ୍ଦ୍ରିକ ଏବଂ ସ୍ୱାର୍ଥକିନ୍ଦ୍ରିକ ମତବାଦ ଉପରେ ଆଧାରିତ ଅନେକ ପୁସ୍ତକ/ପତ୍ରିକା ପ୍ରକାଶ ପାଉଥିବା ହେତୁ ପାଠକ ମାନଙ୍କ ମୁଦ୍ରଣ ମାଧ୍ୟମ ପ୍ରତି ଏକପ୍ରକାର ନିରାଶ୍ୟ ଭାବ ଦେଖିବାକୁ ମିଳୁଛି ! କିଛି ନୂତନତା ସହିତ ମାନସ ମନ୍ଥନ କଳାଭଳି ଆଲେଖ୍ୟ ତଥା ସର୍ବଜନ ହିତରେ ଉଦେଶ୍ୟ ରଖି ଲେଖା ଗୁଡିକ ଉପସ୍ଥାପନ କରାଗଲେ ପାଠକଙ୍କ ଆଗ୍ରହ ରହିଥାନ୍ତା ଯାହା ଆଜି ଆଉ ସେହିଭଳି ଲେଖା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ! ଅଧିକାଂଶ କ୍ଷେତ୍ରରେ ବାସ୍ତବିକ ସାହିତ୍ୟିକ ମାନଙ୍କ ଲେଖା ଦେଖିବାକୁ ମିଳୁନଥିବାବେଳେ କେବଳ ସାମାଜିକ ସ୍ଥାନପ୍ରଭୁ ମଣିଷଙ୍କ ଲେଖାଗୁଡିକୁ ପ୍ରାଧାନ୍ୟତା ଦିଆଯାଉଥିବା ହେତୁ ସମ୍ପୃକ୍ତ ଲେଖାଗୁଡ଼ିକରେ କୌଣସି ସାମାଜିକ ସଚେତନତା ତଥା ନୂତନତ୍ୱ ନଥାଇ କେବଳ ପ୍ରଚ୍ଚର ଲକ୍ଷ ଅଧିକ ଥିବା ଦେଖିବାକୁ ମିଳୁଛି ! ଦେଖିବାକୁ ଗଲେ ସାହିତ୍ୟିକ ଲେଖା ଆଉ ନାହିଁ କହିଲେ ଚଳେ ! ଆସନ୍ତା ଭବିଷ୍ୟତରେ ଏହିଭଳି ଦିନକୁ ଦିନ ଭାଷା, ସାହିତ୍ୟର ଅବକ୍ଷୟ ହୋଇ ଚ୍ଚଲିଲେ ଧିରେ ଧିରେ ଆମ ସମାଜ ଗୋଟିଏ ଜୀବନ ବିହୀନ ମଣିଷସମାଜରେ ପରିଣତ ହେବା ନିଶ୍ଚିତ ! କାରଣ ଭାଷା, ସାହିତ୍ୟ ମଣିଷର ସାମାଜିକ ଜୀବନର ପ୍ରଥମ ଆଧାର । ତେଣୁ ମାତୃଭାଷା, ସାହିତ୍ୟର ସଂରକ୍ଷଣ, ସୁଦ୍ଧାର ଉପରେ ଗୁରୁତ୍ୱ ଦିଆନଗଲେ ଆସନ୍ତାପିଢିଙ୍କ ସାମାଜିକ ବ୍ୟବସ୍ଥା ଉପରେ ପ୍ରକାଣ୍ଡ କୁପ୍ରଭାବର ପ୍ରକୋପକୁ କେହି ରକ୍ଷା କରିପାରିବେ ନାହିଁ ବୋଲି ଆମର ବିଚ୍ଚରରେ ଆପଣଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେବେବୋଲି ଆଶା !

ସ୍ମରଣିକା ସହିତ ଭବିଷ୍ୟ ଅନୁମାନ ମିଶ୍ରଣ ହୋଇ ଭାବଧାରାକୁ ବିଶ୍ଳେଷଣ, ମନ୍ଥନ କଲେ ଅନ୍ତରୀକ୍ଷ ବହିର୍ଭୂତ କ୍ଷେତ୍ର ପ୍ରସ୍ତୁତ ହୋଇ ମନ ମାନସରେ ଆଶାତୀତ ଲୌକିକ, ଅଲୌକିକ ବିଷୟ ଗୁଡିଏ ଜାତ ହୋଇଥାଏ । ସେହି ଭାବଧାରାରୁ ବହିର୍ଭୂତ ତଥ୍ୟକୁ ଦାର୍ଶନିକ ତତ୍ତ୍ୱ ବୋଲି କୁହାଯାଇଥାଏ, ଯାହା ବିରଳ ସଂଖ୍ୟକ ମଣିଷ ମାନଙ୍କ ପକ୍ଷରେ ସମ୍ଭବ ହୋଇଥାଏ, ସମ୍ପୃକ୍ତ ମଣିଷର ଜନ୍ମଗତ ଗୁଣ, ଚରିତ୍ରକୁ ନେଇ ! ସେହି ଭାବଧାରରୁ ଉଦ୍ଧୃତ ବିଷୟଗୁଡିକୁ ଭାଷା, ସାହିତ୍ୟ ମାଧ୍ୟମରେ ପ୍ରକାଶ କରି ବିଭିନ୍ନ ରୂପରେଖ ଦିଆଯାଇଥାଏ ! ସମ୍ପୃକ୍ତ ଭାବଧାରା ଗୁଡିକରେ ତ୍ରିକ, ଅତ୍ରିକ ମତାମତ ଗୁଡିଏ ରହିଥାଏ ଯାହା ମଣିଷର ଉତ୍ତୋରୋତ୍ତର ଉନ୍ନତି ଦିଗରେ ଯଥେଷ୍ଟ ସହାୟକ ତଥା କେତେବେଳେ ସମାଜକୁ ନୁମ୍ନଗାମୀ କରିବାରେ ସମର୍ଥ ହୋଇଥାଏ । ବାସ୍ତବିକ କିଛି ମଣିଷଙ୍କ ଦାର୍ଶନିକ ତତ୍ତ୍ୱଜ୍ଞାନ ଉପରେ କ୍ଷମତା ଥିବାବେଳେ ମାନସିକତାରେ ବିଯୁକ୍ତାତ୍ମକ ଚିନ୍ତାଧାରା ରହିଥିବା ହେତୁ ସେମାନେ ଅଲୌକିକ, ଛଳନାତ୍ମକ ତଥା ଭ୍ରାନ୍ତିକର ତଥ୍ୟ ଗୁଡିଏ ଉପସ୍ଥାପନ କରି ସାଧାରଣ ମଣିଷ ସମାଜକୁ ଜ୍ଞାତ/ ଅଜ୍ଞାତରେ ନିମ୍ନଗାମୀ କରିବାରେ ସମର୍ଥ ହୋଇଥିବାବେଳେ ଯୁକ୍ତାତ୍ମକ ତଥା ତଥ୍ୟଭିତ୍ତିକ ଚିନ୍ତନର ଦାର୍ଶନିକ ତଥ୍ୟ ପ୍ରଦାନକାରୀ ମଣିଷ ମାନେ ସମାଜକୁ ବଳିଷ୍ଠ ଉପାଦାନ ପ୍ରଦାନ କରି ସାମାଜିକ ବ୍ୟାବସ୍ଥକୁ ସୁଧାରି ଏକ ପ୍ରେମମୟ ବାସ୍ତବବାଦୀ ମଣିଷ ସମାଜ ଗଠନ ଦିଗରେ କାର୍ଯ୍ୟ କରିଥାନ୍ତି । ଏହି ଦୁଇ ପ୍ରକାର ଦାର୍ଶନିକଙ୍କ ମତଭେଦ ଗୁଡିକୁ ବୁଝିନପାରି ଯିଏ ବିପାରତମୁଖୀ ଚିନ୍ତନ ଗୁଡିକୁ ଆଲୋଡନ କରୁଥାଏ ସେହି ମଣିଷଗୁଡ଼ିକର ସାମାଜିକ ସ୍ଥିତିରେ ଉନ୍ନତ୍ତି ହେଉନଥିବାବେଳେ ବାସ୍ତବବାଦୀ ଦାର୍ଶନିକ ତତ୍ତ୍ୱ ଉପରେ ପ୍ରାଧାନ୍ୟତା ଦେଇ ନିଜ ଜୀବନ କ୍ଷେତ୍ରରେ ଉପଯୋଗ କରୁଥିବା ମଣିଷ ମାନେ ସମାଜର ଉର୍ଦ୍ଧସ୍ଥାନ ଅଧିଗ୍ରହଣ କରିବାରେ ସକ୍ଷମ ହୋଇଥାନ୍ତି । ହେଲେ ବାସ୍ତବିକ ପୂର୍ବକାଳରୁ ଯେଉଁସବୁ ଦାର୍ଶନିକ ବିଭିନ୍ନ ସମୟରେ ସମାଜକୁ ଆଶାତୀତ ତଥ୍ୟ ଗୁଡିଏ ପ୍ରଦାନ କରିଯାଇଛନ୍ତି ଆଜି ଆଉ ସେହି ଦାର୍ଶନିକ ତଥ୍ୟ ଗୁଡିକ ଉପରେ କାହାର ଆଗ୍ରହ ନଥିବା ଦେଖିବାକୁ ମିଳୁଛି । ତଥା ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ଗଭୀର ଜ୍ଞାନ ନଥାଇ ସେଗୁଡିକୁ ବୁଝିବା, ବ୍ୟବହାର କରିବା କାଠିକର ପାଠରେ ପରିଣତ ହୋଇଥିବାବେଳେ ଦର୍ଶନତତ୍ତ୍ୱ ଉପସ୍ଥାପନ କରିବା ଭଳି ମଣିଷ ବିରଳରୁ ବିରଳତ୍ତର ସଂଖ୍ୟକ ଦେଖାଯାଉଥିବା ବେଳେ ସେମାନଙ୍କ ସାମାଜିକ ଗ୍ରହଣୀୟତା ଆଜିସମୟରେ ଅସମ୍ଭବ ହୋଇପଡିଥିବା ହେତୁ ସମାଜରୁ ଦର୍ଶନ ଅନ୍ତର୍ଦ୍ଧାନ ହୋଇଯାଇଥବା ଭଳି ମନେହେଉଛି ! କୌଣସି ସୁଯୋଗରୁ ସମାଜର ବିଭିନ୍ନ ସ୍ଥାନ ଅଧିଗ୍ରହଣ କରିବାରେ ସମର୍ଥ କିଛି ମଣିଷ ସବୁ ସାଂସାରିକ କର୍ତ୍ତବ୍ୟ ସମ୍ପାଦନ କଲାପରେ ଯଶ ଖ୍ୟାତି ଅର୍ଜନ କରିବା ଲକ୍ଷରେ ଅନେକ ପୁସ୍ତକ, ପତ୍ରିକା, ପ୍ରଚ୍ଚରପତ୍ର ଇତ୍ୟାଦି ମୁଦ୍ରଣ କରି ସମାଜରେ ବିତରଣ କରି ଲୋକଙ୍କ ମନକୁ ଜିତିବାପାଇଁ ଉଦ୍ୟମରତ ଥିବା ଦେଖିବାକୁ ମିଳୁଛି ! ସରକାରୀ ଉଦାସୀନତା ହେତୁ କୌଣସି ବାସ୍ତବତା, ସାମାଜିକ ଗ୍ରହଣୀୟତା କିମ୍ବା ଉପଯୁକ୍ତତା ନଥାଇ ସମାଜର ମାଙ୍ଗଳିକ ହେଉ କିମ୍ବା ଅମଙ୍ଗଳ, ଯିଏ ଯାହା ଇଛା ମୁଦ୍ରଣ କରି ପ୍ରଚ୍ଚର, ପ୍ରସାର କରିବାରେ ସମର୍ଥ ଆମ ଦେଶର ସାମାଜିକ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହେଉଥିବା କାହାର ଧ୍ୟାନ ନାହିଁ କି ସଚେତନତା କିମ୍ବା ବନ୍ଧନ, ଏହିଭଳି ସମାଜର ଗତି ଯେଉଁଆଡେ ଆମେ ସମସ୍ତେ ଦେଖୁଛେ ! ପ୍ରକାଶଥାଉକି, ପୂର୍ବରୁ ଘଟିଯାଇଥିବା କିମ୍ବା ଚଳିତ ସମୟର କୌଣସି ଘଟଣା ହେଉ କିମ୍ବା କୌଣସି ଦାର୍ଶନିକ, ମହାପୁରୁଷ, ଦେଶପ୍ରେମୀ ଅଥବା ସଂସ୍କାରକଙ୍କ ବାଣୀ ଗୁଡିକୁ ପୁନରାବୃତ୍ତି କରି ନିଜକୁ ସୁହାଇଲାଭଳି ରୂପାନ୍ତରିତ କରି ପ୍ରକାଶ କରାଯିବା ବିଷୟକୁ ଖବର ବୋଲି କୁହାଯାଇପାରେ ! ସେଗୁଡିକ ପୂର୍ବରୁ ପ୍ରକାଶ ପ୍ରସାର ହୋଇସାରିଥିବା ହେତୁ କୌଣସି ନୂତନତ୍ୱ ନଥାଇ ଅଖିଦୃଷ୍ଟିଆ ସାମାଜିକ ପ୍ରଭାବ ପକାଉନଥିବା ବେଳେ ତାହାର ଜନାଦୃତତା ଦେଖିବାକୁ ବିରଳ ହୋଇଥାଏ ! ଉଦାହରଣ ସ୍ୱରୂପ ରାମାୟଣ, ମହାଭାରତ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ, ଐତିହାସିକ, ଭୌଗଳିକ ତଥା ବିଜ୍ଞାନିକ ତଥ୍ୟ ଯାହାସବୁ ବହୁତ ପୂର୍ବରୁ ପ୍ରକାଶ ପ୍ରଚ୍ଚର ହୋଇସାରିଛି, ସେଗୁଡିକୁ ହିଁ କିଛି ଲେଖକ ପୁନରାବୃତ୍ତି କରି ତାହାର ଢାଞ୍ଚା ପରିବର୍ତ୍ତନ କରି ଅନେକ ପୁସ୍ତକ, ପତ୍ରିକା ମାଧ୍ୟମରେ ନିଜର ପ୍ରଚ୍ଚର କରିବା ଲକ୍ଷ ରଖୁଥିବା ଦେଖିବାକୁ ମିଳୁଛି ! ବିଡମ୍ବନାର କଥା ଏହାକି ସେମାନେ ଯାହାସବୁ ଲେଖନ୍ତି ସେସବୁ ସେମାନଙ୍କ ପାଇଁ ନୂତନ ହୋଇଥାଇପାରେ କିନ୍ତୁ ସମାଜ ପାଇଁ ନୁହେଁ ବୋଲି ସେମାନଙ୍କ ବିଚ୍ଚର, ସ୍ମରଣିକା ବହିର୍ଭୂତ ହୋଇଥାଏ ! ସେମାନଙ୍କ ଲକ୍ଷ କେବଳ ନିଜର ମିଥ୍ୟା ପ୍ରତିଭାକୁ ପ୍ରଦର୍ଶନ କରି କିଛି ନାଁ ଅର୍ଜନ କରିବା ଯେଉଁଥିରେ ସମାଜର କୌଣସି ମଙ୍ଗଳ ହେବା ନଗଣ୍ୟ ମାତ୍ର ! କାରଣ ବାରମ୍ବାର ସେହି କଥାକୁ ପଢିବା ପାଇଁ ଜନାଦୃତତା ନଥାଏ ଯାହା ସମସ୍ତେ ଜାଣନ୍ତି ! ନିଜସ୍ୱ ଅନ୍ତର୍ଜ୍ଞାନରୁ କୌଣସି ସଂସ୍କାରମୂଳକ ଆଲେଖ୍ୟ ଲେଖିବା ସାମର୍ଥ୍ୟ ଥିବା ଲେଖକ କିମ୍ବା ଆଲେଖ୍ୟ ଆଉ ନାହିଁ ! ଆଉ ଯଦି ଥାଏ ସେଗୁଡିକୁ କେହି ବୁଝିପାରିବା ଭଳି ସାମର୍ଥ୍ୟବିହୀନ ସମାଜରେ ସେମାନଙ୍କ କୌଣସି ସ୍ଥାନ ନଥିବା ହେତୁ ଦାର୍ଶନିକ ତତ୍ତ୍ୱଜ୍ଞାନ ଏବଂ ଲେଖକଙ୍କ ଉପସ୍ଥିତି ମଳିନ ପଡିଯାଉଥବା ଅସ୍ୱୀକାର କରିହେବ ନାହିଁ ! ସ୍ୱାର୍ଥକିନ୍ଦ୍ରିକ ବିଚ୍ଚରଧାରା ହେତୁ ପ୍ରକୃତ ପ୍ରତିଭାର ସ୍ଥାନ ସମାଜରେ ମଳିନ ପଡିଯାଉଥିବା ବେଳେ ମିଥ୍ୟା ପ୍ରତିଭାଧାରୀଙ୍କ କୋଳାହଳ ସରଗରମ କରିଦେଉଛି ସମାଜକୁ ଯାହାକୁ ସମସ୍ତେ ଅନିଚ୍ଛାସତ୍ତ୍ୱେ ଗ୍ରହଣ କରିବାକୁ ବାଧ ହେଉଛନ୍ତି ! ଦାର୍ଶନିକ ବିଚ୍ଚରଧାରା, ଆଲୋଡ଼ନର ତତ୍ତ୍ୱଜ୍ଞାନ ନାହିଁ କି ତାହାର ସମ୍ମାନ ନାହିଁ ଆଜିକା ସମାଜରେ ଯାହା ମଣିଷକୁ ବିପଥରେ ନେଇଯିବାରେ ଯଥେଷ୍ଟ ସହାୟକ ହେଉଥିବା ହେତୁ ସବୁ ମଣିଷଙ୍କ ଏକ ପ୍ରକାର ଅଜ୍ଞାନ ନିର୍ବୋଧତା ସମାଜକୁ ଟଳିଟଳାନ୍ତ କରୁଥିବା ଦେଖିବାକୁ ମିଳୁଛି ! ଅଧିକନ୍ତୁ ଆଜିଦିନରେ ଦାର୍ଶନିକ ଚିଂାଧାରା, ତତ୍ତ୍ୱଜ୍ଞାନ ସମାଜରୁ ସମ୍ପୂର୍ଣ୍ଣଭାବେ ଅନ୍ତର୍ଦ୍ଧାନ ହୋଇଯାଇଅଛି କହିଲେ ଅତ୍ୟୁକ୍ତି ହେବନାହିଁ !!

ଆଲୋଡିତ ଅନୁଶୀଳନୀଟି ଉପରେ ଆଧାରକରି ବିଶ୍ଳେଷିତ ତଥ୍ୟ ପ୍ରଦାନ ପୂର୍ବକ କୁହାଯାଇପାରେ ଯେ ମାତୃଭାଷାର ଯଥାର୍ଥ ଉପଯୋଗ କରି ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ଗଭୀର ମନୋନିବେଶ କରାଗଲେହିଁ ମନରେ ବିଜ୍ଞାନିକ ଚିନ୍ତନ ସୃଷ୍ଟି ହେବାସହିତ ବିଜ୍ଞାନିକ ଉପଯୋଗୀତା ଗୁଡିକ ଜାଣିବାକୁ ମିଳିବ ଯାହା ଗୋଟିଏ ସୁନ୍ଦର ଜୀବନ ଶୈଳୀ ପ୍ରଦାନ କରିବାରେ ସାହାଯ୍ୟ କରିପାରିବ । ଆଜି କିନ୍ତୁ ତାହାର ସମ୍ପୂର୍ଣ୍ଣ ବିପରୀତମୁଖି ବିଚ୍ଚରଧାରା ମଣିଷକୁ ମାନବିକଧର୍ମୀ ବଦଳରେ ରାକ୍ଷସ କରିଦେବାରେ କାହାର ଅନୁଧାନ ନାହିଁ କିମ୍ବା ସେସବୁକୁ ସୁଧାରିବାରେ କାହାରେ ଆଗ୍ରହ ନଥିବା ହେତୁ ଏକ ବିଦ୍ୱେଷ ଭାବାପନ୍ନ ସମାଜ ବିଶ୍ୱବ୍ୟାପୀ ଦେଖିବାକୁ ମିଳୁଛି ! ତେଣୁ ଶିକ୍ଷାକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ଲେଖା ମାଧ୍ୟମ ଗୁଡିକ ଲେଖକର ସାମାଜିକ ସ୍ଥିତିକୁ ପ୍ରାଧାନ୍ୟତା ପୂର୍ବକ ମୂଲ୍ୟହୀନ ଲେଖା ଗୁଡିଏ ଉପରେ ଗୁରୁତ୍ୱ ନଦେଇ ସାମାଜିକ ସୁଧାର, ସଂସ୍କାର ଉପରେ ଆଲୋଡିତ ସାହିତ୍ୟିକ ଏବଂ ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ପ୍ରାଧାନ୍ୟତା ରଖୁଥିବା ଲେଖା ଗୁଡିକ ସାମାଜିକ କ୍ଷେତ୍ରରେ ପ୍ରଚ୍ଚର, ପ୍ରସାର ପାଇଁ ଉଦ୍ୟମ କଲେ ସାଧାରଣ ମଣିଷ ମନରେ ସାମାଜିକ ତଥା ଦାର୍ଶନିକ ତତ୍ତ୍ୱ ବୁଝିବା କ୍ଷମତା ଜାଗ୍ରତ ପୂର୍ବକ ପରିବର୍ତ୍ତିତ ମାନବିକତାର ସଙ୍ଗଠିତ ଚରିତ୍ର ଏକ ପ୍ରେମମୟ ସମାଜ ଗଠନ କରିବାରେ ସହାୟକ ହୋଇପାରିବ ବୋଲି ଆମ ଚିନ୍ତାଧାରାରେ ଆପଣଙ୍କ ବିଚ୍ଚରଶୀଳ ମନ୍ତବ୍ୟ ଅପେକ୍ଷାରେ..........?!!

(ସମାପ୍ତ)

ଧନ୍ୟବାଦ

+ ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ. ୯୪୩୭୩୨୪୯୧୭.

# ଦି ଗ୍ରେଟ ମାସାକ୍ରେ

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



୧୯୪୬ ମସିହା ଅଗଷ୍ଟ ୧୬ ତାରିଖ ଦିନ ଭାରତୀୟ ମୁସଲିମ ଲିଗର ପାକିସ୍ତାନ ଦାବି ପାଇଁ ଯେଉଁ ପ୍ରତ୍ୟକ୍ଷ ସଂଗ୍ରାମ ଦିବସ ବା ଡାଇରେକ୍ଟ ଆକସନ ଡେ ଘୋଷଣା କରାହେଲା, ତାହା ପାଳନ ବେଳେ ମହାନଗରୀ କଲିକତାରେ ଯେଉଁ ଅଚିନ୍ତନୀୟ ହିଂସାକାଣ୍ଡ ଓ ନରହତ୍ୟା ଘଟିଲା, ଇତିହାସରେ ତାହା ଗ୍ରେଟ କାଲକଟା ମାସାକ୍ରେ "The Great Calcutta Massacre" ବୋଲି ଅଭିହିତ ହୋଇଛି ।

ପୃଷ୍ଠଭୂମି: ମେ ୧୬ ତାରିଖ ୧୯୪୬ ମସିହାରେ ଭାରତ କୁ ଆସିଥିବା ତିନିଜଣିଆ କାବିନେଟ ମିଶନ ନିଜର ରିପୋର୍ଟ ବିଲାତ ସରକାରଙ୍କୁ ପ୍ରଦାନ କଲେ । ଇଂରେଜ ମାନେ ଖୁବ ଶୀଘ୍ର ଭାରତୀୟଙ୍କୁ କ୍ଷମତା ସମର୍ପଣ କରି ନିଜ ଦେଶକୁ ଫେରିଯିବେ । ସ୍ୱାଧିନ ଭାରତ ଏକ ତ୍ରି ସ୍ତରୀୟ ଫେଡେରସନରେ ପରିଣତ ହେବ । ସବା ଉପରେ ଏକ କେନ୍ଦ୍ର ସରକାର ରହିବ, ଯାହା ହାତରେ କେବଳ ପ୍ରତିରକ୍ଷା,ବୈଦେଶିକ ଓ ଯୋଗାଯୋଗା ବ୍ୟବସ୍ଥା ରହିବ । ତା ତଳେ ତିନୋଟି ସ୍ୱଂୟ ଶାସିତ ଗ୍ରୁପ ଏ, ବି ଓ ସି ରହିବେ । ଏ' ରେ ହିନ୍ଦୁ ବହୁଳ ପ୍ରଦେଶ,(ୟୁପି, ବିହାର, ମହାରାଷ୍ଟ, ମାନ୍ଦ୍ରାଜ),ବି'ରେ ମୁସଲିମ ବହୁଳ ପ୍ରଦେଶ (ପଞ୍ଜାବ, ସିନ୍ଧୁ, ସୀମାନ୍ତ ପ୍ରଦେଶ) ଓ ସି' ରେ ମିଶ୍ରିତ ପ୍ରଦେଶ ଆସାମ ଓ ବଙ୍ଗଳା ରହିବେ । ୧୦ ବର୍ଷ ପରେ ପ୍ରଦେଶ ମାନେ ଚାହିଁଲେ ଫେଡେରେସନ କିମ୍ବା ଗ୍ରୁପରୁ ଓହରି ଯାଇ ପାରିବେ । ମୁସଲିମ ଲିଗ ଏହାକୁ ଗ୍ରହଣ କଲା(୧୬ ଜୁନ,୧୯୪୬) । ଏହା ଦ୍ୱାରା ଅନ୍ତତଃ ଭାରତର ବିଭାଜନ ରୋକା ଯାଇ ପାରି ଥାଆନ୍ତା । କଂଗ୍ରେସ ମଧ୍ୟ ଏହାକୁ ଗ୍ରହଣ କଲା । ମାତ୍ର ଜୁଲାଇ ୧୦ରେ କଂଗ୍ରେସର ସଭାପତି ନେହେରୁ ବମ୍ବେ ଠାରେ କହିଲେ ଯେ, କଂଗ୍ରେସ ସମ୍ବିଧାନ ସଭାରେ ଯୋଗ ଦେବ, କିନ୍ତୁ ଗ୍ରୁପ ବ୍ୟବସ୍ଥାକୁ ପ୍ରତ୍ୟାଖାନ କରିବ । ନେହେରୁଙ୍କ ଏପରି ଭାଷଣରେ ଉତକ୍ଷିପ୍ତ ଜିନ୍ନା କାବିନେଟ ପ୍ରସ୍ତାବକୁ ସଂପୂର୍ଣ୍ଣ ପ୍ରତ୍ୟଖାନ କଲେ । ୧୯୪୦ ଲାହୋର ଘୋଷଣା ଅନୁଯାୟୀ ପାକିସ୍ତାନର ଦାବି ପାଇଁ ହିଂସାର ଆଶ୍ରୟ ନେବେ ବୋଲି ଧମକ ଦେଲେ । "Divede or we will destroy" ସାରା ଦେଶର ମୁସଲମାନ ମାନଙ୍କୁ ଆସନ୍ତା ଅଗଷ୍ଟ୧୬ ତାରିଖ ଶୁକ୍ରବାର ପ୍ରତ୍ୟକ୍ଷହ ସଂଗ୍ରାମ ଦିବସ "ଡ଼ସ- କ୍ୱରମତ୍ତ୍ୱ ଇମତ୍ତ୍ୱସକ୍ଟଭ ଡ଼ବଚ୍ଚ" ପାଳନ କରିବାକୁ ଡାକରା ଦେଲେ । କଂଗ୍ରେସକୁ ଧମକ ଦେଇ କହିଲେ, "ରକ୍ତର ନଈ ବହିଯିବ, ଯଦି ଆମକୁ ପାକିସ୍ତାନ ନମିଳେ ।" ସେତେବେଳେ ରମଜାନ ପର୍ବ ଚାଲିଥାଏ । ରମଜାନ ହେଇଛି ଧର୍ମ ଯୁଦ୍ଧ ବା ଜିହାଦର ମାସ । ମହାପୁରୁଷ ମହମ୍ମଦ ୧୦ ହଜାର ସୈନ୍ୟ ନେଇ ମକ୍କାର ପିତୁଳା ପୂଜକଙ୍କ ଉପରେ ବିଜୟ ଲାଭ କରିଥିଲେ ଓ ସ୍ୱର୍ଗରାଜ୍ୟ ସ୍ଥାପନ କରିଥିଲେ ।

ସେତେବେଳେ ଅବିଭକ୍ତ ବଙ୍ଗଳାରେ ମୁସଲିମ ଲିଗର ମନ୍ତ୍ରୀମଣ୍ଡଳ ଥାଏ । ଭାରତର ଅନ୍ୟ କେଉଁଠି ତାହା କ୍ଷମତାରେ ନଥିଲା । ମୁସଲିମ ବହୁଳ ସୀମାନ୍ତ ପ୍ରଦେଶରେ କଂଗ୍ରେସ ଦଳ ଶାସନ କରୁଥାଏ । ପଞ୍ଜାବରେ କଂଗ୍ରେସ ଓ ୟୁନିୟନିଷ୍ଟର ମିଳିତ ମନ୍ତ୍ରୀମଣ୍ଡଳ ଥାଏ । ବଙ୍ଗଳାରେ ଏଚ.ଏସ.ସୁରାବର୍ଦ୍ଧି ପ୍ରଧାନ ମନ୍ତ୍ରୀ ଥାଆନ୍ତି । ଫ୍ରେଡେରିକ ବରୋ ସାହେବ ରାଜ୍ୟପାଳ ଥାଆନ୍ତି । ଲର୍ଡ ୱାଭେଲ ଭାଇସରାୟ ଥାଆନ୍ତି । ସେ କଂଗ୍ରେସର ବିରୁଦ୍ଧ ଓ ଲିଗର ସମର୍ଥକ ଥିଲେ । କିଛିଦିନ ହେଲା କଲିକତାରେ ବାରମ୍ବାର ସାଂପ୍ରଦାୟିକ ଗଣ୍ଡଗୋଳ ଲାଗିଥାଏ । ସିରାବର୍ଦ୍ଧୀ ସେଦିନକୁ ଛୁଟି ଘୋଷଣା କଲେ । ସୈନ୍ୟ ଓ ପୋଲିସ ମାନଙ୍କୁ ବାରାକରେ ରହିବାକୁ କୁହାଗଲା । କିଛିଦିନ ତଳେ ବଙ୍ଗଳାର ଦୁର୍ଭିକ୍ଷ ବେଳେ କୋଟି କୋଟି ଟଙ୍କାର ଚାଉଳ କଳା ବଜାର କରି ସୁରାବର୍ଦ୍ଧି ନିନ୍ଦିତ ହୋଇଥାଆନ୍ତି । ସେଦିନ ମସ୍‌ଜିଦ ମାନଙ୍କରେ ଉତେଜକ ଭାଷଣ ମାନ ଦିଆଗଲା । ମଧ୍ୟାହ୍ନର ଜୁମା ନମାଜ ପରେ ଦଳ ଦଳ ମୁସଲମାନ ମାନେ ହାତରେ ଖଣ୍ଡା,ବାଡି,ସୋଡା ବୋତଲ, ବୋମା ମାନଧରି ସ୍ଲୋଗାନ ଦେଇ ଅକ୍ଟୋରଲୋନି ଛକ(ସହିଦ ମିନାର)କୁ ଆସିଲେ । ପ୍ରାୟ ଏକ ଲକ୍ଷ ମୁସଲମାନ ସଭାରେ ଥିଲେ । ସଭାରେ ସୁରାବର୍ଦ୍ଧି ଉତେଜକ ଭାଷଣ ଦେଲେ । ଏଣେ ହିନ୍ଦୁ ମାନେ ମଧ୍ୟ ପ୍ରସ୍ତୁତ ଥିଲେ । ଅନେକ ଯାଗାରେ ସେମାନେ ସରକାରଙ୍କ ବନ୍ଦ ଡାକରା ନମାନି ଦୋକାନମାନ ଖୋଲିଲେ । ସଭାପରେ ଫେରିଲା ବେଳେ ମୁସଲମାନ ମାନେ ହଟାତ ହିଂସାକାଣ୍ଡ ଆରମ୍ଭ କଲେ । ହିନ୍ଦୁ ମାନଙ୍କ ଘର ଦୋକାନରେ ନିଆଂ ଲଗାଗଲା । ସେମାନଙ୍କୁ ଛୁରି ଖଣ୍ଡାରେ ମାରି ଦିଆଗଲା "A week of long knife" ଆରମ୍ଭ ହେଲା । ପ୍ରାୟ ଦଶ ହଜାର ଲୋକ ନିହତ ହେଲେ । ସବୁଆଡେ ମଢ ପଡି ପଚୁଥିବାର ଦେଖାଗଲା । ଏକ ମାତ୍ର ମାଟିଆ ବୁରୁଜର କେଶୋରାମ ଲୁଗାକଳର ତିନିଶ ଓଡିଆ ଶ୍ରମିକଙ୍କୁ ମାରି ଦିଆଗଲା । ୧୭ ତାରିଖ ୧.୪୫ ସକାଳେ(ମଧ୍ୟରାତ୍ର) ସିଆଲଦା କ୍ୟାମ୍ପରୁ ସୈନ୍ୟ ମାନେ ଆସି ସହର ର ସୁରକ୍ଷା ଗ୍ରହଣ କଲେ । ତଥାପି ଆହୁରି ତିନିଦିନ ଧରି ହଣାକାଟ ଗଳି ମାନଙ୍କରେ ଚାଲିଲା । ପରେ ପରେ ହିନ୍ଦୁ ମାନେ ଏକଜୁଟ ହୋଇ ପାଲଟା ଆକ୍ରମଣ କଲେ । ତାଙ୍କ ସାଙ୍ଗରେ ଶିଖମାନେ ଯୋଗ ଦେଲେ । ଏହାର ପ୍ରତିଧ୍ୱନୀ ବିହାର, ଯୁକ୍ତ ପ୍ରଦେଶରେ ଶୁଭିଲା । ତା ପ୍ରତିବାଦରେ ନୂଆଖାଲିରେ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର ହେଲା । କଲିକତା ଭାରତରେ ରହିବ ଜାଣି ହିନ୍ଦୁ ମାନେ ଉତ୍ସାହିତ ହେଲେ । ସମସ୍ତେ ସୁରାବର୍ଦ୍ଧିକୁ ଛି ଛି କଲେ । କଂଗ୍ରେସ ସମର୍ଥନ ପ୍ରତ୍ୟାହାକଲା । ସେ ଇସ୍ତଫା ଦେଲେ । ବିକଳରେ ଶାନ୍ତି ପାଇଁ ଗାନ୍ଧିଙ୍କୁ ଗୁହାରି ହେଲେ । ଶାନ୍ତି ସ୍ଥାପନ ପାଇଁ ଗାନ୍ଧିଜୀ ଧାଇଁ ଆସିଲେ । ହଜାର ହଜାର ଲୋକ କଲିକତା ଛାଡି ପଳେଇଲେ । ସେମାନଙ୍କର କାହାଣୀ ମାନ ଶୁଣି ଗାଁଗାଁ ସହର ମାନଙ୍କରେ ଉତେଜନା ସୃଷ୍ଟି ହେଲା । ଅନେକ କଳ କାରଖାନା ବନ୍ଦ ହୋଇଗଲା । ଯେଉଁ ବଙ୍ଗାଳୀ ମାନେ ବଙ୍ଗ ବିଭାଯନକୁ ବିରୋଧ କରି ଆନ୍ଦୋଳନ କରିଥିଲେ, ସେମାନେ ବଙ୍ଗଳାର ବିଭାଜନ ଦାବି କଲେ । "Religion became thiker than language and Blood" ପ୍ରାଚ୍ୟର ଲଣ୍ଡନ ବୋଲି ଗର୍ବ କରୁଥିବା ମହାନଗରୀ କଲିକତାର ସୁଖର ଦିନ ସବୁଦିନ ପାଇଁ ଉଭେଇ ଗଲା ।

ଭାରତର ଏ ଅବସ୍ଥା ଦେଖି ସ୍ୱାଧିନତା ଦେବାକୁ ଟାଳଟୁଳ କରୁଥିବା ଇଂରେଜ ମାନେ ସେପ୍ଟେମ୍ବର ୨ ତାରିଖ ଦିନ ମଧ୍ୟବର୍ତ୍ତି କାଳିନ କେନ୍ଦ୍ର ସରକାର ଗଠନ କରି ନେହେରୁ ଙ୍କୁ ଭାଇସ-ପ୍ରେସିଡେଂଟ ବା ପ୍ରଧାନ ମନ୍ତ୍ରୀ ପଦ ଦେଇଦେଲେ । କଂଗ୍ରେସ ମଧ୍ୟ ଦେଶର ମଙ୍ଗଳ ପାଇଁ କ୍ଷମତା ଗ୍ରହଣ କରି ନୁତନ ସମ୍ବିଧାନ ପ୍ରଣୟ ପାଇଁ ଆଗଭର ହେଲେ । ଆଗରୁ ଅଖଣ୍ଡ ଭାରତ ର ପ୍ରବକ୍ତା ମାନେ ଜାଣିଲେ ଭାରତ ଏକାଠି ରହିବା ସମ୍ଭବ ନୁହେଁ, ତେଣୁ ବିଭାଜନ ଅନିର୍ବାୟ୍ୟ ଜାଣି ବିଭାଜନ ପ୍ରସ୍ତାବ ଗ୍ରହଣ କରିନେଲେ । ବଡଲାଟ ୱାଭେଲ ମଧ୍ୟ ତାଙ୍କ ବିଦାୟ(ବହିଷ୍କାର)ଆଦେଶ ପାଇଲେ । ମହାରାଣୀ ଭିକ୍ଟୋରିଆଙ୍କ ଅଣନାତି ସି-ଲର୍ଡ ମାଉଂଟବାଟେନ ଭାରତକୁ ସ୍ୱାଧିନତା ଦେବାର ପୁର୍ଣ୍ଣ କ୍ଷମତା ପାଇ ନୂତନ ଭାଇସରାୟ ହୋଇ ଆସିଲେ ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# ଅନାଲୋଚିତ ସୌନ୍ଦର୍ଯ୍ୟ

ଭାରତ ଓ ଚୀନ୍ ସୀମାରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଥିବା 'ଫିଙ୍ଗର ଏରିଆ'କୁ ନେଇ ବିବାଦ ଲାଗି ରହିଛି । ତେବେ ସୀମା ବିବାଦ ଭିତରେ ପାଙ୍ଗୋଙ୍ଗ ଅଞ୍ଚଳର ସୌନ୍ଦର୍ଯ୍ୟରେ କିଛି ଫରକ ପଡ଼ିନାହିଁ । ଯଦିଓ ଏହି ସ୍ଥାନକୁ ପର୍ଯ୍ୟଟକଙ୍କୁ ସେପରି ଯାତାୟତ ହୋଇନଥାଏ ଏହା କିନ୍ତୁ ପ୍ରକୃତିପ୍ରେମୀଙ୍କ ପାଇଁ ଖୁବ୍ ଆକର୍ଷଣୀୟ ସ୍ଥାନ । ପାଙ୍ଗୋଙ୍ଗ ସମେତ ଦେଶର ପାଞ୍ଚଟି ଏପରି ଅନାଲୋଚିତ, କିନ୍ତୁ ରମଣୀୟ ସ୍ଥାନ ସମ୍ପର୍କରେ-



### ପାଙ୍ଗୋଙ୍ଗ ହ୍ରଦ, ଜାମ୍ମୁ-କାଶ୍ମୀର:

ଲେହର ଏବଂ ଲଦାଖ ସହ ଏହି ହ୍ରଦର ସୌନ୍ଦର୍ଯ୍ୟ '୩ ଇଡିଅଟ୍ସ' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିଲା । ଏଥିରେ କରୀନା କପୁର ବିବାହ ବେଦୀରୁ ଉଠି ସ୍କୁଟରରେ ଯେଉଁ ସ୍ଥାନକୁ ଆସିଥିଲେ ତାହା ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳ । ହିମାଳୟ ପାର୍ବତ୍ୟାଞ୍ଚଳରେ ଖୁବ୍ ଉଚ୍ଚ ସ୍ଥାନରେ ଏହି ହ୍ରଦ ରହିଛି । ଏହା 'ପାଙ୍ଗୋଙ୍ଗ ତ୍ସୋ' ନାମରେ ବି ପରିଚିତ । ଏହି ହ୍ରଦ ଭାରତର ଲଦାଖଠାରୁ ଚୀନ୍ ନିୟନ୍ତ୍ରଣାଧୀନ ତିବ୍ବତ ପର୍ଯ୍ୟନ୍ତ ପ୍ରାୟ ୧୩୪ କିଲୋମିଟର ଲମ୍ବିଛି । ଏହାକୁ ନେଇ ଚାଲିଥିବା ଅନୁଧ୍ୟାନ ସଫଳ ହେଲେ ଏହି ହ୍ରଦ ଦକ୍ଷିଣ ଏସିଆର ପ୍ରଥମ ଟ୍ରାନ୍ସ-ବାଉଣ୍ଡାରୀ ୱେଟଲ୍ୟାଣ୍ଡ ଭାବେ ପରିଚିତ ହେବ । ପାଙ୍ଗୋଙ୍ଗ ଲୁଣି ପାଣିର ହ୍ରଦ ହୋଇଥିଲେ ବି ଥଣ୍ଡା ପଡ଼ିଲେ ଜମାଟ ବାନ୍ଧିଯାଏ । ଏହା ଏଲ୍ଏସି ଅଞ୍ଚଳରେ ଅଞ୍ଚଳରେ ଥିବାରୁ ଏଠାକୁ ଯିବାଲାଗି ସ୍ୱତନ୍ତ୍ର ଅନୁମତି ପତ୍ର ଜରୁରୀ ।



### ତାର୍କର୍ଲି ବେଳାଭୂମି, ମହାରାଷ୍ଟ୍ର:

ମୁମ୍ବାଇ ସହରରୁ ମାତ୍ର କେତେଘଣ୍ଟା ଗାଡ଼ିରେ ଯିବା ପରେ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତାରକର୍ଲି ବେଳାଭୂମିରେ ପହଞ୍ଚି ହେବ । ସ୍ନାର୍କେଲିଂ ଏବଂ ସ୍କୁବା ଡାଇଭିଂ ପରି ରୋମାଞ୍ଚକର କ୍ରୀଡ଼ା ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଖୁବ୍ ଭଲ ସ୍ଥାନ । ଶିବାଜି ମହାରାଜଙ୍କ ଦ୍ୱାରା ନିର୍ମିତ ସିନ୍ଧୁଦୁର୍ଗ ଏଠାକାର ଅନ୍ୟତମ ଆକର୍ଷଣ । ସମୁଦ୍ର ସହ ନଦୀ, ପାଲଟଣା ଡଙ୍ଗା, ଡଲ୍ଫିନ୍ ଆଦି ପର୍ଯ୍ୟଟକଙ୍କୁ ଏହି ସ୍ଥାନ ପ୍ରତି ଆକୃଷ୍ଟ କରିଥାଏ ।





### ମାଜୁଲି, ଆସାମ:

ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଥିବା ମାଜୁଲି ବିଶ୍ୱର ସର୍ବବୃହତ ମଧୁର ଜଳ ଦ୍ୱୀପାଞ୍ଚଳ ଭାବେ ପରିଚିତ । ଏଠାରେ ଶତାଧିକ ବର୍ଷ ପୁରୁଣା ଆସାମ ସଭ୍ୟତାର ସାଂସ୍କୃତିକ ଗୁରୁତ୍ୱ, ପ୍ରାଚୀନ ଅସ୍ତ୍ରଶାସ୍ତ୍ର, ବାସନ, ଅଳଙ୍କାର ଏବଂ ଅନ୍ୟାନ୍ୟ ବସ୍ତୁ ସଂରକ୍ଷିତ କରି ରଖାଯାଇଛି । ଏହା ଗୁଆହାଟୀଠାରୁ ୩୪୭ କିଲୋମିଟର ଏବଂ ଜୋରହାଟଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ପ୍ରାୟତଃ ଜନଜାତିମାନେ ବାସ କରନ୍ତି । ସେମାନଙ୍କ ଚଳଣି ଓ ପରମ୍ପରା ଏଠାକାର ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ମାଜୁଲିକୁ ଆସାମର ସାଂସ୍କୃତିକ ରାଜଧାନୀ ବୋଲି ବି କୁହାଯାଏ ।



### ତୱାଙ୍ଗ, ଅରୁଣାଚଳ ପ୍ରଦେଶ:




ଏହା ଏଠାକାର ଏକ ଶାନ୍ତ ଶୈଳ ନିବାସ ବା ହିଲ୍ ଷ୍ଟେସନ । ତେବେ ବାରମ୍ବାର ବଦଳୁଥିବା ପାଣିପାଗ ଏବଂ ଭୂସ୍ଖଳନ ଯୋଗୁ ଏଠାକୁ ଆସିବା ଖୁବ୍ କଷ୍ଟଦାୟକ ହୋଇଥାଏ । ସମୁଦ୍ର ପତନଠାରୁ ୩୦୪୮ ମିଟର ଉଚ୍ଚରେ ଥିବା ତୱାଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସୁନ୍ଦର ବୌଦ୍ଧମଠ, ଅର୍କିଡ ଉଦ୍ୟାନ ତଥା ନିଆରା ସୁସ୍ୱାଦୁ ଖାଦ୍ୟ ପାଇଁ ପରିଚିତ । ଏହା ମଧ୍ୟ ଷଷ୍ଠ ଦଲାଇଲାମା ସାଙ୍ଗୟାଙ୍ଗ ଗ୍ୟାତ୍ସୋଙ୍କ ଜନ୍ମସ୍ଥାନ ।

# ଚଣା ପଲଉ

ଘରେ ଅତିଥି ଅଭ୍ୟାଗତ ହଠାତ୍ ଆସି ପହଞ୍ଚିଲେ, ସେମାନଙ୍କ ପାଇଁ କ'ଣ ସୁଆଦିଆ ରନ୍ଧାହେବ, ତାହା ହିଁ ଗୃହିଣୀଙ୍କ ଚିନ୍ତା ପାଲଟିଯାଏ । ଘରେ ସବୁବେଳେ କାବୁଲି ଚଣା ମହଜୁଦ୍ ରଖନ୍ତୁ । ଏହାକୁ ବ୍ୟବହାର କରି ଆପଣ ତରକାରି ଓ ପଲଉ ପ୍ରସ୍ତୁତ କରିପାରିବେ ।



**ଆବଶ୍ୟକ ସାମଗ୍ରୀ:**
ସିଝା କାବୁଲି ଚଣା ୧ କପ୍, ୧କପ୍ ବାସୁମତି ଚାଉଳ, ତେଜପତ୍ର ୨ଟି, ୨ବଡ଼ ଚାମଚ ଘିଅ, ଅଧ ଛୋଟ ଚାମଚ ଜିରା, ଚିମୁଟାଏ ହେଙ୍ଗୁ, ୧ ଛୋଟ ଚାମଚ ପାନମହୁରି, ୨ଟି ଡାଲଚିନି ଖଣ୍ଡ, ଗୁଜରାତି ୩-୪ ଟି, ୧କପ୍ ପିଆଜ କଟା, ୨ ଛୋଟ ଚାମଚ ଅଦା-ରସୁଣ ପେଷ୍ଟ, ଅଧ କପ୍ ଗାଜର କଟା (ଛୋଟ ଆକାରରେ), ଫୁଲକୋବି କଟା ଅଳ୍ପ, ଅଧ କପ୍ ଟମାଟୋ କଟା, ଅଧ ଛୋଟ ଚାମଚ ଲାଲ୍ ଲଙ୍କା ଗୁଣ୍ଡ, ଅଧ ଚାମଚ ଗରମ ମସଲା ଗୁଣ୍ଡ, ୧ ବଡ଼ ଚାମଚ କସୁରି ମେଥି, ଲୁଣ ସ୍ୱାଦାନୁସାରେ ।

**ପ୍ରସ୍ତୁତି:** ପ୍ରଥମେ ଚାଉଳକୁ ଭଲରେ ଧୋଇ ପାଣିରେ ବତୁରାଇ ୧୫ ମିନିଟ୍ ରଖିବେ । ଏବେ ଚୁଲା ଲଗାଇ ବଡ଼ କଡ଼େଇ ବସାନ୍ତୁ । ଘିଅ ପକାଇ ତେଜପତ୍ର, ଡାଲଚିନି, ଗୁଜରାତି ପକାଇ ସେକେଣ୍ଡ ଭାଜିନେବେ । କଟା ପିଆଜ ପକାଇ ହାଲକା ବାଦାମୀ ରଙ୍ଗ ପର୍ଯ୍ୟନ୍ତ ଭାଜନ୍ତୁ, ଏହା ପରେ ଅଦା-ରସୁଣ ପେଷ୍ଟ ପକାଇ ୫ ମିନିଟ୍ କଷିନେବେ । ମସଲା କଷି ହେବା ପରେ କାବୁଲି ବୁଟ, ଫୁଲକୋବି, ଗାଜର, ଟମାଟୋ, ଲୁଣ ପକାନ୍ତୁ । ମସଲା ସହ ପରିବା ମିଶିବା ପରେ ଗରମ ମସଲା ପକାଇ ପାଣି ଦେବେ । ପାଣି ସାମାନ୍ୟ ଫୁଟିବା ପରେ ଚାଉଳକୁ ସେହି ପାଣି ପକାଇ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଘୋଡ଼ଣି ଖୋଲି କସୁରି ମେଥି ପକାଇ ଗରମାଗରମ ଚଣା ପଲଉ ସପରିବାର ଖାଇବାର ମଜା ନିଅନ୍ତୁ ।

# ଛୁଟିରେ କିଛି ପରିବର୍ତ୍ତନ

ଛୁଟି ହେଲେ ଘରେ ସାଙ୍ଗସାଥୀଙ୍କ ଆସର ଜମିବା ସ୍ୱାଭାବିକ । ଅନ୍ୟମାନଙ୍କ ଭଳି ଆପଣ ବି ଚାହାନ୍ତି ଆପଣଙ୍କ ଘର ଖୁବ୍ ଆକର୍ଷଣୀୟ ଦେଖାଯାଉ । କିନ୍ତୁ କିପରି କରିବେ ଜାଣିପାରନ୍ତି ନାହିଁ । କିନ୍ତୁ କିଛି ଛୋଟ ଛୋଟ ପରିବର୍ତ୍ତନ ଆପଣଙ୍କ ଘରକୁ ଦେଇପାରିବ ନୂଆ ଓ ଟ୍ରେଣ୍ଡି ଲୁକ୍ ।





**ଜିନିଷ ସଜା:**
ନୂଆ ଲୁକ୍ ଦେବା ପାଇଁ ପ୍ରଥମେ ରୁମ୍ ଭିତରର ପ୍ରତ୍ୟେକ ଜିନିଷ ସଜାଡ଼ିବାକୁ ପଡ଼ିବ । ପ୍ରତ୍ୟେକଟି ଜିନିଷ ନିଜ ନିଜ ସ୍ଥାନରେ ରହିଥିବା ଦରକାର । ଫ୍ରିଜ୍, ବେଡରୁମ୍, ୱାର୍ଡରୋବ୍, କିଚେନ୍‌ରେ ପଡ଼ି ରହିଥିବା ଜିନିଷକୁ ସଜାଡ଼ି ରଖନ୍ତୁ ।

**ଅଳ୍ପ ରଙ୍ଗ:**
କମ୍ ଖର୍ଚ୍ଚରେ ଲିଭିଙ୍ଗ୍ ରୁମ୍ ବଦଳାଇବାକୁ ଚାହୁଁଥିଲେ ରଙ୍ଗ ସହିତ ଖେଳନ୍ତୁ । କାନ୍ଥର ରଙ୍ଗ ବଦଳାଇବା ଦରକାର ନାହିଁ । କାଉଚର କୁଶନ୍ କଭରକୁ ମଧ୍ୟ ପରିବର୍ତ୍ତନ କରିପାରିବେ । ଫ୍ଲୋରାଲ, ହଳଦିଆ, ପିଙ୍କ୍, ନୀଳ ରଙ୍ଗରେ ସଜାଇପାରିବେ । ଧ୍ୟାନ ରଖିବେ ଯେ ଏହା ଯେମିତି କାନ୍ଥର ରଙ୍ଗ ସହିତ ମେଳ ଖାଉଥିବ ।

**ଫୁଲରେ ସଜା:**
ଘର ସାଜସଜ୍ଜା ପାଇଁ ଫୁଲ ସବୁଠୁ ଭଲ ବିକଳ୍ପ ହୋଇପାରିବ । ଘରର ସବୁ ରୁମ୍‌କୁ ଫୁଲରେ ସଜାଇ ପାରିବେ । ଆପଣଙ୍କ ପସନ୍ଦର କୌଣସି ଫୁଲକୁ ଡାଇନିଙ୍ଗ୍ ଟେବଲ୍ ବେଡରୁମ୍, ବାଲକୋନି ଏବଂ କିଚେନ୍‌ରେ ରଖି ସଜାଇପାରିବେ ।

**ଗେଷ୍ଟରୁମ୍:**
ସାଙ୍ଗସାଥୀ ଆସିଲେ ଆରାମ ପାଇଁ ନିଶ୍ଚୟ ଆପଣଙ୍କ ଗେଷ୍ଟରୁମ୍ ଯାଉଥିବେ । ତେଣୁ ଏହି ରୁମ୍‌ଟିର ସାଜସଜ୍ଜା କରିବାକୁ ଭୁଲନ୍ତୁ ନାହିଁ । କୁଲନ୍ କଭର ବଦଳାଇ ନିଅନ୍ତୁ । କଣ୍ଟ୍ରାଷ୍ଟିଙ୍ଗ୍ ରଙ୍ଗରେ ଗେଷ୍ଟରୁମ୍‌ର ଲୁକ୍ ପରିବର୍ତ୍ତନ କରିବା ସବୁଠୁ ସହଜ ଉପାୟ ।

# ଟି-ଲେନ୍ଥ ଡ୍ରେସ୍

ଟି-ଲେନ୍ଥ ଡ୍ରେସ୍ ଆଣ୍ଠୁ ତଳକୁ ଏବଂ ଆଙ୍କେଲ ଉପରକୁ ରହିଥାଏ । ନା ଅଧିକ ଖୋଲା ନା ଅଧିକ ଢାଙ୍କି ରଖିଥାଏ । ତେଣୁ ଏବେ ଏହି ଷ୍ଟାଇଲ୍ ଟ୍ରେଣ୍ଡରେ । ବର୍ଷାଦିନ ପାଇଁ ଟି-ଲେନ୍ଥ ଡ୍ରେସ୍ ପରଫେକ୍ଟ । ଆଙ୍କେଲ ଉପରକୁ ରହୁଥିବାରୁ ବର୍ଷାରେ ଆପଣଙ୍କ ଡ୍ରେସ୍ ଖରାପ ହେବାର ସମ୍ଭାବନା କମ୍ । ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟ ଏହି ଷ୍ଟାଇଲ୍ ଖୁବ୍ ପସନ୍ଦ । ତେବେ ଟି-ଲେନ୍ଥ ଡ୍ରେସ୍‌କୁ ଆପଣ କିପରି ଷ୍ଟାଇଲ୍ ଷ୍ଟେଟମେଣ୍ଟରେର ସାମିଲ କରିବେ ଜାଣନ୍ତୁ କିଛି ଟିପ୍ସ ।



**ଫ୍ଲୋରାଲ କଟନ୍:**
ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ୍ ସୁନ୍ଦର ଲାଗିଥାଏ । ଏହି ପ୍ରିଣ୍ଟର ଟି-ଲେନ୍ଥ ଡ୍ରେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ । ତେବେ ଏହା ଯଦି କଟନ୍ ହୋଇଥିବ ଆହୁରି ଭଲ । କାରଣ ଆପଣ ଏହାକୁ ଡେଲି ରୁଟିନ୍‌ରେ ମଧ୍ୟ ସାମିଲ୍ କରିପାରିବେ ।

**ବଲି ଫିଟିଙ୍ଗ୍:**
ଯଦି ଆପଣ ସ୍ଲିମ୍ ଟ୍ରିମ୍ ଅଛନ୍ତି ତା' ହେଲେ ବଡି ଫିଟିଙ୍ଗ୍ ଟି-ଲେନ୍ଥ ଡ୍ରେସ୍ ନିଅନ୍ତୁ । ଆଉଟିଙ୍ଗ୍ ଏବଂ ପାର୍ଟି ପାଇଁ ବଡି ଫିଟିଙ୍ଗ୍ ଡ୍ରେସ୍ ଭଲ ମାନିଥାଏ । ସିମରି, ବବଲଗମ୍ ପିଙ୍କ୍, ରୟାଲ୍ ବ୍ଲୁ, ଆଇଭୋରି ରେଡ୍ ରଙ୍ଗର ଡ୍ରେସ୍ କ୍ୟାରି କରନ୍ତୁ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ।

**ଅଫ୍ ସୋଲ୍ଡର:**
ଅଫ୍-ସୋଲ୍ଡର ଟପ୍ ଝିଅମାନଙ୍କର ଖୁବ୍ ପସନ୍ଦ । ହେଲେ ଏଥର ଟପ୍ ବଦଦଳରେ ଟି-ଲେନ୍ଥ ଅଫ୍ ସୋଲ୍ଡର ଡ୍ରେସ୍ ନିଅନ୍ତୁ । ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ପିନ୍ଧି ଯାଇପାରିବେ । ସିଲ୍କ, କଟନ୍, କାନଭାସ୍, ଭେଲଭେଟ୍ ଫ୍ୟାବ୍ରିକ୍ ନିଅନ୍ତୁ ।

**ଫର୍ ଡ୍ରେସ୍:**
ପୁରୁଣା ଡିଜାଇନର୍ ଡ୍ରେସ୍ ପିନ୍ଧି ବିରକ୍ତ ହୋଇଗଲେଣି କି ? ଫର୍ ଡ୍ରେସ୍ ସାମିଲ କରନ୍ତୁ ୱାର୍ଡରୋବ୍‌ରେ । ଟି-ଲେନ୍ଥ ଫର୍ ଡ୍ରେସ୍ ଫ୍ୟାଶନେବଲ ଲୁକ୍ ଦେଇଥାଏ । ଥିମ୍ ପାର୍ଟି ପାଇଁ ଏହି ଡିଜାଇନର୍ ଡ୍ରେସ୍ ବେଷ୍ଟ୍ ହୋଇଥାଏ । ଯଦି ଆପଣ ଏହି ଡ୍ରେସ୍‌ରେ ଆରାମ ଅନୁଭବ କରନ୍ତି, ତା'ହେଲେ ସବୁ ସମୟରେ କ୍ୟାରି କରିପାରିବେ ।

**ଷ୍ଟାଇପଡ୍ ଟୁ-ପିସ୍:**
ଷ୍ଟାଇପଡ୍ ପାଟର୍ନ ଡିଜାଇନ୍ ସବୁବେଳେ ହିଟ୍ । ଷ୍ଟାଇପଡ୍ ଟୁ-ପିସ୍ ଟି ଲେନ୍ଥ ଡ୍ରେସ୍‌କୁ ବର୍ଷାଦିନିଆ ଫଙ୍କି ଫୁଟ୍‌ୱିୟର ସହିତ ମ୍ୟାଚ୍ କରି ପିନ୍ଧିପାରିବେ । ବର୍ଷାଦିନେ ଏହି ଡିଜାଇନର୍ ଡ୍ରେସ୍‌କୁ ଆରାମରେ କ୍ୟାରି କରିପାରିବେ । କୁଲ୍ ଲୁକ୍ ଦେଇଥାଏ ।







# ନଦୀରେ ବୁଡି ଯାଉଥିବା ବେଳେ ବୃଦ୍ଧା ଉଦ୍ଧାର

ଧର୍ମଶାଳା, ୧୧/୭ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକ ଝାଲପଡା ପଂଚାୟତରେ ଏକ ବଡ ଅଘଟଣରୁ ବର୍ତ୍ତି ଗଲେ ବୃଦ୍ଧା । ଝାଲପଡା ଗ୍ରାମର ସ୍ଥାନୀୟ ଯୁବକ ବ୍ରାହ୍ମଣୀ ନଦୀ ପାଣି ଭିତରୁ ବୃଦ୍ଧ ଉଦ୍ଧାର କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ ଆଜି ଦିନ ୧୧.୩୦ ମିନିଟ୍ ସମୟରେ ଏହି ଝାଲପଡା ଗ୍ରାମର ସ୍ୱର୍ଗତ ଗଗନ ବିହାରୀ ନାୟକଙ୍କ ପତ୍ନୀ ତୁଳସୀ (୪୫) କୌଣସି କାମ ନେଇ ବ୍ରହ୍ମବରଦା ଯାଇଥିଲେ । ବ୍ରହ୍ମବରଦାରୁ ଘରକୁ ଫେରୁଥିବା ସମୟରେ ଝାଲପଡା ଶନିଘାଟ ନିକଟରେ ପାରି ହେଇ ଆସୁଥିବା ସମୟରେ ଗଭୀର ପାଣି ବୁଡି ଯାଉଥିବା ଦେଖିବାକୁ ମିଳିଥିଲା । ସେହି ସମୟରେ ଏହି ଗ୍ରାମର ସାମାଜିକ କର୍ମୀ ବିଂରଚି ନାରାୟଣ ପାଢୀ ଗାଧୋଉଥିବା ସମୟରେ ଏହା ଦେଖି ନିକଟରେ ଥିବା ଯୁବକଙ୍କୁ ଡାକ ପକାଇଥିଲେ । ବିରଂଚିଙ୍କ ସହ ଏହି ଅଂଚଳର ୩ ଯୁବକ ଦୀପକ ବେହେରା, ସାହିଲ ଖାଁନ, ଆଶିଷ ନାୟକ ତୁରନ୍ତ ପାଣି ଭିତରରେ ପଶି ତୁଳସୀଙ୍କୁ ପାଣିରୁ ଉଦ୍ଧାର କରି ଉପରକୁ ଆଣିଥିଲେ । କିଛି ସମୟ ପରେ ସେ ସୁସ୍ଥ ହୋଇଥିବା ଜଣାପଡିଛି । ଯୁବ ସାହାସୀଙ୍କ ପାଇଁ ଏକ ଜୀବନ ବଂଚି ଯିବା ସହିତ ଏହି ୪ ଯୁବକଙ୍କୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି ।

### ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

# ଗଂଜାମ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୪୧୬ ହେଲା

ଭୁବନେଶ୍ୱର, ୧୧/୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୩୨୦ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୩୪୧୬ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୨୨, ବାଲେଶ୍ୱର ଜିଲ୍ଲାରେ ୫୦୫, ବରଗଡ ଜିଲ୍ଲାରେ ୧୬୮, ଭଦ୍ରକ ଜିଲ୍ଲାରେ ୨୮୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୨୬୦. ବୌଦ୍ଧ ଜିଲ୍ଲାରେ ୫୦, କଟକ ଜିଲ୍ଲାରେ ୯୪୧, ଦେବଗଡ ଜିଲ୍ଲାରେ ୬୬, ଢେଙ୍କାନାଳ ଜିଲ୍ଲାରେ ୯୫. ଗଜପତି ଜିଲ୍ଲାରେ ୫୬୮, ଜଗତସିଂହପୁର ଜିଲ୍ଲାରେ ୩୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୭୫୯, ଝାରସୁଗୁଡା ଜିଲ୍ଲାରେ ୧୩୪, କଳାହାଣ୍ଡି ଜିଲ୍ଲାରେ ୭୯, କନ୍ଧମାଳ ୧୯୩, କେନ୍ଦ୍ରାପଡା ଜିଲ୍ଲାରେ ୨୯୦, କେନ୍ଦୁଝର ଜିଲ୍ଲାରେ ୨୭୮, ଖୋର୍ଦ୍ଧା ଜିଲ୍ଲାରେ ୧୧୯୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୮୪, ମାଲକାନଗିରି ଜିଲ୍ଲାରେ ୧୩୪, ମୟୁରଭଂଜ ଜିଲ୍ଲାରେ ୩୧୭. ନବରଙ୍ଗପୁର ଜିଲ୍ଲାରେ ୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୨୮, ନୂଆପଡା ଜିଲ୍ଲାରେ ୮୬, ପୁରୀ ଜିଲ୍ଲାରେ ୩୩୮, ରାୟଗଡା ଜିଲ୍ଲାରେ ୧୪୧. ସମ୍ବଲପୁର ଜିଲ୍ଲାରେ ୧୦୮. ସୁବର୍ଣ୍ଣପୁର ଜିଲ୍ଲାରେ ୪୪ ଓ ସୁନ୍ଦରଗଡ ଜିଲ୍ଲାରେ ୬୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଉପ ଜିଲ୍ଲାପାଳ ତାଗିଦା କଲେ ନର୍ସିଂହୋମ ଓ ଅଲଟ୍ରାସାଉଣ୍ଡ ମାଲିକଙ୍କୁ

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): କେନ୍ଦ୍ରାପଡା ସହରରେ ଥିବା କେତେକ ନର୍ସିଂହୋମ, ଅଲଟ୍ରାସାଉଣ୍ଡ ଏବଂ କ୍ଲିନିକ୍‌ରେ କରୋନା କଟକଣାକୁ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ଏହାର ପ୍ରତିବାଦରେ ଘରୋଇ ନର୍ସିଂହୋମର ମାଲିକ ମାନେ ଗତକାଲି ସେମାନଙ୍କ ପ୍ରତିଷ୍ଠାନକୁ ବନ୍ଦ ରଖିବା ସହ ଶୁକ୍ରବାର ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ଉପ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସଂପୃକ୍ତ ମାଲିକ ମାନଙ୍କୁ ତାଗିଦା କରିବା ସହ ପୂର୍ବରୁ ସେମାନଙ୍କୁ କୋଭିଡ-୧୯ ସୁରକ୍ଷା ସମ୍ବନ୍ଧୀୟ କଟକଣାକୁ ପାଳନ କରିବା ପାଇଁ ସୂଚନା ଦିଆ ଯାଇଥିଲେ ମଧ୍ୟ ଏହାକୁ ପାଳନ ନକରିବା ବିଷୟରେ ଚେତାଇ ଦେଇଥିଲେ । ସଂକ୍ରମଣ ପ୍ରତିଷେଧକ କଟକଣାକୁ କଡାକଡି ପାଳନ ନକଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ । କେତେକ ଘରୋଇ ନର୍ସିଂହୋମରେ ଡାକ୍ତର ନଥିଲେ ମଧ୍ୟ ଅର୍ଥ ଲୋଭରେ ରୋଗୀ ମାନଙ୍କୁ ଅଟକାଇ ହଇରାଣ ହରକତ କରୁଥିବା ଓ ଚିକିତ୍ସା ବିଳମ୍ବ ହେତୁ ନବଜାତକ ମୃତ୍ୟୁ ସହ ପ୍ରସୂତିଙ୍କ ଅବସ୍ଥା ଗୁରୁତର ହେଉଥିବା ଆଲୋଚନା ହୋଇଥିଲା । ରୋଗୀ ମାନଙ୍କ ଜୀବନ ସହ ଅର୍ଥ ଲୋଭରେ ଖେଳ କରୁଥିବା ନର୍ସିଂହୋମ ଗୁଡିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ ସତର୍କ କରାଇଥିଲେ ।

### ଅଭିଯୁକ୍ତର ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି

# ଦୁବାଇ ଫେରନ୍ତା ଅଭିଯୁକ୍ତକୁ ଧରି ସଂକ୍ରମଣ ଭୟରେ ପୋଲିସ ନାକେଦମ୍

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ପୋଲିସ ଜଣେ ହତ୍ୟା ଅଭିଯୁକ୍ତକୁ ଧରି ଆଣିବା ପରେ ସଂକ୍ରମଣ ଅଶଙ୍କାରେ ଅଡୁଆରେ ପଡିଥିବା ଜଣା ପଡିଛି । ଧରି ଆଣିଥିବା ଦୁଇ ପୋଲିସ କର୍ମଚାରୀ ସଂକ୍ରମଣ ଆଶଙ୍କାରେ ଭୟଭୀତ ହୋଇଥିବା ବେଳେ ଏହାକୁ ନେଇ ଅଲୋଚନା ଜୋର ଧରିଛି । ସୂଚନା ମୁତାବକ ବହୁ ଚର୍ଚ୍ଚିତ ବାବୁଲି ମହାରଣା ଗୁଳିକାଣ୍ଡ ଘଟଣାରେ ଅଭିଯୁକ୍ତ ଥାଇ ଦୀର୍ଘ ଦିନରୁ ଫେରାର୍ ଥିବା ବ୍ୟକ୍ତି ଜଣକ ଦୁଇଦିନ ତଳେ ସାଉଦି ଆରବରୁ ଉଡାଜାହାଜରେ ଭୁବନେଶ୍ୱର ଫେରିଥିଲେ । ତେବେ ଏରୋଡମରେ ସଂପୃକ୍ତ ବ୍ୟକ୍ତିକୁ ଅଟକ ରଖାଯାଇ କେନ୍ଦ୍ରାପଡା ପୋଲିସକୁ ଖବର ଦିଆ ଯାଇଥିଲା । ଏହି ମାମଲା ସଦର ଥାନା ଅଧିନରେ ଆସୁଥିବାରୁ ଥାନା ପକ୍ଷରୁ ଦୁଇଜଣ ପୋଲିସ କର୍ମଚାରୀ ଅଭିଯୁକ୍ତକୁ ଭୁବନେଶ୍ୱରରୁ ଆଣି ଥାନାରେ ପଚରାଉଚରା କରିଥିଲେ । ତେବେ ଅଭିଯୁକ୍ତ ଠାରେ ଥଣ୍ଡା, କାଶ ପ୍ରଭୃତି ସଂକ୍ରମଣ ଲକ୍ଷଣ ଦେଖାଯିବା ସହ ସନ୍ଦେହ ପ୍ରକାଶ ପାଇଥିଲା । ତେବେ ତାଙ୍କୁ ଧରି ଆଣିଥିବା ପୋଲିସ କର୍ମଚାରୀ ଦୁଇଜଣ ନିଜକୁ ସନ୍ଦେହ କରୁଥିବାରୁ ଆଲୋଚନା ଜୋର ଧରିଛି । ତେବେ ଅଭିଯୁକ୍ତକୁ ଏକ ସ୍ୱତନ୍ତ୍ର ସେଲ୍ ରେ ରଖାଯାଇ ପରୀକ୍ଷା ପାଇଁ ତାଙ୍କ ସ୍ୱାବ ପଠାଯିବା ଓ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ନିତିଶେଖର ସୂଚନା ଦେଇଛନ୍ତି ।

# ଖଡିଆଳରେ ଟ୍ରାଫିକ ସମସ୍ୟା ଜଟିଳ

ନୂଆପଡା, ୧୧/୭ (ନି.ପ୍ର): ନୂଆପଡା ଜିଲ୍ଲା ପ୍ରମୁଖ ସହର ଖଡିଆଳରେ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡିଛି । ସହରର ଜନସଂଖ୍ୟା, ଯାନବାହାନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଜବରଦଖଲ ମଧ୍ୟ ସହରରେ ଅନୁରୂପ ଭାବରେ ବୃଦ୍ଧି ପାଉଥିବାରୁ ଟ୍ରାଫିକ ସମସ୍ୟା ନିତିଦିନିଆ ସମସ୍ୟାରେ ପରିଣତ ହୋଇଗଲାଣି । ହେଲେ ଏଠାକାର ଟ୍ରାଫିକ ସମସ୍ୟାର ସମାଧାନ ହେଉନଥିବା ପରିଲକ୍ଷିତ ହେଉଛି । ସହରର ମୁଖ୍ୟସ୍ଥଳୀ ଥାନା ଛକରୁ ଆଜାଦ ଛକ ଏବଂ ଡେଲି ମାର୍କେଟ ରାସ୍ତାରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି । ଲୋକେ ନିଜ ବାଇକ, ଚାରିଚକିଆ ଯାନ, ସାଇକେଲକୁ ମନମୁଖୀ ରାସ୍ତାପାଖରେ ରଖିବ, ଉଠା ଦୋକାନୀଙ୍କ କବ୍‌ଜା ଏବଂ ଖଡିଆଳ ସିନାପାଲି ରାସ୍ତାର ଉନ୍ନତିକରଣ ସତ୍ତ୍ୱେ ଅଣଓସାରିଆ ରାସ୍ତା ଏହି ଟ୍ରାଫିକ ସମସ୍ୟାର ମୁଖ୍ୟ କାରଣ ଅଟେ । ଯାହାଦ୍ୱାରା ସାଧାରଣ ଲୋକେ ନାନା ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଟ୍ରାଫିକ ସମସ୍ୟାର ସମାଧାନ କ୍ଷେତ୍ରରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଧାମରାରେ କରୋନା ଚିହ୍ନଟ ନେଇ ଆତଙ୍କ : ୨୪ଘଂଟା ପରେ ମଧ୍ୟ ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ

ଭଦ୍ରକ, ୧୧/୭ (ହି.ସ.) - ଧାମରା ଅଂଚଳରେ ପୁଣି ଏକ କରୋନା ରୋଗୀ ଚିହ୍ନଟ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ବାଂଶଡା ଥାନା ଅର୍ନ୍ତଗତ କରଞ୍ଜମାଳ ପଂଚାୟତ ଅଧିନସ୍ଥ ଶଶିକାଦେଇପୁର ଗ୍ରାମର ଜୈନିକ ବ୍ୟକ୍ତି ହୃଦରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ନିଜ ଘରକୁ ଫେରିଆସିଥିଲେ । ସେ ନିଜ ଗ୍ରାମରେ କିଛି ଦିନ ରହିବା ପରେ ଗତକାଲି ପୁନଶ୍ଚ ଭୁବନେଶ୍ୱର ଯାଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମୟରେ ସେ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଜଣାପଡିଥିଲା । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସଂପୃକ୍ତ ରୋଗୀକୁ ନେଇ ଭଦ୍ରକ ଠାରେ ଥିବା ସାଲନ୍ଦୀ କୋବିଦ ହସ୍ପିଟାଲରେ ଚିକିତ୍ସିତ କରାଉଥିବା ଜଣାଯାଇଛି ତେବେ ଏ ନେଇ ଅଂଚଳବାସୀ ଭୟଭୀତ ହୋଇ ଜିଲ୍ଲାପାଳ ,ଚାନ୍ଦବାଲି ବିଡିଓ ଏବଂ ବାଂଶଡା ଥାନାଧିକାରଙ୍କ ନିକଟରେ ଅଭିଯୋଗ ଆଣିଥିଲେ । ଦୀର୍ଘ ୨୪ଘଂଟା ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷପ ନନେବା ନେଇ ଘରୁ ବାହାରି ପାରୁ ନଥିବା ଜଣାଯାଇଛି ।

## ପୁନଃ ନିର୍ମାଣ ହେବ ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): କେନ୍ଦ୍ରାପଡା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟର ପୁନଃ ନିର୍ମାଣ କରାଯିବ । ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ କାର୍ଯ୍ୟାଳୟ ଓ ତତ୍ ସଂଲଗ୍ନ ଅଧିକାରୀଙ୍କ ଆବାସିକ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି । ବହୁ ବର୍ଷ ହେଲା ଜିଲ୍ଲା କାର୍ଯ୍ୟାଳୟ ନିକଟରେ ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ଖୋଲା ଯାଇଥିବା ବେଳେ ଆବାସିକ କାର୍ଯ୍ୟାଳୟ ଦୂରରେ ରହିଥିଲା । ତେବେ ଏହି କାର୍ଯାଳୟର ଗୃହ ଗୁଡିକୁ ନୂତନ ଶୈଳୀରେ ତିଆରି କରାଯିବା ପାଇଁ ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଥିବା ଜଣା ପଡିଛି ।

### ମାଲକାନଗିରି ପୋଲିସ କ୍ୟାଂଟିନରେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

# ରିପୋର୍ଟ ବଦଳାଇବା ପାଇଁ ଡାକ୍ତରଙ୍କ ଉପରେ ଚାପ ପକାଉଛି ପୋଲିସ : ବିଜେପି

ଭୁବନେଶ୍ୱର, ୧୧/୭ (ନି.ପ୍ର): ମାଲକାନଗିରି ପୋଲିସ କ୍ୟାଟିଂନରେ କାର୍ଯ୍ୟରତ ଥିବା ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ଏପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିନାହିଁ । ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଉପ ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ମଣ୍ଡଳ ଘଟଣା ସ୍ଥଳକୁ ଯାଇ ସରଜମିନ ତଦନ୍ତ କରି ଫେରିଛି । ସରଜମିନ ତଦନ୍ତରୁ ପୋଲିସ ଏହି ଦୁଷ୍କର୍ମ ଘଟଣାରେ ସଂପୃକ୍ତ ଥିବା ସ୍ପଷ୍ଟ ଜଣାପଡିଛି ବୋଲି ପ୍ରତିନିଧୀ ଦଳ ଜାଣିବାକୁ ପାଇଛି । ଡାକ୍ତରୀ ରିପୋର୍ଟ ବଦଳାଇବା ଏବଂ ଘଟଣାକୁ ଚପେଇ ଦେବା ପାଇଁ ମୃତା ମହିଳାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ପୋଲିସ ଚାପ ପକାଉଛି ବୋଲି ବିଜେପି ରାଜ୍ୟ ଉପ ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପରିଡା କହିଛନ୍ତି ଯେ ମୃତା ମହିଳାଙ୍କ ସ୍ୱାମୀଙ୍କ କହିବାନୁଯାୟୀ ମାଲକାନଗିରି ହସ୍ପିଟାଲରେ ଚିକିତ୍ସାରେ ଅବହେଳା କରାଯାଇଛି । ମାଲକାନଗିରି ହସ୍ପିଟାଲରେ ମୃତା ମହିଳାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଅଣାଯାଇଥିଲା । ବେଡ ହେଡ ଟିକେଟରୁ ଜଣାପଡିଛି କି, ମହିଳା ଜଣଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଛି । କୋରାପୁଟ ଡାକ୍ତରଙ୍କ କହିବାନୁଯାୟୀ ମହିଳାଙ୍କ ବେକରେ ସନ୍ଦେହଜନକ ଚିହ୍ନ ଥିଲା । ପୋଲିସ କ୍ୟାଂଟିନ ପାଖରୁ ମହିଳାଙ୍କ ଘର ମାତ୍ର ୫ ମିନିଟ ଦୂରରେ ରହିଛି । ପାଖରେ ଲାଗିଥିବା ସିସିଟିଭିରେ ସମସ୍ତ ଦୃଶ୍ୟ କଏଦ ହୋଇଛି । ମହିଳାଙ୍କ ପୋଷ୍ଟମର୍ଟମ ରିପୋର୍ଟ, ସିସିଟିଭି ଫୁଟେଜ , ଡାକ୍ତରୀ ରିପୋର୍ଟ, ବେଡ ହେଡ ଟିକେଟ ସବୁ ରଖି ମଧ ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି । ଖାକିରେ ଦାଗ ଲାଗିବା ଭୟରେ ପୋଲିସ ନିଜେ ନିଜକୁ ସୁରକ୍ଷା ଦେବା କାର୍ଯ୍ୟରେ ଲାଗିଛି । ମାନକାନଗିରି ଏସପି ଠୁ ଆରମ୍ଭ କରି ଥାନା ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଏ ଘଟଣାର ପ୍ରଚ୍ଛଦ ପଟରେ ସାମିଲ ଅଛନ୍ତି । ମହିଳାଙ୍କ ଚିକିତ୍ସା ପାଇଁ ଡାକ୍ତର ନୁହେଁ ବରଂ ଏସପିଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରଣ କାରଯାଇଥିଲା । ଆଗାମୀ ଦିନରେ ଏ ଘଟଣାରେ ସଂପୃକ୍ତ ଥିବା ସମସ୍ତ ଦୋଷୀଙ୍କୁ ଏସସି ଏସଟି ଏଟ୍ରୋସିଟି ଆକ୍ଟ ଲଗାଇ ଗିରଫ ନକରିବା ପର୍ଯ୍ୟନ୍ତ ରାଜ୍ୟ ବିଜେପି ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ପରିଡା ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ ଉପସ୍ଥିତ ଥିଲେ ।

# ଭାରତର ବିକାଶକୁ ତ୍ୱରାନିତ୍ୱ କରିବ ଆତ୍ମନିର୍ଭର ଭାରତ ଯୋଜନା - ବିଜେପି

ନବରଙ୍ଗପୁର, ୧୧/୭ (ନି.ପ୍ର): ବର୍ତମାନ ଦେଶରେ କରୋନା ପରିସ୍ଥିତି ଚାଲିଥିବାବେଳେ କେନ୍ଦ୍ରର ଭାତତୀୟ ଜନତା ପାର୍ଟି(ବିଜେପି) ସରକାର ଏହାର ମୁକାବିଲାପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିକାଶକୁ ତ୍ୱରାନିତ୍ୱ କରିବା ପାଇଁ "ଆତ୍ମନିର୍ଭର ଭାରତ" ଯୋଜନା ଆରମ୍ଭ କରିଛନ୍ତି ବୋଲି ବିଜେପି ପକ୍ଷରୁ କୁହାଯାଇଛି । ବିଜେପି ଜିଲାକାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟସଭାପତି ତଥା ପୂର୍ବତନ ସଂସଦ ଇଂ. ବଳଭଦ୍ର ମାଝୀ କହିଛନ୍ତି । ସେ କହିଥିଲେଯେ, ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନାରେ ଜୁନ ଶେଷ ସୁଦ୍ଧା ୪୬ ହଜାର ୫ଶହ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଗରୀବ କଲ୍ୟାଣ ଅନ୍ନ ଯୋଜନା ସମୟ ସୀମାକୁ ଆହୁରି ୫ ମାସ ବୃଦ୍ଧି କରାଯାଇଥିବା ବେଳେ ଏହିଯୋଜନାରେ ୮୦ କୋଟି ଲୋକ ଉପକୃତ ହେଉଛନ୍ତି । ଏମଏସଏମଇ ପାଇଁ ୩ ଲକ୍ଷ କୋଟି ଟଙ୍କାର ବନ୍ଧକ ବିହୀନ ଋଣ ବ୍ୟବସ୍ଥାରେ ଜୁଲାଇ ପହିଲା ସୁଦ୍ଧା ୩୦ ଲକ୍ଷ ଏମଏସଏମଇ ପ୍ରତିଷ୍ଠାନ ପାଇଁ ଏକ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଛି ।ଏମଏସଏମଇ ପାଇଁ ନାବାର୍ଡ ପକ୍ଷରୁ ହୋଇଥିବା ୩୦ ହଜାର କୋଟି ଟଙ୍କା ସ୍ୱତନ୍ତ୍ର ନଗଦ ପାଣ୍ଠିରୁ ଜୁନ ଶେଷ ସୁଦ୍ଧା ୨୪ ହଜାର ୮୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି । କିଷାନ କ୍ରେଡିଟ ମାଧ୍ୟମରେ ୨.୫ କୋଟି ଚାଷୀଙ୍କର ଋଣ ବ୍ୟବସ୍ଥାରେ ୭୦.୩୨ ଲକ୍ଷ କିଷାନ କ୍ରେଡିଟକାର୍ଡ ମଞ୍ଜୁର ହୋଇଛି ।ବାଣିଜ୍ୟକ ଖଣି ପାଇଁ ୪୧ଟି କୋଇଲା ଖଣି ନିଲାମ ଆରମ୍ଭ ହୋଇଛି । ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ, ମହାକାଶ କ୍ଷେତ୍ରରେ ବ୍ୟାପକ ସଂସ୍କାର ଏହି କ୍ଷେତ୍ରରେ ସ୍ୱଦେଶୀ ଉତ୍ପାଦନକୁ ବୃଦ୍ଧି କରିବ । ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଅଭିଯାନରେ ଗରିବ କଲ୍ୟାଣକୁ ପ୍ରାଧାନ୍ୟ ଦେବା ସହ ଦେଶର ପୁଞ୍ଜି ନିବେଶ, ଆର୍ଥୀକ ଅଭିବୃଦ୍ଧି ଓ ନିଯୁକ୍ତିକୁ ପ୍ରୋତ୍ସାହନ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଚାଷୀ, ଶ୍ରମିକ, ମଧ୍ୟବିତ ଓ ଉଦ୍ୟୋଗୀଙ୍କୁ ସଶକ୍ତ କରିଛି । କୋଇଲା, ଖଣିଜ, ପ୍ରତିରକ୍ଷା ଉତ୍ପାଦନ, ବେସାମରିକ ବିମାନ ଚଳାଚଳ, ଶକ୍ତି ଯୋଗାଣ, ପରମାଣୁ ଓ ମହାକାଶ କ୍ଷେତ୍ରରେ ଭାରତକୁ ଆତ୍ମ ନିର୍ଭର କରିବାରେ ସହାୟକ ହୋଇଛି । ମୋଦି ସରକାରଙ୍କ ଏହି ଐତିହାସିକ ପଦକ୍ଷେପ କରୋନା ପରବର୍ତୀ ଭାରତର ବିକାଶକୁ ତ୍ୱରାନିତ୍ୱ କରିବ । ଗୋଟିଏ ଶକ୍ତିଶାଳୀ ସ୍ଥିର ତଥା ପ୍ରଗତିଶୀଳ ଭାରତ ଗଠନ କରିବାରେ ସହାୟକ ହେବ ବୋଲି ପ୍ରକାଶ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଅଭିଯାନ କେବଳ କରୋନା ସହ ମୁକାବିଲା କରିବାରେ ବଡ ଭୂମିକା ଗ୍ରହଣ କରିନାହିଁ । ବରଂ ନୂଆ ଭାରତ ବିକାଶ ଦିଗରେ ଅଗ୍ରସର ହେଉଛି । ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନାରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ଜନଧନ ଯୋଜନା, ସାମାଜିକ ସୁରକ୍ଷା ଭତା ଓ ଉଜ୍ଜ୍ୱଳା ଯୋଜନାକୁନ ୨୮ ସୁଦ୍ଧା ୪୦ କୋଟି ଲୋକଙ୍କୁ ୬୪ ହଜାର ୫ଶହ କୋଟି ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି । ପ୍ରବାସୀ ଶ୍ରମିକଙ୍କ ରହିବା ,ଖାଇବା ଓ ଯତ୍ନ ନେବା ପାଇଁ ମୋଦି ସରକାର ବ୍ୟବସ୍ଥା କରିଛନ୍ତି । ପ୍ରବାସୀ ଶ୍ରମିକଙ୍କୁ ଆଗାମୀ ଦୁଇ ମାସ ଖାଦ୍ୟ ଯୋଗାଇବା ପାଇଁ ଗୋଟିଏ ଦେଶ ଗୋଟିଏ ରାସନ କାର୍ଡ ବ୍ୟବସ୍ଥା କରାଯାଇଛି । ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ମନରେଗା ଯୋଜନାରେ ଅତିରିକ୍ତ ୪୦ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ତାହା ପୂର୍ବରୁ ୬୦ ହଜାର କୋଟି ମଞ୍ଜୁର କରାଯାଇଥିଲା । ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ ଗରୀବ କଲ୍ୟାଣ ରୋଜଗାର ଯୋଜନା ଆରମ୍ଭ ହୋଇଛି । ସେମାନଙ୍କୁ ଗ୍ରାମାଂଚଳରେ ଭିନ୍ନ ଭିନ୍ନ ୨୫ଟି କାମରେ ରୋଜଗାର ଯୋଗାଇ ଦିଆଯିବ । ଏମଏସଏମଇ ଘରୋଇ କ୍ଷେତ୍ରରେ ରୋଜଗାର କାର୍ଯ୍ୟରତ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ପାଇଁ ୨୫ଶହ କୋଟିର ଇପିଏଫ ସହଯୋଗ ଦିଆଯାଇଛି । ଏହା ଦ୍ୱାରା ୩.୬୭ ଲକ୍ଷ ପ୍ରତିଷ୍ଠାନ ଓ ୭୨.୨୨ ଲକ୍ଷ କର୍ମଚାରୀ ଲାଭବାନ ହେବେ । ଲଘୁ ଖାଦ୍ୟ ଉଦ୍ୟୋଗ ଗୁଡିକୁ ସଙ୍ଗଠିତ କରିବା ପାଇଁ ୧୦ ହଜାର କୋଟି ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ପାଇଁ ୨୦ ହଜାର କୋଟି, ଦୁଗ୍ଧ ଶିଳ୍ପକୁ ପ୍ରୋତ୍ସାହନ ପାଇଁ ୧୫ ହଜାର କୋଟି ଓ ମହୁ ଚାଷ ପାଇଁ ୫ଶହ କୋଟି ଟଙ୍କା ଘୋଷଣା କରାଯାଇଛି ବୋଲି କହିଥିଲେ । କେନ୍ଦ୍ର ସରକାରଙ୍କର ଏହି ଯୋଜନାରେ ନବରଙ୍ଗପୁର ଜିଲା ମଧ୍ୟବିଶେଷ ଉପକୃତ ହେବାସହ ଜିଲାରେ କୃଷି ଓ କୃଷକର ବିକାଶ ହୋଇ ପାରିବ ବୋଲି କହିଥିଲେ । ଅନ୍ୟମାନଙ୍କର ମଧ୍ୟରେ ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ, ଯୁବନେତା ଗୌରୀ ଶଙ୍କର ମାଝୀ, ବରିଷ୍ଠନେତା ସତ୍ୟବାଦୀ ଷଡଙ୍ଗୀ, ମନୋଜ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଡ ଖାଇ କେସ୍ ନେଲେ ଅଙ୍ଗନୱାଡି କର୍ମୀ

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା, ଡେରାବିଶ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର କରୋନା ଯୋଦ୍ଧା ଅଙ୍ଗନୱାଡି କର୍ମୀଙ୍କୁ ମରଣାତ୍ମକ ଆକ୍ରମଣ ହେବାପରେ ଅଭିଯୁକ୍ତ ଜଣକ ଆଗତୁରା ଥାନାରେ ଏତଲା ଦେବାରୁ ସଂପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ନାମରେ ମାମଲା ରୁଜୁ ହୋଇଥିବାର ଜଣା ପଡିଛି । ଘଟଡଣାରୁ ପ୍ରକାଶ ଯେ, ଡେରାବିଶ ବ୍ଲକ ବିଭୂତିପଡା ସେକ୍ଟରର ଗୁଡୁ,ଗୁଡି(ମିନି) ଅଙ୍ଗନୱାଡି କେନ୍ଦ୍ରରେ ଗୀତାଞ୍ଜଳୀ ପ୍ରଧାନ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରନ୍ତି । ଗତ ୫ ତାରିଖ ଦିନ କରୋନା ସଂପର୍କିତ କମିଟିର ସଭା କରିବାକୁ ଯାଉଥିବା ସମୟରେ ସ୍ଥାନୀୟ ଅଂଚଳର ୪ଜଣ ବ୍ୟକ୍ତି ତାଙ୍କୁ ଅସମ୍ମାନିତ କରିବା ସହ ମରଣାତ୍ମକ ଆକ୍ରମଣ କରିଥିଲେ । ଅଙ୍ଗନୱାଡି କର୍ମୀ ଜଣକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଆକ୍ରମଣକାରୀ ମାନେ ପ୍ରଥମେ ଥାନାକୁ ଯାଇ ଅଙ୍ଗନୱାଡି କର୍ମୀଙ୍କ ବିରୁଧରେ ଅଭିଯୋଗ କରିଥିଲେ । ପୋଲିସ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳୀଙ୍କ ବିରୁଧରେ କେସ୍ ନଂ-୧୨୦/୨୦ ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ବେଳେ ଗୀତାଞ୍ଜଳୀଙ୍କ ପକ୍ଷରୁ ଅନ୍ୟ ଏକ ଏତଲା ଦିଆଯିବା ପରେ ଡେରାବିଶ ଥାନା ପୋଲିସ କେସ୍ ନଂ.-୧୨୧/୨୦ ରେ ଏକ ମାମଲା ରୁଜୁ କରି ଉଭୟ ଘଟଣାର ତଦନ୍ତ କରୁଛି । ଏନେଇ ଅଙ୍ଗନୱାଡି କର୍ମୀ ଜଣକ ନ୍ୟାୟ ପାଇବା ଆଶାରେ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

# ବିଶାକ୍ତ ସାପ କାମୁଡାରେ ଆଶାକର୍ମୀଙ୍କ ମୃତ୍ୟୁ

ନୂଆପଡା, ୧୧/୭ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଗୋର୍ଲା ପଂଚାୟତର ପଟେଲପଡା ଗ୍ରାମରେ ଏକ ବିଶାକ୍ତ ସାପ କାମୁଡାରେ ଜଣେ ଆଶାକର୍ମୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ଆଶାକର୍ମୀ ଜଣକ ପଟେଲପଡା ଗ୍ରାମର ଶାନ୍ତିଲତା ମାଝୀ (୩୨) ବୋଲି ଜଣାପଡିଛି । ଗତ ରାତିରେ ଶାନ୍ତିଲତା ଖାଇସାରିବା ପରେ ଖଟିଆରେ ଶୋଇଥିଲେ । ହେଲେ ରାତ୍ର ୧୦ ଘଂଟା ସମୟରେ ଏକ ବିଶାକ୍ତ ସାପ କାମୁଡି ଦେବାରୁ ସେ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଖଡିଆଳ ସ୍ଥିତ ମିଶନ ଡାକ୍ତରଖାନାରେ ଭର୍ତି କରି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଏନେଇ ଖଡିଆଳ ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଲାଉଥିବା ସୂଚନା ମିଳିଛି । ମୃତ ଆଶାକର୍ମୀଙ୍କର ୨ ନାବାଳକ ପୁଅ ଏବଂ ସ୍ୱାମୀ ଅଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମୃତ ଆଶାକର୍ମୀଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

# କେନ୍ଦୁଝରରେ ବିଲାତି ଉପରେ କରୋନା ମାଡ : ବିଲାତି କିଲୋ ୧୦୦ରେ ପହଂଚିଲା

କେନ୍ଦୁଝର, ୧୧/୭ (ନି.ପ୍ର): କେନ୍ଦୁଝରରେ ଏବେ ବିଲାତି ବାଇଗଣ ଉପରେ ପଡିଛି କରୋନା ମାଡ । ଫଳରେ ଗତ କିଛି ଦିନ ହେବ ବିଲାତି ର ଦର ବଢି ବଢି ଚାଲିଥିଲା । ଗତ କିଛ ଦିନ ପୂର୍ବେ ଲଗାତର ଭାବେ ୪୦ ଟଙ୍କା ରେ ରହିଥିବା ବିଲାତି କିଲୋ ବଢି ବଢି ୭୦ ରୁ ୮୦ ଟଙ୍କାରେ ପହଞ୍ଚି ଥିବା ବେଳେ ତାହା ଶୁକ୍ରବାର ଦିନ ୧୦୦ ଟଙ୍କାରେ ପହଞ୍ଚିଅଛି । କରୋନା ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାସର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନ ସଟ୍ ଡାଉନ ଘୋଷଣା କରିଥିବା ବେଳେ ଏପଟେ ବିଲାତି ଦର ଆକାଶ ଛୁଆଁ ହୋଇଛି । ସଟ୍ ଡାଉନ ପାଇଁ ଗ୍ରାହକ ମାନେ ଦୁଇଦିନ ପାଇଁ ପନି ପରିବା ମହଜୁଦ କରି ରଖିବା ଲକ୍ଷ୍ୟରେ କୃଷକ ବଜାରରେ ଭିଡ ଜମାଇଥିଲେ ମଧ୍ୟ ବିଲାତି ର ଦରକୁ ଶୁଣି ମୁହଁ ଶୁଖାଇ ଫେରୁଥିଲେ । କେତେକ ଗ୍ରାହକ ଅବଶ୍ୟ ଅଢେଇଶହ ତଥା ପାଏ ରେ କାମ ଚଳାଇ ନେବା ଦିଗରେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ । ଦୁଇଦିନ ସଟ୍ ଡାଉନ ପାଇଁ ପରିବା ବଜାରରେ ଚାଷୀଙ୍କ ସଂଖ୍ୟା କମ୍ ଦେଖାଯାଇଥିବା ବେଳେ ପରିବା ମଧ୍ୟ କମ ରହିଥିଲା । ଏବଂ ଚାଷୀଙ୍କ ଠାରୁ ବେପାରୀମାନେ ପରିବା କ୍ରୟ କରି ଅଧିକ ଦରରେ ବିକ୍ରୟ କରୁଥିଲେ । ଶକ୍ରବାର ଦିନ ପ୍ରାୟତଃ ସମସ୍ତ ପନି ପରିବା ଦର ଅନ୍ୟ ଦିନ ଅପେକ୍ଷା କିଛି ପରିମାଣରେ ଉଚ୍ଚ ରହିଥିବା ଦେଖାଯାଇଥିଲା । କେନ୍ଦୁଝରରେ ବିଲାତି କିଲୋ ପ୍ରାୟତଃ ୧୫ ରୁ ୨୦ ଟଙ୍କା ମଧ୍ୟରେ ରହିଥାଏ । ଅବଶ୍ୟ କେତେ ବେଳେ କିମିତ ଦିନେ ଦୁଇ ଦିନ ଏହି ଦର ୧୦ ଟଙ୍କାକୁ ଖସିଆସିଥାଏ । କିନ୍ତୁ କେନ୍ଦୁଝରରେ ଆମିଷ ଦର କମିବାର ନାମ ଧରୁନାହିଁ । ବରଂ ବଢି ବଢି ଚାଲିଛି । ଯାହା କି ଗ୍ରାହକ ମାନଙ୍କ ପାଇଁ ବେଶ କଷ୍ଟ ଦାୟକ ହୋଇଛି । କେନ୍ଦୁଝର ଗଡ ପୌର ପାଳିକା କର୍ତୃପକ୍ଷଙ୍କ ପକ୍ଷରୁ ମାଛ ମାଂସ ର ଧାର୍ଯ୍ୟ କରାଯାଇଥିବା ଦରକୁ ଆଉ କେହି ମାନୁ ନାହାଁନ୍ତି । ମାଛ ମାଂସ ବେପାରୀମାନେ ମନ ଇଛା ଦର କଷୁଛନ୍ତି । କିନ୍ତୁ ପୌର କର୍ତୃପକ୍ଷ କେବଳ ନୀରବଦ୍ରଷ୍ଟା ସାଜିଛନ୍ତି ।

# ଏରବାଙ୍ଗ ପଂଚାୟତରେ ବ୍ୟାପକ ଅନିୟମିତତା, ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ

ଧର୍ମଶାଳା, ୧୧/୭ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅଧିନ ଏରବାଙ୍ଗ ପଂଚାୟତରେ ବ୍ୟାପକ ଅନିୟମିତତା ହୋଇଛି । ମନୋରଗା କାର୍ଯ୍ୟରେ ଶ୍ରମିକମାନଙ୍କ ବଦଳରେ ମେସିନ କାମ କରୁଛି । ୩ ଶହ ମିଟର ରାସ୍ତା କାମ କରାଯାଇ ୩ କି,ମି ରାସ୍ତାର ବିଲ୍ କରାଯାଉଛି । ଏଭଳି ଅଭିଯୋଗ ଗୁରୁବାର ଅପରାହ୍ନରେ ଏରବାଙ୍ଗ ପଂଚାୟତର ନର୍ସରୀ ପଡିଆରେ ସାମ୍ବାଦିକ ସମ୍ମିଳନୀ ଡକାଯାଇ ସମାଜ ସେବୀ ଦେବି ପ୍ରସାଦ ବିଶ୍ୱାଳ, ବିଦ୍ୟୁତ କୁମାର ସାହୁ,ଏସ.ଆର ଦାସ, ସୌମ୍ୟ ପ୍ରକାଶ ସାମଲ,ପ୍ରୟବ୍ରତ ମଲ୍ଲିକ ପ୍ରମୁଖ କହିଛନ୍ତି । ଏମାନେ ଆହୁରୀ ଅଭିଯୋଗ କରିଛନ୍ତି ଯେ ଜନହିତକର କାର୍ଯ୍ୟ ନାଆଁରେ ଅର୍ଥ ଉଠାଣ କରି ମିଥ୍ୟା ବିଲ୍ କରୁଛନ୍ତି । ଗୋଚର ଜମିକୁ ନଷ୍ଟ କରି ସେଠାରେ ନିମ୍ନମାନର ରାସ୍ତା କାମ କରାଯାଉଛି । କୋଭିଡ-୧୯ ପାଇଁ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅନୟମିତତା ହେଉଛି । ଅନ୍ତେବାସୀଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସରପଂଚଙ୍କ ପୁଅ ପଂଚାୟତରେ ଗୁଣ୍ଡାରାଜ କରୁଛି । ଏନେଇ ପଂଚାୟତରେ ଆତଙ୍କ ଖେଳି ଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି । ନର୍ସରରୀରୁ ଜୀବନ୍ତ ଗଛକୁ କାଟି ନେଇ ସରପଂଚଙ୍କ ପୁଅ ଉଚ୍ଚା ଦାମ୍‌ରେ ବିକ୍ରୀ କରି ଦେଉଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି । ୭ ଦିନ ଭିତରେ ଏହି ଅଭିଯୋଗକୁ ପ୍ରଶାସନ କର୍ଣ୍ଣପାତ କରି ସମାଧାନ ନ କଲେ କୋଭିଡ-୧୯ ନିୟମାବଳୀକୁ ପାଳନ କରି ଆମରଣ ଅନଶନ କରିବେ ବୋଲି ଅଭିଯୋଗ କାରୀମାନେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଅପର ପକ୍ଷେ ସରପଂଚଙ୍କ ପୁଅ ଦିବ୍ୟ ରଂଜନ ସାହୁଙ୍କୁ ପଚାରିବାରୁ ଦେବୀ ପ୍ରସାଦ ବିଶ୍ୱାଳଙ୍କ ସହିତ ମୋର ବ୍ୟକ୍ତିଗତ କେସ୍ ରହିଛି । ଏନେଇ ଥାନାରେ ଅଭିଯେଗ ହୋଇଥିଲାବେଳେ କୋର୍ଟରେ ମାମଲା ବିଚାରଧିନ ରହିଛି । ଅଭିଯୋଗକାରୀଙ୍କ ଅଭିଯୋଗରେ କୌଣସି ସତ୍ୟତା ନାହିଁ । ମୋ ମାଆ ସରପଂଚ ଅଛନ୍ତି ତାଙ୍କ ସମୟରେ ଆମ ପଂଚାୟତରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଛି ବୋଲି ସାହୁ ପ୍ରତିକ୍ରିୟାରେ ଏକଥା କହିଛନ୍ତି ।

# ବିଜେଡି ବରିଷ୍ଠ ନେତା ବିଷ୍ଣୁ ଦାସଙ୍କ ବିୟୋଗରେ ପାରାଦ୍ୱୀପରେ ଶୋକ ସଭା



ପାରାଦ୍ୱୀପ ,୧୧।୭ (ନି.ପ୍ର): ବିଜେଡିର ବରିଷ୍ଠ ନେତା ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ୬୭ ବର୍ଷ ବୟସରେ ଭୁବନେଶ୍ୱର ଏକ ଘରୋଇ ଚିକିତ୍ସାଳୟରେ ଗତ ଜୁଲାଇ ମାସ ୬ତାରିଖ ଦିନ ଦେହାନ୍ତ ହୋଇଯାଇଛି । ସୂଚନା ଥାଉକି ଗତ ଜୁନ୍ ମାସ ୨୨ ତାରିଖରେ ବ୍ରେନ୍ ଷ୍ଟୋକରେ ସେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସ୍ୱର୍ଗତ ଦାସ ୫ଥର ଜଗତସିଂହପୁର ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଯାଇଥିବାବେଳେ ଥରେ ରାଜ୍ୟ ସଭାକୁ ଯାଇଥିଲେ । ଏତଦ୍‌ବ୍ୟତିତ ସେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ମଧ୍ୟ ନିଯୁକ୍ତ ହୋଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଜଗତସିଂହପୁର ଜିଲ୍ଲା ସମେତ ପାରାଦ୍ୱୀପ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦଗତୀ ଓ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ପାରାଦ୍ୱୀପ ନଗର ବିଜେଡି ପକ୍ଷରୁ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରେ ଶୁକ୍ରବାର ସଂନ୍ଧ୍ୟାରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ପାରାଦ୍ୱୀପ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତ୍ତନ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ପୂର୍ବତ୍ତନ ସାଂସଦ ପ୍ରଭାତ ସାମନ୍ତରାୟ, ବରିଷ୍ଠ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ, ପୂର୍ବତ୍ତନ ପାରାଦ୍ୱୀପ ପୌରାଧ୍ୟକ୍ଷ ଗୋବିନ୍ଦ ତରାଇ, ବିଜେଡି ନେତା କୁମର ବର ନାୟକ, ପ୍ରଭାତୀ ନାୟକ, ସୁରେଶ ଦାସ ସମେତ ବହୁ କର୍ମୀ ଯୋଗଦେଇ ସ୍ୱର୍ଗତ ଶ୍ରୀ ଦାସଙ୍କ ସ୍ମୃତିଚାରଣ କରିଥିଲେ ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ମାଇକ୍ରୋ ଲୋକ ଅଦାଲତ

ବାଲେଶ୍ୱର,୧୧।୭ (ନି.ପ୍ର): ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ସ୍ତରୀୟ ମାଇକ୍ରୋ ଲୋକଅଦାଲତ (ମୋଟର ଦୁର୍ଘଟଣା ସମ୍ପର୍କତ) ଆଜି ଅନୁଷ୍ଠିତ ହୋଇଯାଇ ଅଛି। ଏହି ଲୋକ ଅଦାଲତରେ ଜିଲା ଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ହିରଣ୍ମୟ ବିଶୋଇ ଅଧ୍ୟକ୍ଷତା କରିଥିଲେ। ଏହି ଲୋକ ଅଦାଲତରେ ମୋଟ ୩୬ଟି ମୋଟର ଦୁର୍ଘଟଣା ଜନିତ ମାମଲାର ସମାଧାନ କରାଯାଇ ଦେୟ ବାବଦକୁ ମୋଟ ୨,୧୪,୩୪,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ, ଅତିରିକ୍ତ ଜିଲା ଜଜ ରୁଦ୍ର ପ୍ରସାଦ ମହାପାତ୍ର, ସୁବାସ ବିହାରୀ, ସୋନାଲୀ ପଟ୍ଟନାୟକଙ୍କ ସମେତ ବାଲେଶ୍ୱର ଜଜକୋର୍ଟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

# କୋଭିଡ-୧୯ ନିୟମ ଉଲ୍ଲଂଘନ ପାଇଁ ନାଏବ ସରପଂଚ ନିଲମ୍ବିତ

ଭୁବନେଶ୍ୱର,୧୧।୭ (ନି.ପ୍ର): କୋଭିଡ-୧୯ ନିୟମ ଓ କଟକଣାର ଉଲ୍ଲଂଘନ କରିଥିବାରୁ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଜେ.ଡଙ୍ଗପଦର ପଂଚାୟତର ନାଏବ ସରପଂଚ କୃଷ୍ଣ ଚନ୍ଦ୍ର ଜେନାଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି ବୋଲି ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି ।ପ୍ରକାଶ ଥାଉକି ବର୍ତ୍ତମାନ ରାଜ୍ୟରେ କରୋନା ଆକ୍ରାନ୍ତ ବଢ଼ି ବଢ଼ି ଚାଲିଥିବା ବିଶେଷ କରି ଗଞ୍ଜାମ ଜିଲ୍ଲାର ପରିସ୍ଥିତି ଉଦବେଗ ଜନକ ଥିବାରୁ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ କଟକଣା ଲାଗୁ କରାଯାଇ ପରିସ୍ଥିତି ନିୟନ୍ତ୍ରଣ ଲାଗି ଉଦ୍ୟମ ଜାରି ରହିଛି । ଏଭଳି ସମୟରେ ସଂପୃକ୍ତ ନାଏବ ସରପଂଚ ଶ୍ରୀ ଜେନା ସମସ୍ତ କଟକଣା ଓ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଏକ ସମାବେଶ ଆୟୋଜନ କରିଥିଲେ । ଏ ସଂକ୍ରାନ୍ତୀୟ ଏକ ଭିଡିଓ ଭାଇରାଲ ହେବା ସହିତ ବିଭିନ୍ନ ଗଣାମାଧ୍ୟମରେ ମଧ୍ୟ ପ୍ରଚାର ପ୍ରସାର ହୋଇଛି । ଏ ନେଇ ଘଟଣାର ତଦନ୍ତ କରାଯିବା ସହିତ ନାଏବ ସରପଂଚ ଶ୍ରୀ ଜେନା ଓ ତାଙ୍କର ସହଯୋଗୀ ମାନଙ୍କ ବିରୁଦ୍ଧରେ ଆଇନ ଆନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାର ନାଏବ ସରପଂଚ ଶ୍ରୀ ଜେନାଙ୍କୁ ନିଲମ୍ବନ କରିଛନ୍ତି । ଇତି ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୂଜକ ଏବଂ ଶ୍ରୀ ଜେନାଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଥିବା ପ୍ରକାଶ । ଉଲ୍ଲେଖ୍ୟଯୋଗ୍ୟ ପୋଲସରା ବ୍ଲକ୍ ଜେ.ଡଙ୍ଗପଦର ପଂଚାୟତ ମର୍ଦ୍ଦରାଜପୁର ଗାଁରେ ପଂଚମୁଖି ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା ସହ ମହାଯଜ୍ଞ କରାଯାଇଥିଲା । କଳସୀ ଶୋଭାଯାତ୍ରାରେ ଶହଶହ ମହିଳା ସାମିଲ ହୋଇଥିଲେ ।

# ବିନୋଦ ମାଝୀ 'ଆଚ୍ଛା' ସଙ୍ଗଠନର ଜିଲ୍ଲା ସଭାପତି

ବାଲେଶ୍ୱର,୧୧।୭(ସପ୍ର): ଓଡିଶାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଆଚ୍ଛା' ଏବେ ସମଗ୍ର ରାଜ୍ୟରେ ତାର ଶାଖା ବିସ୍ତାର କରିବାକୁ ଯାଉଛି । ବିଗତ ଦିନମାନଙ୍କରେ ନିଜେ ସମାଜ ପାଇଁ କାମ କରିବା ସହ କିଛି ଲୋକଙ୍କ ସହଯୋଗରେ ଅନେକ ଦିନ ଧରି ସଂଗଠନକୁ ଆଗକୁ ନେଇ ଚାଲିଥିବା ବାଲେଶ୍ୱରର ଯୁବ ସମାଜସେବୀ ବିନୋଦ କୁମାର ମାଝୀଙ୍କୁ ଜିଲା ସଭାପତି ଭାବେ ଚୟନ କରାଯାଇଛି । ସଙ୍ଗଠନର ରାଜ୍ୟ ସଂପାଦକ ରଣଜିତ କୁମାର ପୃଷ୍ଟିଙ୍କ ସୁପାରିଶ କ୍ରମେ ସଂଗଠନର ରାଜ୍ୟ ସଭାପତି ବିସ୍ମିତ ରଞ୍ଜନ ଦାସ ଶ୍ରୀ ମାଝୀଙ୍କୁ ଜିଲ୍ଲା ସଭାପତି ଭାବେ ଚୟନ କରିଛନ୍ତି। ଏହି ସମ୍ବାଦ ପାଇଲାପରେ ଶ୍ରୀ ମାଝୀ ସନ୍ତୋଷ ପ୍ରକାଶ ସହ ଆଗାମୀ ଦିନରେ ନିଜର ଟିମ ଜରିଆରେ ସଂଗଠନର ମୂଳ ଲକ୍ଷ୍ୟକୁ ସଫଳ ରୂପାୟନ ନେଇ ଉଦ୍ୟମ କରିବେ ବୋଲି କହିଛନ୍ତି । ବିଶେଷ କରି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ସେ ସୂଚନା ଦେଇଛନ୍ତି।

# କନ୍ଧମାଳରେ ୬୦୦ ଅଙ୍ଗନବାଡି କେନ୍ଦ୍ରକୁ ପ୍ଲେସ୍କୁଲ ଢାଂଚାରେ ଉନ୍ନତିକରଣ କରାଯିବ

କନ୍ଧମାଳ ,୧୧।୭ (ନି.ପ୍ର): ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ଶିଶୁ ପାଠ ପଢିବାକୁ ଆସିବେ । ଅଙ୍ଗନବାଡି କେନ୍ଦ୍ର ପ୍ରତି ଶିଶୁମାନେ ଯେପରି ଆକୃଷ୍ଟ ହେବେ ସେହିପରି ଅଭିଭାବକ ମାନେ ମଧ୍ୟ ସେମାନଙ୍କ ଶିଶୁକୁ ଅଙ୍ଗନବାଡି କେନ୍ଦ୍ରକୁ ଆଗ୍ରହର ସହ ଛାଡିବେ ସେଥିପାଇଁ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଏବେ ସୁନ୍ଦର ଭାବେ ରଙ୍ଗ ଦେବାସହ ସାଜସଜ୍ଜା କରାଯାଉଛି। ଏଗୁଡିକୁ ପ୍ଲେ ସ୍କୁଲ ଢାଂଚାରେ କରାଯାଉଛି। ଜିଲ୍ଲାର ୬୦୦ କେନ୍ଦ୍ରକୁ ଏଭଳି ପ୍ଲେସ୍କୁଲ ଢାଂଚାରେ ଉନ୍ନତିକରଣ କରାଯିବା ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଜିଲ୍ଲାର ମୋଟ ୨୧ଶହ ପାଖାପାଖି ଅଙ୍ଗନବାଡି କେନ୍ଦ୍ର ଓ ମିନି ଅଙ୍ଗନବାଡି କେନ୍ଦ୍ର ରହିଛି। ପ୍ରତି ବ୍ଲକରେ ୫୦ଟି ହିସାବରେ ୧୨ଟି ବ୍ଲକରେ ୬୦୦ ଅଙ୍ଗନବାଡି କେନ୍ଦ୍ରକୁ ଆଦର୍ଶ କେନ୍ଦ୍ରରେ ପରିଣତ କରିବାକୁ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି. ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀ ବ୍ଲକ ବିଡିଓ ସୁବ୍ରତ କୁମାର ଜେନାଙ୍କ ନିଷ୍ଠାପର ଉଦ୍ୟମ ଓ ଆନ୍ତରିକତା ଯୋଗୁଁ ୨୦ଟି କେନ୍ଦ୍ର ଏପରି କରାଯାଇଛି। ସେଗୁଡିକ ହେଲା କାଣିବାଲି, ଧୋବାତୋଟା, ପ୍ରାଡିପଦର, ଗୁମାଗଡ-୧, ଗୁମାଗଡ-୨, ସାର୍ତାଗୁଡା, ପାଙ୍ଗାପାଜୁ ଓ କୁମ୍ଭାରୀଗୁଡା ଆଦି ଅଙ୍ଗନବାଡି କେନ୍ଦ୍ରକୁ ନଦେଖିଲେ ବିଶ୍ୱାସ କରିହେବନି। ପ୍ଲେ ସ୍କୁଲ ଢାଂଚାରେ କେନ୍ଦ୍ର ଗୁଡିକୁ କରାଯାଉଛି। ନାଚଗୀତ ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆଯାଉଛି। କର୍ମୀ ମାନଙ୍କୁ ସ୍ୱତନ୍ତ୍ର ତାଲିମ ମଧ୍ୟ ଦିଆଯାଉଛି। କେନ୍ଦ୍ରକୁ ପ୍ରଦୁଷଣ ମୁକ୍ତ ପାଇଁ ରନ୍ଧନ ଗ୍ୟାସ ମଧ୍ୟ ପ୍ରଦାନ କରାଯାଇଛି। ତା'ସାଙ୍ଗକୁ ପିଲାଙ୍କ ପାଇଁ ସୁନ୍ଦର ଛୋଟ ଛୋଟ ଚେୟାର ଟେବୁଲ ମଧ୍ୟ। ପାନୀୟ ଜଳ ବ୍ୟବସ୍ଥା, କାନ୍ଥ ଗୁଡିକରେ ଲେଖାଯିବା ସହ ଫଟୋଚିତ୍ର ମଧ୍ୟ ମରାଯାଇ ସୁନ୍ଦର ଓ ଆକର୍ଷଣୀୟ କରାଯାଇଛି। ସଂପୂର୍ଣ୍ଣ ରୁପରେଖ ଏବେ ବଦଳୀ ଯାଇଛି। ଅଙ୍ଗନବାଡି କେନ୍ଦ୍ର ଗୁଡିକ ମନଲୋଭା ଓ ଆକର୍ଷଣୀୟ ହୋଇଥିବାରୁ ଏବେ ଅଭିଭାବକ ମାନେ ଆଗ୍ରହର ସହ ଶିଶୁଙ୍କୁ ଅଙ୍ଗନବାଡି କେନ୍ଦ୍ରକୁ ଛାଡୁଛନ୍ତି। ପିଲାସଂଖ୍ୟା ମଧ୍ୟ ଧିରେ ଧିରେ ବଢିଛି କେନ୍ଦ୍ର ଗୁଡିକରେ। ଜିଲ୍ଲାପାଳ ଡା.ବୃନ୍ଦା ଡି.ଙ୍କ ଆଗ୍ରହ ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଥିବା ବିଡିଓ ସୁବ୍ରତ ଜେନା କହିଛନ୍ତି। ପୂର୍ବରୁ ଅଙ୍ଗନବାଡି କେନ୍ଦ୍ର ଓ ବର୍ତ୍ତମାନର କେନ୍ଦ୍ର ମଧ୍ୟରେ ଆକାଶ ପାତାଳ ଫରକ ରହିଥିବା ଗ୍ରାମବାସୀ କହିଛନ୍ତି। ସେମାନେ ବି ଏବେ ବେଶ୍ ଖୁସି ଅନୁଭବ କରୁଛନ୍ତି ବୋଲି କହିଛନ୍ତି।

# ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ କରୋନା ପରୀକ୍ଷା ପାଇଁ ଚିଠି

ବାଲେଶ୍ୱର,୧୧।୭ (ନି.ପ୍ର): ଓଡ଼ିଶାରେ ବିଭିନ୍ନ ସାମାଜିକ ସଂଗଠନମାନଙ୍କ ଦ୍ୱାରା ବହୁଗୁଡ଼ିଏ ପରିଚାଳିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କର କରୋନା ପରୀକ୍ଷା କରିବା ପାଇଁ ସମାଜସେବୀ ତଥା ଯୁବ ସାମ୍ବାଦିକ ସାନୁ କୁମାର ଶାସମଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଭୁବନେଶ୍ୱର ସମେତ ଗଞ୍ଜାମ ଏବଂ କଟକ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବହୁମାତ୍ରାରେ ବଢୁଥିବାବେଳେ କଟକ ଏବଂ ଭୁବନେଶ୍ୱରରେ ଅଧିକ ବୃଦ୍ଧାଶ୍ରମ ଥିବା ସହ ସଂକ୍ରମିତଙ୍କ ଚିହ୍ନଟ ମାତ୍ରା ଅଧିକ ହେଲେ ମୃତ୍ୟୁହାର ରୋକାଯାଇ ପାରିବ ବୋଲି ମଧ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ଯଥାଶୀଘ୍ର ରାଜ୍ୟସରକାର ସମସ୍ତ ଜିଲାମାନଙ୍କରେ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ କରୋନା ପରୀକ୍ଷା କରିବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

# ସୋମନାଥ ମନ୍ଦିରରେ ପରିବାର ସହିତ ମୁଖ୍ୟମନ୍ତ୍ରୀ ରୁପାନୀ କଲେ ବିଶେଷ ପୂଜାର୍ଚ୍ଚନା

ଅହମ୍ମଦାବାଦ,୧୧।୭ (ନି.ପ୍ର): ରାଜ୍ୟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଆଜି ପରିବାର ସହ ସୋମନାଥ ମନ୍ଦିରରେ ପହଂଚି ବିଶେଷ ପୂଜାର୍ଚ୍ଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଏବଂ ତାଙ୍କ ପତ୍ନୀ ଅଂଜଳିବେନ ସୋମନାଥ ସୋମନାଥ ମନ୍ଦିରରେ ପୂଜା କରିଥିଲେ। କେବଳ ଏତିକି ନୁହେଁ, ସେ ସେଠାରେ ମହାଦେବଙ୍କ ଅଭିଷେକ ସହିତ ପୂଜା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆସିବା ପରେ ସୋମନାଥ ମନ୍ଦିରରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମଗ୍ର ମନ୍ଦିରକୁ ଏକ ଛାଉଣୀରେ ପରିଣତ କରି ଦିଆ ଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ବିଜୟ ରୁପାନି ଶୁକ୍ରବାର ଦିନ ତାଙ୍କ ପରିବାର ସହ ସୋମନାଥରେ ପହଂଚି ସୋମନାଥରେ ମଧ ରାତି କଟାଇଥିଲେ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

## ଗଂଜାମ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୬୩୪ ହେଲା

ଭୁବନେଶ୍ୱର,୧୧।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୧୬ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୩୬୩୪ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୩୩, ବାଲେଶ୍ୱର ଜିଲ୍ଲାରେ ୫୦୮, ବରଗଡ ଜିଲ୍ଲାରେ ୧୬୮, ଭଦ୍ରକ ଜିଲ୍ଲାରେ ୨୮୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୨୬୦. ବୌଦ୍ଧ ଜିଲ୍ଲାରେ ୫୩, କଟକ ଜିଲ୍ଲାରେ ୯୮୭, ଦେବଗଡ ଜିଲ୍ଲାରେ ୬୬, ଢେଙ୍କାନାଳ ଜିଲ୍ଲାରେ ୯୫. ଗଜପତି ଜିଲ୍ଲାରେ ୫୯୩, ଜଗତସିଂହପୁର ଜିଲ୍ଲାରେ ୩୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୭୯୯, ଝାରସୁଗୁଡା ଜିଲ୍ଲାରେ ୧୬୫, କଳାହାଣ୍ଡି ଜିଲ୍ଲାରେ ୭୯, କନ୍ଧମାଳ ୧୯୩, କେନ୍ଦ୍ରାପଡା ଜିଲ୍ଲାରେ ୨୯୬, କେନ୍ଦୁଝର ଜିଲ୍ଲାରେ ୨୯୨, ଖୋର୍ଧା ଜିଲ୍ଲାରେ ୧୨୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୯୫, ମାଲକାନଗିରି ଜିଲ୍ଲାରେ ୧୩୪, ମୟୁରଭଂଜ ଜିଲ୍ଲାରେ ୩୨୭. ନବରଙ୍ଗପୁର ଜିଲ୍ଲାରେ ୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୬୫, ନୂଆପଡା ଜିଲ୍ଲାରେ ୮୬, ପୁରୀ ଜିଲ୍ଲାରେ ୩୫୩, ରାୟଗଡା ଜିଲ୍ଲାରେ ୧୩୯. ସମ୍ବଲପୁର ଜିଲ୍ଲାରେ ୧୧୧. ସୁବର୍ଣ୍ଣପୁର ଜିଲ୍ଲାରେ ୪୪ ଓ ସୁନ୍ଦରଗଡ ଜିଲ୍ଲାରେ ୬୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବ୍ୟକ୍ତିଗତ ସମ୍ପତ୍ତିକୁ ମଡ଼ାଇ ରାସ୍ତା କରୁଛନ୍ତି ଠିକାଦାର: ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧୧।୭ (ନି.ପ୍ର): ଜିଲ୍ଲାର ମହାକାଳପଡା ବ୍ଲକ ତନ୍ତିଆପାଳ ମେରାଇନ୍ ଥାନା ଅଧିନ କଂସାର ବଡଦାଣ୍ଡିଆ ଗ୍ରାମରେ ନିର୍ମାଣାଧିନ ରାସ୍ତାକାମ ନେଇଥିବା ଠିକାଦାର ଜଣକ ଜଣେ ବ୍ୟକ୍ତିଙ୍କର ଜମିକୁ ମଡାଇ ବାଲି ଗୋଡି ପକାଇ ରାସ୍ତା କାମ କରୁଥିବା ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ କଂସାର ବଡଦାଣ୍ଡିଆରୁ ପଙ୍କପାଳକୁ ନୂତନ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା କାମରେ ନିଯୁକ୍ତ ଠିକାଦାର ଛଘରିଆ ଗ୍ରାମର ରଶ୍ମିରଂଜନ ରାଉତ ଆକ୍ରୋଶ ମୂଳକ ଭାବେ ରାସ୍ତା ସଂଲଗ୍ନ ଖାତା ନମ୍ବର - ୧୮୨/୨୦୪, ପ୍ଲଟ୍ ନମ୍ବର- ୩୫୫ ଏରିଆ ୨ ଏକର ଜମି ଗ୍ରାମର ପଦ୍ୟୋତ କୁମାର ଗିରି ଓ ପ୍ରଭାଂଶୁ ଶେଖର ଗିରିଙ୍କ ନାମରେ ଥିବା ଜମିକୁ ମଡାଇ ରାସ୍ତାକାମ କରୁଛନ୍ତି। ଏହି ଜମିକୁ ମଡାଇ ପ୍ରାୟ ୯୦ଫୁଟ ଲମ୍ବ ଓ ୩୦ଫୁଟ ଚଉଡାର ଜମି ଉପରେ ଠିକାଦାର ଜବରଦସ୍ତ ମାଟି, ବାଲି ପକାଇ କାମ କରୁଥିବାରୁ ପ୍ରଦ୍ୟୋତ ଓ ପ୍ରଭାଂଶୁଙ୍କର ବିପୁଳ କ୍ଷତି ଓ ଫସଲହାନୀ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ମାପଚୁପ କରି ସୀମା ନିର୍ଦ୍ଧାରଣ କରିବା ପାଇଁ ପ୍ରଦ୍ୟୋତ ଓ ପ୍ରଭାଂଶୁ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମହାନଦୀ ଜଳ...

ସମ୍ପର୍କରେ ଆଭିମୁଖ୍ୟ ବଦଳିନାହିଁ। ମହାନଦୀର ବେଶି ଭାଗ ଓଡିଶାରେ ରହିଛି ଏବଂ ଏହା ଓଡିଶାବାସୀଙ୍କ ଜୀବନରେଖା। ମହାନଦୀ ଉପରେ ଛତିଶଗଡ ଓ ଓଡିଶାର ସମାନ ଅଧିକାର ରହିଛି। ଛତିଶଗଡ ସରକାର ଆମ କଥା ମାନିଥିଲେ ଆପୋସ ସମାଧାନ ହୋଇଥାନ୍ତା। ମାତ୍ର ଛତିଶଗଡ ସରକାର ତାଙ୍କ ନିଷ୍ପତିରେ ଅଟଳ ରହିଛନ୍ତି । ଫଳରେ ଉଭୟ ରାଜ୍ୟ ମଧ୍ୟରେ ବିବାଦ ଦେଖାଦେଇଛି। ଅଣମୌସୁମୀ ସମୟରେ ଓଡିଶା ଜଳ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ଛତିଶଗଡ ବେଆଇନ୍ ଭାବେ ନିର୍ମାଣ କରିଥିବା କରିଥିବା ବ୍ୟାରେଜ୍ ମୁଖତଃ ଦାୟୀ। ମହାନଦୀର ତଳମୁଣ୍ଡରେ ବ୍ୟାରେଜ୍ ଓ ରିଜର୍ଭର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁମତି ମାଗିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଉ ୫୭୦ କରୋନା...

ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୨୧୮ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୧ , ବାଲେଶ୍ୱର ଜିଲ୍ଲାରେ ୩ ଜଣ, ଭଦ୍ରକ ଜିଲ୍ଲାରେ ୨ ଜଣ , ବୌଦ୍ଧ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରେ ୨୫ , ଜଗତସିଂହପୁର ଜିଲ୍ଲାରେ ୧୬ ଜଣ, ଯାଜପୁର ଜିଲ୍ଲାରେ ୪୦ ଜଣ , ଝାରସୁଗୁଡା ଜିଲ୍ଲାରେ ୩୧ ଜଣ , କେନ୍ଦ୍ରାପଡା ଜିଲ୍ଲାରେ ୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୧୪ ଜଣ , ଖୋର୍ଧା ଜିଲ୍ଲାରେ ୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୧, ମୟୁରଭଂଜ ଜିଲ୍ଲାରେ ୧୦ ଜଣ, ନୟାଗଡ ଜିଲ୍ଲାରେ ୩୭ ଜଣ , ପୁରୀ ଜିଲ୍ଲାରେ ୧୫ ଜଣ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ଜଣେ . ସୁନ୍ଦରଗଡ ଜିଲ୍ଲାରେ ୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୩,୨୭,୨୮୮ ଟି ନମୁନା କୋଭିଡ୍ -୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୨,୫୨୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୮,୩୬୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ।ଅନ୍ୟପକ୍ଷରେ ୬୧ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ବର୍ତ୍ତମାନ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୪୦୮୭ ରହିଛି । ୪,୪୭୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

## ରାଜ୍ୟରେ ଆଉ ପାଂଚ...

ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ପୁରୀ ଜିଲ୍ଲାର ୭୦ ବର୍ଷିୟ ବୃଦ୍ଧ ଓ କଟକ ଜିଲ୍ଲାର ୪୬ ବର୍ଷିୟ ବ୍ୟକ୍ତି ମଧୁମେହ ଏବଂ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ସେହିପରି ଗଞ୍ଜାମର ଜଣେ ୭୨ ବର୍ଷିୟ ବ୍ୟକ୍ତି ମଧୁମେହରେ ପୀଡ଼ିତ ଥିଲେ। ଗଂଜାମ ଜିଲ୍ଲାର ଅନ୍ୟ ଜଣେ ମୃତକଙ୍କର ବୟସ ୫୫ ବର୍ଷ ବୋଲି ବିଭାଗ ପକ୍ଷରୁ କୁହା ଯାଇଛି । ଭୁବନେଶ୍ୱରର ଯେଉଁ ୫୬ ବର୍ଷୀୟା ମହିଳାଙ୍କର କରୋନାରେ ମୃତ୍ୟୁ ଘଟିଛି ସେ ବି ମଧୁମେହରେ ପୀଡ଼ିତ ଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ଗଞ୍ଜାମ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୬କୁ ବୃଦ୍ଧି ପାଇଛି। ସେହିପରି ଖୋର୍ଦ୍ଧାରେ କରୋନା ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଥିବା ବେଳେ କଟକରେ ୬ରେ ପହଂଚିଛି। ପୁରୀରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ସୁନ୍ଦରଗଡ଼, ବରଗଡ଼, ଅନୁଗୁଳ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି।

## ବିଜେପିର ପ୍ରଥମ...

ଏହବ୍ୟତିତ ଓଡିଆଙ୍କ ହକ୍ ପାଇଁ ଲଢିବାକୁ ବିଜେପିର କାର୍ଯ୍ୟକର୍ତା ମାନଙ୍କୁ ଆହ୍ୱାନ କରିଛନ୍ତି ଶ୍ରୀ ପ୍ରଧାନ । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ଦଳର କାର୍ଯ୍ୟକର୍ତାମାନେ ଟିମଓ୍ୱାର୍କ କରି ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜବୁତ୍ କରି କେନ୍ଦ୍ରୀୟ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବାର ଆବଶ୍ୟକତା ରହିଛି। ସମସ୍ତଙ୍କର ବ୍ୟାପକ ଦକ୍ଷତାକୁ ପରିପ୍ରକାଶ କରି ସାଢେ ୪ କୋଟି ଓଡିଆଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାମ କରିବାକୁ ପଡିବ ବୋଲି ଶ୍ରୀ ମହାନ୍ତି ଆହ୍ୱାନ କରିଛନ୍ତି । ସମଗ୍ର ଓଡିଶାକୁ ବିକାଶରେ ସାମିଲ କରିବା ଓ ରାଜ୍ୟକୁ ଦୁର୍ନୀତି ମୁକ୍ତ କରିବା ସଂଗଠନର ଲକ୍ଷ୍ୟ ରହିବା ଉଚିତ୍ । ଏହା ସହ ନିକଟରେ କାର୍ଯ୍ୟକର୍ତାମାନେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କ୍ରିୟାନ୍ୱିତ ହୋଇଥିବା ଗରିବ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଯୋଜନାକୁ ସମାଜର ସବୁଠୁ ତଳ ଶ୍ରେଣୀରେ ପହଁଚାଇବା ପାଇଁ କାମ କରନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ବିଜେପି ସାଧାରଣ ସଂପାଦକ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି ଯେ କେନ୍ଦ୍ର ସରକାର ଗରିବଙ୍କ ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ କରୁଛନ୍ତି । ଅପରପକ୍ଷରେ ରାଜ୍ୟ ସରକାର କୋଭିଡ୍ ପରିଚାଳନାରେ ସରକାର ବିଫଳ ହୋଇଛନ୍ତି । ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଛି । ମନରେଗା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବି ଦୁର୍ନୀତି ହୋଇଛି ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଥିଲେ । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏହି ପଦାଧିକାରୀ ବୈଠକର ପରିଚାଳନା କରିଥିଲେ । ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ପଦାଧିକାରୀଙ୍କୁ ଶ୍ରୀ ମହାପାତ୍ର ସ୍ୱାଗତ କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ବିଷୟରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ବୈଠକରେ ଗଲଓ୍ୱାନ ଘାଟିରେ ଶହୀଦ ହୋଇଥିବା ବୀର ଯବାନ, ଦିବଙ୍ଗତ ନେତା ଏବଂ ବ୍ୟକ୍ତିବିଶେଷମାନଙ୍କ ଉପରେ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହି ପ୍ରସଙ୍ଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକ ଶେଷରେ ଅନ୍ୟତମ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ରବି ନାଏକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବିଏଲ ସନ୍ତୋଷ ଯୋଗ ଦେଇ ସେବା ମାଧ୍ୟମରେ ସଂଗଠନକୁ ମଜବୁତ୍ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ବିଜେପି ରାଜ୍ୟ ପ୍ରଭାରୀ ଅରୁଣ ସିଂହ ଦଳକୁ ଆଗେଇ ନେବା ନେଇ ପ୍ରଦାଧିକାରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ କରୋନା ସମୟରେ ରାଜ୍ୟ ବିଜେପି ପକ୍ଷରୁ କରାଯାଇଥିବା ବିଭିନ୍ନ ସାମାଜିକ ଭିତିକ କାର୍ଯ୍ୟକ୍ରମ ଯଥା ଗରିବଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଂଟନ କରିବା, ମାସ୍କ ବଂଟନ, ରକ୍ତଦାନ ଶିବିର ପ୍ରଭୃତି କାର୍ଯ୍ୟକ୍ରମ ଉପରେ ଏକ ଭିଡିଓ ପ୍ରେଜେନଟଂସେନ ଉପସ୍ଥାପନ କରାଯାଇଥିଲା । ଆଜିର ଏହି ବୈଠକରେ ରାଷ୍ଟ୍ରୀୟ ସଂଗଠନ ସହ ସମ୍ପାଦକ ସୌଦାନ ସିଂହ, ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସଂପାଦକ ସୁରେଶ ପୁଜାରୀ, ପୂର୍ବତନ ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେ.ଭି.ସିଂହଦେଓ, ବିଧାୟକ ଦଳ ନେତା ପ୍ରଦୀପ ନାଏକ ପ୍ରମୁଖଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ...

ଆଜିଠାରୁ ପୁଣିଥରେ ପୁରୀରେ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଉଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇ ଘୋଷଯାତ୍ରା ସମ୍ପର୍କିତ ସମସ୍ତ ରିପୋର୍ଟ କୋର୍ଟରେ ଦାଖଲ ହେବ। ରଥଯାତ୍ରା ପୂର୍ବରୁ ଥରେ ସମସ୍ତ ସେବାୟତଙ୍କ କୋଭିଡ୍ ଟେଷ୍ଟ ହୋଇଥିଲା। ପୁଣି ବାହୁଡାଯାତ୍ରା ପୂର୍ବରୁ ଓ ଏବେ ଘୋଷଯାତ୍ରା ପରେ ତୃତୀୟ ପର୍ଯ୍ୟାୟ ଟେଷ୍ଟ ହୋଇଛି। ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ଟେଷ୍ଟ ହେବ। ଘୋଷଯାତ୍ରାରେ ସାମିଲ ହୋଇଥିବା ୪ ହଜାରରୁ ଅଧିକ ସେବାୟତଙ୍କର ଏହି ଟେଷ୍ଟ କରାଯିବ। ପୁରୀ ସହରର ଉତ୍କଳ ହିନ୍ଦୀ ବିଦ୍ୟାପୀଠ, ବାଗେଡିଆ ଧର୍ମଶାଳା ଓ ମାର୍କେଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଟେଷ୍ଟ କରାଯାଉଛି। ଆଜି ପ୍ରଥମ ପର୍ଯ୍ୟାୟରେ ଦଇତାପତି ନିଯୋଗ, ସୁଆର ମହାସୁଆର ସେବାୟତ ଓ ଘଂଟୁଆ ସେବକଙ୍କ କୋଭିଡ୍ ଟେଷ୍ଟ କରାଯାଉଛି। ପରବର୍ତୀ ପର୍ଯ୍ୟାୟରେ ପୂଜାପଣ୍ଡା, ଗରାବଡୁ, ଘଟୁଆରୀ, ମେକାପ ଆଦି ଅନ୍ୟାନ୍ୟ ସେବାୟତଙ୍କ ଟେଷ୍ଟ କରାଯିବ।

# ଉତ୍ତରପ୍ରଦେଶରେ ଗୋଟିଏ ଦିନରେ ସର୍ବାଧିକ ୪୨,୩୫୪ କରୋନା ଟେଷ୍ଟ

- ଗତ ୨୪ ଘଂଟାରେ ୧,୪୦୩ ନୂଆ ମାମଲା
- ରାଜ୍ୟରେ ୧୧,୪୯୦ ସକ୍ରିୟ ମାମଲା, ଏବେ ସୁଦ୍ଧା ସୁସ୍ଥ ହୋଇଛନ୍ତି ୨୨,୬୮୯ ରୋଗୀ

ଲକ୍ଷ୍ନୌ,୧୧।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ସର୍ବାଧିକ କରୋନା ଚିହ୍ନଟ ହୋଇଛନ୍ତି । ଗୋଟିଏ ଦିନରେ ୧୪୦୩ ନୂଆ ମାମଲା ଦୃଷ୍ଟିକୁ ଆସିଛି । ଗତ ୩ ଦିନ ମଧ୍ୟରେ ୩,୮୪୭ ନୂଆ ମାମଲା ସାମନାକୁ ଆସିଥିଲା । ଶୁକ୍ରବାର ଦିନ ପ୍ରଥମ ଥର ପାଇଁ ପ୍ରତିଦିନ ହେଉଥିବା ଯାଂଚ ସଂଖ୍ୟା ୪୨ ହଜାର ଟପିଯାଇଛି। ଏବେ ସୁଦ୍ଧା ୯୧୩ ଜଣଙ୍କ ମୃତ୍ୟୁ ସ୍ୱାସ୍ଥ୍ୟ ବିଭାଗର ଉପ ମୁଖ୍ୟ ସଚିବ ଅମିତ ମୋହନ ପ୍ରସାଦ ଶନିବାର ଦିନ କହିଛନ୍ତି କି ରାଜ୍ୟରେ କରୋନାର ସକ୍ରିୟ ମାମଲା ୧୧,୪୯୦ ହୋଇଛି । ଏବେ ସୁଦ୍ଧା ୨୨,୬୮୯ ଜଣ କରୋନାରୁ ସୁସ୍ଥ ହେବା ଫଳରେ ଘରକୁ ପଠାଇ ଦିଆଯାଇଛି । ଏହା ବାଦ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କରୋନା ଭାଇରସରେ ୯୧୩ ଜଣଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ସଚିବ କହିଛନ୍ତି କି ଶୁକ୍ରବାର ଦିନ ଆରଟିପିସିଆର, ରେପିଡ଼ ଏଂଟିଜନ ଏବଂ ଟ୍ରୁନେଟ ମେସିନ ସାହାଯ୍ୟରେ ଗୋଟିଏ ଦିନରେ ଏବେ ସୁଦ୍ଧା ସର୍ବାଧିକ ୪୨,୩୫୪ ନମୂନା ର ଯାଂଚ କରାଯାଇଛି । ଏହି ସପ୍ତାହରେ ପ୍ରତିଦିନ କରାଯାଉଥିବା କରୋନା ଯାଂଚରେ ଗୁରୁବାର ଦିନ ୩୮,୦୦୬, ବୁଧବାର ୩୨,୮୨୬, ମଙ୍ଗଳବାର ଦିନ ୩୪,୦୮୫ ଏବଂ ସୋମବାର ଦିନ ୩୦,୩୨୯ କରୋନା ନମୂନା ବିଭିନ୍ନ ପ୍ରୟୋଗଶାଳାରେ ଯାଂଚ କରାଯାଇଛି। ରାଜ୍ୟରେ ଏବେ ସୁଦ୍ଧା ମୋଟ ୧୧,୧୬,୪୬୬ କରୋନା ନମୂନା ଯାଂଚ କରାଯାଇଛି।

# ଭୁବନେଶ୍ୱରରେ ପ୍ରତିଦିନ ହେଉଛି ହଜାରେ କରୋନା ଟେଷ୍ଟ

ଭୁବନେଶ୍ୱର,୧୧।୭ (ନି.ପ୍ର): କୋଭିଡ୍ ମୁକାବିଲା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ବ୍ୟାପକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ୬୪୦ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୩୧୭ଟି ସକ୍ରିୟ ରୋଗୀ ଥିବାବେଳେ ୩୧୪ ଜଣ ସୁସ୍ଥ ହୋଇଛନ୍ତି । ୱାର୍ଡ କମିଟି ଏବଂ ସଚେତକ କମିଟିମାନ ଗଠନ କରାଯାଇଛି । ପ୍ରତ୍ୟହ ପାଖାପାଖି ୧୦୦୦ ଟେଷ୍ଟ କରାଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ତଥା ଭୁବନେଶ୍ୱର କୋଭିଡ୍ ପର୍ଯ୍ୟବେକ୍ଷକ ଶ୍ରୀମତୀ ଅନୁ ଗର୍ଗ ସୂଚନା ଦେଇଛନ୍ତି। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଭୁବନେଶ୍ୱରର ଯେଉଁଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେଠାରେ ରୋଗୀଙ୍କୁ ହସ୍ପିଟାଲ୍ ସ୍ଥାନାନ୍ତର, କଂଟାକ୍ଟ ଟ୍ରେସିଂ, କ୍ୱାରାଂଟାଇନ୍ ଏବଂ ସାନିଟାଇଜେସନ୍ କରାଯାଉଛି ଏଥି ପାଇଁ ବହୁତଗୁଡ଼ିଏ ଦଳ କାମ କରୁଛନ୍ତି । ବୟସ୍କ ଲୋକମାନଙ୍କ ସହାୟତା ପାଇଁ ସଚେତକ ଆପ୍‌ରେ ଗୋଟିଏ ନୂତନ ମଡ୍ୟୁଲ୍ ଯୋଗ କରାଯାଇଛି । ଯେଉଁଠାରେ କୋଭିଡ୍ ରୋଗୀଙ୍କ ଯୋଗାଯୋଗ ଚିହ୍ନଟ ହୋଇପାରୁନାହିଁ, ସେଠାରେ ୧୪ ଦିନ ସକ୍ରିୟ ନିରୀକ୍ଷଣ, ନିକଟସ୍ଥ ୫୦ରୁ ୧୦୦ ଘରକୁ କ୍ୱାରାଂଟାଇନ୍, ଲକ୍ଷଣ ଥିବା ଲୋକମାନଙ୍କ ତୁରନ୍ତ ପରୀକ୍ଷା ଏବଂ କଣ୍ଟେନ୍‌ମେଂଟ ଜୋନ୍ କରାଯାଉଛି । କିନ୍ତୁ କେତେକ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏବଂ ହଟ୍‌ସ୍ପଟ୍ ଜିଲ୍ଲାରୁ ଭୁବନେଶ୍ୱରକୁ ଆସୁଥିବା ଲୋକମାନଙ୍କ ପାଇଁ ସଂକ୍ରମଣ ସ୍ଥିତି ସୃଷ୍ଟି ହେଉଛି। ସରକାର ଏବଂ ସ୍ଥାନୀୟ ଗୋଷ୍ଠୀଗୁଡ଼ିକ କୋଭିଡ୍ ମୁକାବିଲା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଥିବାବେଳେ ଏବେ ଜନସାଧାରଣ ନିଜେ ସଚେତନ ହେବା ସହ ଯଥା ସମ୍ଭବ ସତର୍କତା ଅବଲମ୍ବନ କରିବାକୁ ଶ୍ରୀମତୀ ଗର୍ଗ ନିବେଦନ କରିଛନ୍ତି । ଭୁବନେଶ୍ୱର ମହାନଗର ନଗମ ତରଫରୁ ହସ୍ପିଟାଲ୍, ଶିଳ୍ପ ସଂସ୍ଥା ଏବଂ ବସ୍ତି ଅଂଚଳକୁ ପ୍ରାଥମିକତା ଭିତିରେ ବିଶେଷ ଦୃଷ୍ଟି ଦିଆଯାଉଛି। ସକ୍ରିୟ ସର୍ବେକ୍ଷଣ ଏବଂ କଂଟେନ୍‌ମେଂଟ ଜରିଆରେ ଅଧିକ ସଂକ୍ରମଣ ଚିହ୍ନଟ ହୋଇଥିବା ବ୍ଲୁ ହୁଇଲ୍ ହ ସ୍ପିଟାଲ୍, ସୁଭାଷ ନଗର ବସ୍ତି, ଲକ୍ଷ୍ମୀବଜାର ବସ୍ତି ଆଦିରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିଛି। ଗଞ୍ଜାମ, କଟକ, ବାଲେଶ୍ୱର, ଗଜପତି ଏବଂ ଯାଜପୁର ଜିଲ୍ଲାରୁ ଭୁବନେଶ୍ୱର ବସ୍ତି ଅଂଚଳକୁ ଆସୁଥିବା ଲୋକମାନଙ୍କୁ ୧୪ ଦିନ ଆନୁଷ୍ଠାନିକ କ୍ୱାରାଂଟାଇନ୍‌ରେ ବାଧ୍ୟତାମୂଳକ ରଖାଯାଉଛି ।

## ୧୬ ଜିଲ୍ଲାରୁ ସୁସ୍ଥ ହେଲେ ୩୮୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୧।୭ (ନି.ପ୍ର): ରାଜ୍ୟରେ ଶନିବାର ଦିନ ୧୬ଟି ଜିଲ୍ଲାରୁ ୩୮୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୮ ହଜାର ଟପି ୮୩୬୦ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ଏହି ସୂଚନା ଦେଇଛି। ଶନିବାର ସୁସ୍ଥ ହୋଇଥିବା ୩୮୮ଜଣଙ୍କ ମଧ୍ୟରୁ ଗଞ୍ଜାମରୁ ୧୮୭, ଖୋର୍ଦ୍ଧାରୁ ୩୭, କେନ୍ଦୁଝରରୁ ୩୧, ଯାଜପୁରରୁ ୨୭, କଟକରୁ ୨୬, ନୟାଗଡ଼ରୁ ୧୮, ପୁରୀରୁ ୧୬, ସମ୍ବଲପୁରରୁ ୧୪, ବାଲେଶ୍ୱରରୁ ୧୧, ଅନୁଗୁଳରୁ ୮, କେନ୍ଦ୍ରାପଡ଼ାରୁ ୬, ଗଜପତି ଏବଂ ଝାରସୁଗୁଡାରୁ ୨ଜଣ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ବରଗଡ଼, ଭଦ୍ରକ ଏବଂ ଦେବଗଡ଼ରୁ ଜଣେ ଲେଖାଏଁ ସୁସ୍ଥ ହୋଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଶନିବାର ରାଜ୍ୟରେ ୫୭୦ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୫୨୬କୁ ବୃଦ୍ଧି ପାଇଛି। ସେହିପରି ଆଉ ୫ ଜଣଙ୍କ ମୃତ୍ୟୁ ହେବା ପରେ ମୋଟ ମୃତ୍ୟୁ ସଂଖ୍ୟା ୬୧ ଛୁଇଁଛି।

# ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୦୮

ବାଲେଶ୍ୱର,୧୧।୭ (ନି.ପ୍ର): ସମ୍ପ୍ରତି କରୋନା ସଂକ୍ରମଣ କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ପହଞ୍ଚିଥିବା ବେଳେ ଆଗାମୀ ଦିନରେ ଏହା ଅଧିକ ମାରାତ୍ମକ ସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ଦେଖାଦେଲାଣି । ଇତିମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୮ ଲକ୍ଷ ଅତିକ୍ରମ କରିଥିବା ବେଳେ୫ ଲକ୍ଷରୁ ଉର୍ଦ୍ଧ୍ୱ କରୋନା ରୋଗୀ ସୁସ୍ଥ ହୋଇସାରିଲେଣି । ଅଦ୍ୟାବଧି ଦେଶର ମୃତ୍ୟୁ ସଂଖ୍ୟା ବି ୨୨,୧୪୪ରେ ପହଞ୍ଚିଥିବା ଜଣାପଡ଼ିଛି। ଅନୁରୂପ ଭାବେ ଓଡ଼ିଶାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ରାଜ୍ୟ ପାଇଁ ମହା ବିପଦ ଭାବେ ଉଭା ହୋଇଛି। ତେବେ ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ରାଜ୍ୟର ଗଞ୍ଜାମ, ଖୋର୍ଦ୍ଧା, କଟକ, ବାଲେଶ୍ୱର ପ୍ରଭୃତି ଏକାଧିକ ଜିଲ୍ଲାରେ ସଂକ୍ରମଣ ହାର ଭୟଙ୍କର ସ୍ଥିତିରେ ପହଞ୍ଚିବାକୁ ଯାଉଛି। ଆଜି ସୁଦ୍ଧା ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧୨,୫୨୬ରେ ଛୁଇଁଥିବା ବେଳେ ଆଜି ୫ଜଣଙ୍କୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୧ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱରରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ପ୍ରଶାସନ ସମେତ ଜିଲ୍ଲାବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୩ ଜଣ ନୂଆ ପଜିଟିଭ୍‌ଙ୍କୁ ମିଶାଇ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ଆଜି ୫୦୮ରେ ପହଞ୍ଚିଛି। ଅଦ୍ୟାବଧି ୩୭୫ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୩୧ ଜଣ କରୋନା ସଂକ୍ରମିତଙ୍କୁ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି। ତେବେ ଗତ ୪ଦିନ ଧରି ଜିଲ୍ଲାରେ ଅଧିକ ସଂଖ୍ୟାରେ ଚିହ୍ନଟ ହୋଇଥିବା ସ୍ଥାନୀୟ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକାଧିକ ପଞ୍ଚାୟତ ଓ ଗ୍ରାମରେ ସଟ୍ ଡାଉନ୍ ଲାଗୁ ସହ କେତେକ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ବଢୁଥିବା କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ଏବେ କଟକଣାକୁ ମଧ୍ୟ ଅଧିକ କଡ଼ାକଡ଼ି କରାଯାଇଛି। ସାମ୍ପ୍ରତିକ ସଙ୍ଗୀନ କରୋନା ସ୍ଥିତିରେ ସମସ୍ତେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ମାନବସମ୍ବଳକୁ ପ୍ରତିପୋଷଣ ପାଇଁ ଶପଥ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ କହିଛନ୍ତି ଯେ, ଯଥାର୍ଥ ଶିକ୍ଷା ଓ ଦକ୍ଷତା ରହିଥିବା ସୁସ୍ଥ ଜନସଂଖ୍ୟା ଗୋଟିଏ ସମୃଦ୍ଧ ଜାତିର ଉତ୍‌ପ୍ରେରକ। ଏକ ଉନ୍ନତ ଜାତି ନିର୍ମାଣ ପାଇଁ ଶିକ୍ଷା, ତାଲିମ ଓ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ସାଙ୍ଗକୁ ସମ୍ବେଦନଶୀଳ ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖି ଆମର ମାନବସମ୍ବଳକୁ ପ୍ରତିପୋଷଣ କରିବା ନିମନ୍ତେ ଶପଥ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି ।

## ହଟସ୍ପଟ୍ ଅଂଚଳରୁ ଆସୁଥିବାରୁ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି : ବିଏମସି କମିଶନର

ଭୁବନେଶ୍ୱର,୧୧।୭ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ହଟସ୍ପଟ୍ ଅଂଚଳରୁ ଲୋକେ ଭୁବନେଶ୍ୱରରୁ ଆସୁଥିବାରୁ ଭୁବନେଶ୍ୱରରେ ସଂକ୍ରମଣ ବଢୁଛି। ବସ୍ତି ଅଂଚଳରେ କରୋନା ମୁକାବିଲା ପାଇଁ ସ୍ଲମ୍ କମିଟି ଗଠନ କରାଯାଇଛି। ସେହିପରି ୱାର୍ଡ କମିଟି ମାନେ ମଧ୍ୟ ସକ୍ରିୟ ଅଛନ୍ତି। ବସ୍ତି ଅଂଚଳରେ ଯେପରି ସଂକ୍ରମଣ ନବଢିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ। ବିଏମସି କମିଶନର କହିଛନ୍ତି ଯେ ବର୍ତମାନ କରୋନା ଏକ ଚ୍ୟାଲେଂଜ ଭାବେ ଉଭା ହୋଇଛି। ଏହାକୁ ମୁକାବିଲା କରିବା ପାଇଁ ନିଜ ଦାୟିତ୍ୱ ନିଜେ ନେବା। ବେଶି ଗହଳି ସ୍ଥାନକୁ ଯିବାନାହିଁ ଏବଂ ସବୁବେଳେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ବାହାରକୁ ଗଲେ ସାମାଜିକ ଦୂରତା ରକ୍ଷା କରନ୍ତୁ। ବଜାରକୁ ନଯାଇ ଅନଲାଇନ୍ ସପିଂ କରିବା ଏବଂ ମେଡିକାଲ ନଯାଇ ଟେଲି ମେଡିସିନ୍ ର ସହାୟତା ନେବାକୁ ସେ କହିଛନ୍ତି। ଫୋନ୍ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବା ଏବଂ ଔଷଧ ଅର୍ଡର କରିବା ଭଳି ଉପାୟ ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ରାଜଧାନୀରେ କରୋନା ସଂକ୍ରମିତଙ୍କ ସୂଚନା ଦେଇ ସେ କହିଥିଲେ ଯେ ଭୁବନେଶ୍ୱରରେ ଏଯାବତ ୬୪୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ସେଥିରୁ ୩୧୪ ସୁସ୍ଥ ହୋଇଥିବା ବେଳେ ୩୧୭ ଆକ୍ଟିଭ୍ କେସ ରହିଛି । ଶେଷ ୧୦ ଦିନରେ ଭୁବନେଶ୍ୱରରେ ୩୧୭ ପଜିଟିଭ ଚିହ୍ନଟ ହୋଇଛନ୍ତି, ଶେଷ ୧୦ ଦିନରେ ହସ୍ପିଟାଲ ଲିଙ୍କରେ ୬୧ ପଜିଟିଭ ବାହାରିଛନ୍ତି। ପଜିଟିଭ୍ ଙ୍କ ମଧ୍ୟରୁ ୨୧୨ ଆକ୍ରାନ୍ତଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଛ ଓ ୩୭ ଲୋକାଲ କେସ ରହିଛି।

# ବହିରାଗତ ଶ୍ରମିକଙ୍କୁ ନେଇ ଆତଙ୍କିତ ପାରାଦ୍ୱୀପ ଅଞ୍ଚଳବାସୀ

## ଝାଡଖଣ୍ଡରୁ ଆସିଥିବା ଶ୍ରମିକଙ୍କୁ ବିରୋଧକଲା ଯୁବକ ସଂଘ



ପାରାଦ୍ୱୀପ ,୧୧।୭ (ନି.ପ୍ର): ସମଗ୍ର ଦେଶରେ କୋରୋନା ଯେତେବେଳେ ତାର କାୟା ବିସ୍ତାର କରି ଚାଲିଛି ଏହାକୁ ନେଇ ସମଗ୍ର ଦେଶବାସୀ ଭୟଭିତ ଅବସ୍ଥା ଦେଇ ଗତି କରୁଛନ୍ତି । ସରକାର ଆନ୍ତଃରାଜ୍ୟ ପରିବହନ ଉପରେ ଅଙ୍କୁଶ ଲଗାଇଥିବା ବେଳେ ଏହାକୁ ଖେଲା ଉଲ୍ଲଘନ କରି ଚାଲିଛି ପାରାଦ୍ୱୀପ ରିଫାଇନାରୀ ଅଧିନରେ ଠିକା କାମ ନେଇଥିବା ଏଲ୍ଆଣ୍ଡଟି କମ୍ପାନୀ । ଶ୍ରମିକ ମାନଙ୍କୁ ବାହାର ରାଜ୍ୟରୁ ଆଣି ନିକଟସ୍ଥ ଗାଁରେ ରଖିବାକୁ ବିରୋଧ କରିଛନ୍ତି ଗ୍ରାମର ମହିଳା ଓ ଯୁବକମାନେ । ଘଟଣାରୁ ପ୍ରକାଶ ଯେ କୋରୋନା ମହାମାରୀର ଭୟାବହତା କୁ ନେଇ ସରକାର ଆନ୍ତଃରାଜ୍ୟ ପ୍ରବେଶ ଉପରେ କଟକଣା ଜାରି କରିଛନ୍ତି । ବହାର ରାଜ୍ୟରୁ ଆସୁଥିବା ଶ୍ରମିକମାନେ ଆଗେ ୧୪ଦିନିଆ କ୍ୱାରେନ୍‌ଟାଇନ୍ ରହିବେ ଏହା ପରେ କାମରେ ଯୋଗ ଦେବେ । ହେଲେ ଏହି ନିୟମକୁ ଖୋଲା ଉଲ୍ଲଘନ କରି ପାରାଦ୍ୱୀପ ରିଫାଇନାରୀର ଠିକା କାମ ନେଇଥିବା ଏଲ୍ଆଣ୍ଡଟି କମ୍ପନୀ ୪୧ଜଣ ଶ୍ରମିକଙ୍କୁ ଝାଡଖଣ୍ଡରୁ ଆଣି ବିବାଦ ମଧ୍ୟକୁ ଚାଲିଆସିଛି । ଏହି ଶ୍ରମିକ ମାନେ କ୍ୱାରେନ୍‌ଟାଇନ୍‌ରେ ନ ରହି ସିଧା ସଳଖ କାମରେ ଲାଗିଛନ୍ତି । ଏହି ଶ୍ରମିକ ମାନଙ୍କୁ ଏଲ୍ଆଣ୍ଡଟି କମ୍ପାନୀ ସ୍ଥାନୀୟ ବଗଦିଆ ଗାଁ ନିକଟରେ ରଖିଛି । ଏହାକୁ ତ୍ରିର୍ବ ବିରୋଧ କରିଛନ୍ତି ବଗଦିଆ ନୂଆସାହୀ ଗ୍ରାମର ମହିଳାମାନେ । ଗାଁର ଅନେକ ଲୋକ ସେଠାରେ କାମ କରୁଥିବାରୁ ସଙ୍କ୍ରମଣର ଆଶଙ୍କା ଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ସେମାନେ ବିନା ପରିକ୍ଷାରେ କିଭଳି କାମ କରୁଛନ୍ତି ପ୍ରଶାସନ ତୁରନ୍ତ କଡା ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି । ସେହିଭଳି ଏହି ଶ୍ରମିକ ମାନଙ୍କୁ ଶୁକ୍ରବାର ଦିନ ଅଠରବାଙ୍କୀ ମେଡିକାଲକୁ ରକ୍ତ ପରିକ୍ଷା ପାଇଁ ନିଆଯିବା ବେଳେ ସେମାନଙ୍କୁ ବିରୋଧ କରିଥିଲେ ପାରାଦ୍ୱୀପ ଯୁବକ ସଂଘ । ପ୍ରବାସୀ ଓଡିଆଙ୍କୁ ନିଯୁକ୍ତି ନଦେଇ ଓ ସ୍ଥାନୀୟ ବେକାରୀ ମାନଙ୍କୁ ନିଯୁକ୍ତି ନଦେଇ କମ୍ପାନୀ କାହିଁକି କୋରୋନା କଟକଣା ସମୟରେ ବାହାର ରାଜ୍ୟରୁ ଶ୍ରମିକଙ୍କୁ ଆଣି ନିଯୁକ୍ତି ଦେଉଛନ୍ତି ତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ପାରାଦ୍ୱୀପ ଯୁବକ ସଂଘ । ଏହାଦ୍ୱାରା ପାରାଦ୍ୱୀପ ଅଞ୍ଚଳରେ କୋରୋନା ବ୍ୟାପିବାର ସମ୍ଭାବନା ସୃଷ୍ଟି ହୋଇଛି। ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ପ୍ରଶାସନ ଯଦି ଏ ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ କୋରୋନା ପରିସ୍ଥିତି ଭୟାବହ ହୋଇପାରେ ବୋଲି ଅଭିଯୋଗ ହୋଇଛି। କେବଳ ଏଲ୍ଆଣ୍ଡଟି ନୁହେଁ ପାରାଦ୍ୱୀପ ବନ୍ଦରାଞ୍ଚଳରେ କାମ କରୁଥିବା ବିଭିନ୍ନ ସଂସ୍ଥାମାନେ ମଧ ବାହାର ରାଜ୍ୟରୁ ଶ୍ରମିକମାନଙ୍କୁ ଆଣି କାମରେ ଲଗାଉଛନ୍ତି । ପ୍ରଶାସନ ଏହା ଉପରେ ଏବେ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

## ଗଞ୍ଜାମ ଓ ଯାଜପୁର ଲୋକଙ୍କୁ ଅନୁଗୁଳ ଜିଲ୍ଲାରେ ପ୍ରବେଶ ଉପରେ କଟକଣା

ଭୁବନେଶ୍ୱର,୧୧।୭ (ନି.ପ୍ର): ଅନୁଗୁଳ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ବଢୁଥିବା କାରଣରୁ ଗଞ୍ଜାମ ଓ ଯାଜପୁର ଲୋକଙ୍କୁ ଅନୁଗୁଳ ଜିଲ୍ଲାରେ ପ୍ରବେଶ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରୀ କରା ଯାଇଛି । ଆକ୍ରାନ୍ତଙ୍କ ସଂଖ୍ୟା ବଢିବା କାରଣରୁ ସଂକ୍ରମିତଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ ଏହି କଡ଼ା ପଦକ୍ଷେପ ନେଇଛି ଅନୁଗୁଳ ଜିଲ୍ଲା ପ୍ରଶାସନ। ଗଞ୍ଜାମ ଓ ଯାଜପୁର ଲୋକଙ୍କୁ ଅନୁଗୁଳ ଜିଲ୍ଲାରେ ପ୍ରବେଶ ଉପରେ ଜିଲ୍ଲାପାଳ କଟକଣା ଜାରି କରିଛନ୍ତି। ଏହି ଦୁଇ ଜିଲ୍ଲା କରୋନା ହଟସ୍ପଟ୍ ହୋଇଥିବା ହେତୁ ଏଭଳି ନିଷ୍ପତି ନିଆଯାଇଛି। ଏବେ ଅନୁଗୁଳ ଜିଲ୍ଲା ପ୍ରଶାସନ ମଧ ଏଭଳି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛି। ଯଦି କେହି ବାଧ୍ୟବାଧକତା ଭିତରେ ଅନୁଗୁଳ ଜିଲ୍ଲାକୁ ଆସନ୍ତି, ତେବେ ତାଙ୍କ ପାଇଁ ୧୪ ଦିନ କ୍ୱାରେଂଟାଇନକୁ ବାଧ୍ୟତାମୂଳକ କରାଯାଇଥିବା ଜଣାଯାଇଛି।

# ନୀଳଗିରି ଓ ସାଲେପୁର ବିଧାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ନୀଳଗିରି,୧୧।୭ (ନି.ପ୍ର): କରୋନା ମହାମାରୀ ରୋଗ ଦିନକୁ ଦିନ କାୟା ବିସ୍ତାର କରୁଥିବାବେଳେ ଏହାର ପ୍ରଭାବ ଓଡିଶାରେ ଦିନକୁ ଦିନ ବଢିଚାଲିଛି। ଯେଉଁଥି ପାଇଁ ପ୍ରଶାସନକୁ ଚିନ୍ତା ଘାରିଛି। ରାଜ୍ୟରେ ପ୍ରଥମ ବିଧାୟକ ଭାବେ ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କର କରୋନା ପଜେଟିଭ ଆସିବା ପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ପରେ ବିଧାୟକ ଶ୍ରୀ ନାୟକଙ୍କ ସଂସ୍ପର୍ଶରେ ଆସିଥିବା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପଜେଟିଭ ବାହାରିବା ପରେ ରାଜ୍ୟ ମୁଖିଆଙ୍କର ଚିନ୍ତା ପଢିଯାଇଥିଲା। ନୀଳଗିରି ବିଧାୟକ ଶ୍ରୀଯୁକ୍ତ ନାୟକ ବାଲେଶ୍ୱର କୋଭିଡ-୧୯ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅଶ୍ୱନୀ କଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆଜି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବିଧାୟକ ମାନଙ୍କ ସହ କଥା ହୋଇ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ତାଙ୍କର ଆଶୁଆରୋଗ୍ୟ କାମନା କରି ହସ୍ପିଟାଲର ଚିକିତ୍ସା ସମ୍ପର୍କରେ ମଧ ଆଲୋଚନା କରିଥିଲେ। ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟ ମାନଙ୍କ ସହିତ ଉଭୟ ବିଧାୟକ ଯୋଗ ଦେଇ କରୋନା ପଜେଟିଭ ହେବା ପରେ ବିଧାନସଭା ବାଚସ୍ପତି ସୂର୍ଯ୍ୟାନାରାୟଣ ପାତ୍ର ଏହାକୁ ଗୁରୁତର ସହ ନେଇ ବିଧାନସଭାକୁ ପରିଶୋଧନ କରିବା ସହିତ ବିଧାନ ସଭାକୁ ବନ୍ଦ ରଖିଛନ୍ତି। ଏହି ଖବର ପ୍ରଚାରିତ ହେବା କ୍ଷଣି ନୀଳଗିରିରେ ବେଶ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଜାମ୍ମୁ କାଶ୍ମୀରରେ ଆଉ ଦୁଇ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ: ମୋଟ ମୃତ୍ୟୁ ସଂଖ୍ୟା ୧୬୪ ହେଲା

ଜାମ୍ମୁ, ୧୧ ଜୁଲାଇ (ହି.ସ.) ଜାମ୍ମୁ କାଶ୍ମୀରରେ କରୋନା ସଂକ୍ରମଣ ହେତୁ ମୃତ୍ୟୁ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଦିନ ରାଜ୍ୟରେ ଆଉ ଦୁଇଟ ଜଣ କରୋନା ଆକ୍ରାନ୍ତ ମୃତ୍ୟୁ ବରଣ କରିଛନ୍ତି । ଉଭୟ ମୃତ୍ୟୁ କାଶ୍ମୀର ଉପତ୍ୟକାରେ ଘଟିଛି। ଏହା ସହିତ ରାଜ୍ୟରେ ଏପର୍ଯ୍ୟନ୍ତ କରୋନା କାରଣରୁ ହୋଇଥିବା ମୃତ୍ୟୁ ସଂଖ୍ୟା ବଢି ୧୬୨ରେ ପହଂଚିଛି । ସୂଚନାନୁସାରେ, ମୃତ୍ୟୁବରଣ କରିଥିବା ଦୁଇ ରୋଗୀଙ୍କ ମଧ୍ୟରେ ହାକୁରା, ଅନନ୍ତନାଗର ୨୪ ବର୍ଷ ବୟସ୍କା ମହିଳା ଏବଂ ଶ୍ରୀନଗରର ହାଇଦରପୋରାର ଜଣେ ୭୭ ବର୍ଷ ବୟସ୍କ ବ୍ୟକ୍ତି ଅଛନ୍ତି। ଏସଏମଏଚଏସର ମେଡିକାଲ ଅଧୀକ୍ଷକ ଡକ୍ଟର ନାଜିର ଚୌଧୁରୀଙ୍କ କହିବା ଅନୁଯାୟୀ ଜୁଲାଇ ୩ ତାରିଖରେ ଭର୍ତି ହୋଇଥିବା ମହିଳା ଜଣଙ୍କ ସେ ବହୁତ ଅସୁସ୍ଥ ଥିଲେ ଏବଂ ଉଚ୍ଚ ରକ୍ତଚାପ ଏବଂ ଅନ୍ୟାନ୍ୟ ରୋଗରେ ପୀଡିତ ଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେ ସଂକ୍ରମଣରେ ମୃତ୍ୟୁ ବରଣ କରିଥିଲେ। ଅନ୍ୟପକ୍ଷରେ, ସ୍କିମର ଡାକ୍ତରୀ ଅଧୀକ୍ଷକ ଡକ୍ଟର ଫାରୁକ୍ ଜାନଙ୍କ ଅନୁଯାୟୀ, ଶ୍ରୀନଗରର ହାଇଦରପୋରାର ଜଣେ ବୃଦ୍ଧ ବ୍ୟକ୍ତି ଅତ୍ୟଧିକ ଅସୁସ୍ଥ ଥିଲେ ଏବଂ ଆଇଡିବି ବ୍ଲକରେ ଭେଣ୍ଟିଲେଟରରେ ଥିଲେ, ଯାହା ପରେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଜାମ୍ମୁ କାଶ୍ମୀରରେ ଏପର୍ଯ୍ୟନ୍ତ ୧୬୨ ସଂକ୍ରମିତ ଲୋକଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି, ସେଥିମଧ୍ୟରୁ ୧୪୭ ଜଣ କାଶ୍ମୀର ଡିଭିଜନରୁ ଏବଂ ୧୫ ଜଣ ଜାମ୍ମୁ ଡିଭିଜନରୁ ବୋଲି ଜଣା ପଡିଛି । ।

# ସପ୍ତାହଅନ୍ତ ସଟ୍ ଡାଉନ୍‌ରେ ଜନଶୂନ୍ୟ ସହର



ବାଲେଶ୍ୱର,୧୧।୭ (ନି.ପ୍ର): ସମ୍ପ୍ରତି ଦେଶରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଥମେ ଲକ୍ ଡାଉନ୍ ଓ ଅନ୍‌ଲକ୍-୧ପରେ ଚଳିତ ଜୁଲାଇ ମାସ ପହିଲାରୁ ଆରମ୍ଭ ହୋଇଛି ଅନଲକ୍-୨ । ତେବେ ଅନଲକ୍-୧ ତୁଳନାରେ ଅନଲକ୍-୨ରେ କେନ୍ଦ୍ର ସରକାର କଟକଣା କିଛି କୋହଳ କରିଥିବା ବେଳେ ଓଡ଼ିଶାରେ ବାଲେଶ୍ୱର ସମେତ ୧୦ଟି କରୋନା ପ୍ରବଣ ଜିଲ୍ଲାରେ ପୂର୍ବପରି ସପ୍ତାହ ଅନ୍ତ ଦୁଇଦିନିଆ ସଟ୍ ଡାଉନ୍ ବଳବତ୍ତର ରହିଛି। ଆଜି ଥିଲା ଅନଲକ୍-୨ର ଦ୍ୱିତୀୟ ସପ୍ତାହ ଅନ୍ତ ସଟ ଡାଉନର ପ୍ରଥମ ଦିନ। ବାଲେଶ୍ୱରରେ ବେଶ୍ ପ୍ରଭାବ ପକାଇଥିବା ପରିଲକ୍ଷିତ ହୋଇଛି। ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି। ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରୁଛନ୍ତି। ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଉଛି। ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିଛନ୍ତି। ଅନ୍ୟ ପକ୍ଷରେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍‌ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଛି। ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖୁଛନ୍ତି। ମୋଟ୍ ଉପରେ ସଚେତନ ଜିଲ୍ଲାବାସୀଙ୍କ ସହଯୋଗରୁ ବାଲେଶ୍ୱରରେ ଅନଲକ୍-୨ ର ଦ୍ୱିତୀୟ ସପ୍ତାହର ପ୍ରଥମ ଦିନ ସଟ୍ ଡାଉନ୍ ବାଲେଶ୍ୱରରେ ବେଶ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି।

# ଭୁବନେଶ୍ୱରରେ ଆଉ ୩୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧।୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ଶନିବାର ଗୋଟିଏ ଦିନରେ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨୬ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨ ଜଣ ଲୋକାଲ କଂଟାକ୍ଟ କେସ୍ ରହିଛନ୍ତି । ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୪୦କୁ ବୃଦ୍ଧି ପାଇଛି । ଅପରପକ୍ଷରେ ଭୁବନେଶ୍ୱରର ୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ୨୬ କ୍ୱାରେଂଟାଇନ୍ ମାମଲା ମଧ୍ୟରେ ବରମୁଣ୍ଡାର ୬୬ ବର୍ଷ ପୁରୁଷ, ଶାସ୍ତ୍ରୀନଗରର ୫୦ ବର୍ଷ ପୁରୁଷ, କ୍ୱାରେଂଟାଇନ୍ ସେଂଟରରେ ଥିବା ୪୦ ବର୍ଷ ମହିଳା, ବିଜେବି ନଗରରେ ଥିବା ଏକ ସରକାରୀ ଅଫିସର ୫୮,୪୬ ଓ ୧୮ ବର୍ଷର ପୁରୁଷ କର୍ମଚାରୀ, ଶୈଳଶ୍ରୀବିହାରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ୨୯ ବର୍ଷର ମହିଳା, ଘରୋଇ ହସ୍ପିଟାଲର ୨୩, ୨୪ଓ ୨୮ ବର୍ଷର ମହିଳା କର୍ମଚାରୀଙ୍କ ସମେତ ଶିଖରଚଣ୍ଡୀ ବସ୍ତିରେ ରହୁଥିବା ଜଣେ ୩୩ ବର୍ଷର ପୁରୁଷ ଯେ କି ଏକ ଘରୋଇ ହସ୍ପିଟାଲ ସହ ଜଡିତ ସେ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ମଂଚେଶ୍ୱର ଆଦିମାତା କଲୋନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ୭୦ ବର୍ଷର ପୁରୁଷ, କେଦାରଗୌରୀ ବିହାରରୁ ୧୯ ବର୍ଷର ଯୁବକ,ବିଡିଏ କଲୋନୀରୁ ୪୮ଓ ୬୨ ବର୍ଷ ପୁରୁଷ, କେନ୍ଦ୍ର ସରକାରଙ୍କ ପରିଚାଳିତ ହସ୍ପିଟାଲର ୨୭ ବର୍ଷର ମହିଳା କର୍ମଚାରୀ, କ୍ୱାରେଂଟାଇନ୍ ସେଂଟରରେ ଥିବା ୩୫ ବର୍ଷର ପୁରୁଷ, ରସୁଲଗଡରୁ ୨୩ ବର୍ଷର ମହିଳା, କଳିଙ୍ଗବିହାର କୋଳଥିଆର ଘରୋଇ ହସ୍ପିଟାଲର ୨୩ ବର୍ଷର ମହିଳା କମର୍ଚାରୀ, କଳିଙ୍ଗବିହାରର ଗୋଟିଏ ପରିବାରର ୧୭ ଓ ୩୯ ବର୍ଷର ମହିଳା, ପଳାଶୁଣିରୁ ୫୩ ବର୍ଷ ପୁରୁଷ , ନୟାପଲ୍ଲୀର ୨୭ ବର୍ଷର ଯୁବକ, ଦିଲ୍ଲୀରୁ ଫେରି କ୍ୱାରେଂଟାଇନ୍ ରେ ଥିବା ୩୫ ବର୍ଷର ପୁରୁଷ, ମୁମ୍ବାଇରୁ ଫେରିଥିବା ୪୮ ବର୍ଷ ପୁରୁଷ ଏବଂ ଆଚାର୍ଯ୍ୟ ବିହାରରୁ ୨୫ ବର୍ଷର ମହିଳା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଲୋକାଲ୍ କେସ୍ ମଧ୍ୟରୁ କୋଳଥିଆର ୫୬ ବର୍ଷ ପୁରୁଷ, ପୋଖରିପୁଟ କାରଗିଲ ବସ୍ତିରୁ ୪୦ ବର୍ଷ ପୁରୁଷ,ଭୀମଟାଙ୍ଗୀରୁ ୫୭ ବର୍ଷ ପୁରୁଷ, ବିଡିଏ କଲୋନୀ ଗୋଟିଏ ପରିବାରରୁ ୨୭ ଓ ୨୮ ବର୍ଷର ଦୁଇ ଜଣ ପୁରୁଷ, ଗଙ୍ଗନଗରର ଗୋଟିଏ ପରିବାରରୁ ୪୩ ବର୍ଷ ପୁରୁଷ, ୧୩ ବର୍ଷର ବାଳକ ଓ ୧୬ ବର୍ଷର ବାଳିକା , ନିଳାଦ୍ରୀବିହାରର ଗୋଟିଏ ପରିବାରରୁ ୪୪ ଓ ୨୧ ବର୍ଷର ମହିଳା ଓ ୨୩ ବଷର ପୁରୁଷଙ୍କ ସମେତ ନୟାପଲ୍ଲୀ ଏନ ୫ରୁ ୫୫ ବର୍ଷର ପୁରୁଷ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ୟୁନିଟ୍ ୧ ରୁ ଜଣେ, ନୟାପଲ୍ଲୀ ବାଲିତୋଟା ସାହିରୁ ଜଣେ, ମଂଚେଶ୍ୱରରୁ ୩ ଜଣ ଓ ବରମୁଣ୍ଡାରୁ ଜଣେ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ବର୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୪୦ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୧୪ ଜଣ ସୁସ୍ଥ ହୋଇଛନ୍ତି । ବର୍ତମାନ ୩୧୭ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ସେହିପରି କରୋନାରେ ୮ ଜଣଙ୍କ ମୃତ୍ୟୁ ଘଟିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo